

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୮ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 July 2026
Vol.No. 36 ■ No.178 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026
SAI SADHANA SCIENCE COLLEGE
+2 Sc. & +2 Arts
SAI SADHANA COLLEGE OF BASIC SCIENCE (+3)
(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)
Dibyasingpur, UDALA
100% first class result-2026
Contact No: 9437294587, 9437443950, 9937557158


## ଭାରତର ପ୍ରଧାନମନ୍ତ୍ରୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ



ନୂଆଦିଲ୍ଲୀ,୭/୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇଣ୍ଡୋନେସିଆ ଗସ୍ତରେ ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଅନେକ ବଡ଼ ଚୁକ୍ତି ହୋଇଛି। ଯେଉଁଥିରେ ଇଭିଏମ ନିର୍ମାଣରେ ସହାୟତା, ଅସ୍ତ୍ର କ୍ଷେପଣାସ୍ତ୍ର କ୍ରୟ, ବ୍ରହ୍ମୋସ କ୍ଷେପଣାସ୍ତ୍ର ପାଇଁ ବ୍ୟାଟେରୀ ଏବଂ ସବାଙ୍ଗ ବନ୍ଦରର ବିକାଶ ଆଦି ରହିଛି । ପ୍ରଧାନମନ୍ତ୍ରୀ ମୋଦୀ ଇଣ୍ଡୋନେସିଆ ସହିତ ଉତ୍ତମ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଜାକର୍ତ୍ତାରେ ସେ ଦୁଇ ଦେଶ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ, ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଐତିହାସିକ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିଛି, ଯାହାକୁ ଉଭୟ ଦେଶ ଏକାଠି ଆଗକୁ ନେବେ। ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସର୍ବୋଚ୍ଚ ସମ୍ମାନ ଦେବାକୁ ମଧ୍ୟ ଘୋଷଣା କରିଛି। ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋ ଘୋଷଣା କରିଛନ୍ତି ଯେ, ତାଙ୍କ ଦେଶ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କର ସର୍ବୋଚ୍ଚ ସମ୍ମାନ 'ବିନତାଙ୍ଗ ଆଦିପୂର୍ଣ୍ଣା ଅଫ୍ ଦି ରିପବ୍ଲିକ୍ ଅଫ୍ ଇଣ୍ଡୋନେସିଆ' ପଦକରେ ସମ୍ମାନିତ କରୁଛି। ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ ହେବା ପରେ, ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଏହି ସମ୍ମାନ କୋଟି କୋଟି ଭାରତୀୟଙ୍କର। ଏହା ଇଣ୍ଡୋନେସିଆର ଲୋକଙ୍କ ଭାବନା ଏବଂ ଭାରତ ତଥା ଇଣ୍ଡୋନେସିଆ ମଧ୍ୟରେ ଐତିହାସିକ ଏବଂ ଗଭୀର ସମ୍ପର୍କ ପ୍ରତି ଏକ ସମ୍ମାନ। ଇଣ୍ଡୋନେସିଆ ପାଇଁ ବିଶେଷ ଭାବରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍(ଇଭିଏମ) ବିକଶିତ କରିବାରେ ଭାରତ ଇଣ୍ଡୋନେସିଆକୁ ସହାୟତା କରିବ। ଏହା ବ୍ୟତୀତ, ଭାରତର ଏୟାର-ଟୁ-ଏୟାର ମିସାଇଲର ସଫଳତା ପରେ, ଇଣ୍ଡୋନେସିଆ ଭାରତଠାରୁ ଅସ୍ତ୍ର ମିସାଇଲ୍ କିଣିବାକୁ ନିଷ୍ପତ୍ତି ନେଇଛି। ଅତ୍ୟାବଶ୍ୟକୀୟ ଖଣିଜ ପଦାର୍ଥର ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ, ଭାରତ ଇଣ୍ଡୋନେସିଆରେ ଇସ୍ପାତ, ନିକେଲ ଏବଂ ବିରଳ ପୃଥିବୀ ସ୍ଥାୟୀ ଚୁମ୍ବକ ଉତ୍ପାଦନରେ ନିବେଶ କରିବ। ଇଣ୍ଡୋନେସିଆ ଏହାର ବ୍ରହ୍ମୋସ ଷ୍ଟକପାଇଲ୍ ବୃଦ୍ଧି କରୁଛି, ଏବଂ ଭାରତ ଏଥିପାଇଁ ବ୍ୟାଟେରୀ ଯୋଗାଇଦେବ। ପ୍ରଧାନମନ୍ତ୍ରୀ ମୋଦୀ ଜାକର୍ତ୍ତାରେ ପ୍ରବୋଓଙ୍କ ସହିତ ଏକ ମିଳିତ ବୈଠକରେ କହିଛନ୍ତି, ୨୦୧୮ ମସିହାରେ ଗଠିତ ଆମର ବ୍ୟାପକ ରଣନୈତିକ ସହଭାଗୀତା ଆଜି ଏକ ନୂତନ ଉଡ଼ାଣ ନେଉଛି। ଆମେ ବିକାଶ, ସୁରକ୍ଷା, ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରୁଛୁ। ମୁଁ ନିଶ୍ଚିତ ଯେ, ଭାରତ-ଇଣ୍ଡୋନେସିଆ ସହଭାଗୀତାରେ ଏକ ନୂତନ, ସୁବର୍ଣ୍ଣ ଅଧ୍ୟାୟର ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁଇ ଦେଶ ମଧ୍ୟରେ ବଢୁଥିବା ବିଶ୍ୱାସ ଆମର ପ୍ରତିରକ୍ଷା ଏବଂ ସାମୁଦ୍ରିକ ସହଯୋଗକୁ ମଜବୁତ କରୁଛି। ଆଜି ଆମେ ପ୍ରତିରକ୍ଷା ଆଦାନପ୍ରଦାନ, ବିପର୍ଯ୍ୟୟ ପରିଚାଳନା ଏବଂ ଶିଳ୍ପ ସହଯୋଗକୁ ବୃଦ୍ଧି କରିବାକୁ ସହମତ ହୋଇଛୁ। ଆଜିର ଚୁକ୍ତିନାମା ଦ୍ୱାରା ଭାରତର ଉଚ୍ଚମାନର ଏବଂ ସୁଲଭ ଔଷଧ ଇଣ୍ଡୋନେସିଆର ନାଗରିକମାନଙ୍କ ପାଇଁ ଅଧିକ ସହଜରେ ଉପଲବ୍ଧ ହେବ। ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଛନ୍ତି ଯେ, ଭାରତ ଇଣ୍ଡୋନେସିଆର ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା କର୍ମୀଙ୍କ ପାଇଁ କ୍ଷମତା ନିର୍ମାଣରେ ମଧ୍ୟ ଯୋଗଦାନ ଦେବ । ସେ କହିଛନ୍ତି, ଭାରତରେ ବିକଶିତ ଗହମ ବିହନର ଯୋଗାଣ ଇଣ୍ଡୋନେସିଆର ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ। ଆମେ ପରସ୍ପର ସହିତ ସ୍ଥାୟୀ କୃଷି ଏବଂ କୃଷି ପ୍ରଯୁକ୍ତିବିଦ୍ୟାରେ ସର୍ବୋତ୍ତମ ଜ୍ଞାନକୌଶଳ ମଧ୍ୟ ପ୍ରଦାନ କରିବୁ। ଭାରତ ଏବଂ ଇଣ୍ଡୋନେସିଆ ମିଳିତ ଭାବରେ ସାବାଙ୍ଗ ବନ୍ଦର ବିକଶିତ କରିବେ। ଏହି ବନ୍ଦରଟି ମାଲାକ୍କା ପ୍ରଣାଳୀ ନିକଟରେ ଅବସ୍ଥିତ ଏବଂ ଭାରତର ଗ୍ରେଟ୍ ନିକୋବର ବନ୍ଦର ପ୍ରକଳ୍ପରୁ ୧୦୦ ମାଇଲ ଦୂରରେ ଅବସ୍ଥିତ।

## ବିଉଟିଙ୍କ ଜୀବନ ନେଲା କି ବ୍ଲାକ୍‌ମେଲ୍? କଲ୍ ଡିଟେଲ୍ସ ବଢ଼ାଇଲା ବଡ଼ ସନ୍ଦେହ



ଭୁବନେଶ୍ୱର, ୦୭/୭ (ନି.ପ୍ର): ଆଇଆଇସି ବ୍ୟୁଟି ମହାନ୍ତି ଆତ୍ମହତ୍ୟା ପଛରେ ରହିଛି କି ବ୍ଲାକ ମେଲ୍ । କାରଣ ମୋବାଇଲ ଫୋନର ସିଡିଆର ଯାଞ୍ଚରୁ କିଛି କଲ ଦୀର୍ଘ ସମୟ ଧରି ରହିଥିବା ଜଣାପଡ଼ିଛି । ତେଣୁ ପାରିବାରିକ ସମସ୍ୟା, କର୍ମକ୍ଷେତ୍ରରେ ଚାପ ସହ ଏବେ ବ୍ଲାକମେଲ ଥିଓରିକୁ ଧରି ପୁଲିସ ତଦନ୍ତ ଆଗକୁ ବଢ଼ାଉଛି । ସିଡିଆର ଯାଞ୍ଚ, ପାହାଳ ପୁଲିସ ଏଏସଆଇଙ୍କୁ ପଚରାଉଚରା ସହ ତାର ମୋବାଇଲରୁ ପୋଲିସ ଆତ୍ମହତ୍ୟା ସମ୍ପର୍କିତ ସୁରାଗ ପାଇଁ ଖୋଳତାଡ଼ ଚାଲିଛି । ସେପଟେ ବ୍ୟୁଟି ମହାନ୍ତିଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଛି । ଚାଉଳିଆଗଞ୍ଜ ଥାନା ଆଇଆଇସି ବ୍ୟୁଟି ମହାନ୍ତିଙ୍କ ଆତ୍ମହତ୍ୟା ପଛର ରହସ୍ୟ ଭେଦ କରିପାରୁନି ପୁଲିସ। ଏହାରି ଭିତରେ କମିସନରେଟ ପୁଲିସ ବ୍ଲାକମେଲ ଥିଓରିକୁ ନେଇ ଖୋଳତାଡ କରୁଛି ।

◆◆ପୃଷ୍ଠା ୭

## ବିନା ଫିଟନେସ୍‌ରେ ଗାଡ଼ି ଚଳାଇଲେ ଜବତ ହେବ ଗାଡ଼ି

ଭୁବନେଶ୍ୱର, ୦୭/୭ (ନି.ପ୍ର): ବିନା ଫିଟନେସ୍‌ରେ ଗାଡ଼ି ଚଳାଇଲେ ଜବତ ହେବ ଗାଡ଼ି। ସଡ଼କ ଦୁର୍ଘଟଣା ରୋକିବାକୁ ରାଜ୍ୟ ପରିବହନ ପ୍ରାଧିକରଣର କଠୋର ନିଷ୍ପତ୍ତି। ଆରଟିଏ, ଏଆରଟିଓ ଏବଂ ଏନଫୋର୍ସମେଣ୍ଟ ଅଧିକାରୀଙ୍କୁ ସର୍କୁଲାର ଜାରି ହୋଇଛି। ସର୍କୁଲାର ଅନୁସାରେ, ବିନା ଫିଟନେସ୍ ସାର୍ଟିଫିକେଟରେ ଚଳାଚଳ କରୁଥିବା ଗାଡ଼ି ବିରୋଧରେ କେବଳ ଜରିମାନା ଲାଗୁ ହେବ ନାହିଁ, ବରଂ ଆବଶ୍ୟକ ସ୍ଥଳେ ମୋଟର ଯାନ ଆଇନର ଧାରା-୨୦୭ ଅନୁଯାୟୀ ଗାଡ଼ି ଜବତ କରାଯିବ । ଏପ୍ରିଲ ୧ରୁ ଜୁନ ୩୦, ୨୦୨୬ ମଧ୍ୟରେ ହୋଇଥିବା ଯାଞ୍ଚରେ ସାରା ରାଜ୍ୟରେ ୧ଲକ୍ଷ ୬୪ହଜାର ୮୮୨ଟି ଚାଲାଣ କଟାଯାଇଥିଲେ ମଧ୍ୟ ମାତ୍ର ୪୨୮ଟି ଗାଡ଼ି ଜବତ ହୋଇଛି। ବିନା ଫିଟନେସରେ ସହିତ ପଞ୍ଜିକରଣ, ପରମିଟ୍ କିମ୍ବା ବୀମା ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ି ବିରୋଧରେ ମଧ୍ୟ କଡ଼ା ଆଭିମୁଖ୍ୟ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ ସହ ସମନ୍ୱୟ ରଖି **VAHAN** ଓ **e-Challan** ଡ୍ୟାସବୋର୍ଡର ଆଲର୍ଟ ବ୍ୟବସ୍ଥାକୁ ମଧ୍ୟ ବ୍ୟବହାର କରାଯିବ। ରାଜ୍ୟ ସରକାର ସଡ଼କ ଦୁର୍ଘଟଣା ହ୍ରାସକୁ ମିଶନ୍ ଭାବେ ଗ୍ରହଣ କରିଥିବା ବେଳେ ସମସ୍ତ ଗାଡ଼ି ମାଲିକ ଓ ଚାଳକଙ୍କୁ ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବାକୁ ଅନୁରୋଧ କରାଯାଇଛି।

## ରମାଦେବୀ ବିଶ୍ୱବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଲେ ଛାତ୍ରୀ

ଭୁବନେଶ୍ୱର, ୦୭/୭ (ନି.ପ୍ର): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପୋଷ୍ଟର ଓ ବ୍ୟାନର ଚିରା ଘଟଣାକୁ ନେଇ ଛାତ୍ରୀ ଉତେଜନା ଦେଖାଦେଇଥିଲା। ଅଣଛାତ୍ରଙ୍କ ପ୍ରବେଶକୁ ବିରୋଧ କରି ଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପରିସରର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ଗେଟ୍ ରେ ତାଲା ପକାଇଥିଲେ। ଏହାଫଳରେ ଦୀର୍ଘ ସମୟ ଧରି ବିଶ୍ୱବିଦ୍ୟାଳୟ ଭିତରେ ଥିବା ଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ବାହାରକୁ ଆସିପାରୁନଥିବା ସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତି ଉତେଜନାପୂର୍ଣ୍ଣ ହେବାରୁ ସହିଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଛାତ୍ରୀମାନଙ୍କ ସହ ଆଲୋଚନା କରି ବୁଝାସୁଝା କରିଥିଲା। ବିଶ୍ୱବିଦ୍ୟାଳୟରେ ଉତେଜନା ଘଟଣାରେ କୁଳପତି ପ୍ରଫେସର ଜ୍ୟୋତ୍ସ୍ନା ରାଉତ କହିଛନ୍ତି ଦୁଇ ଛାତ୍ରୀଙ୍କ ମଧ୍ୟରେ ପୋଷ୍ଟର ମରାକୁ ନେଇ ବିବାଦ ହୋଇଥିଲା। ଏଥିରେ ଆମେ ହସ୍ତକ୍ଷେପ କରି ଆଲୋଚନାରେ ସମାଧାନ କରିଥିଲୁ।

## ନଦୀକୂଳରେ ସୃଷ୍ଟି ହେବ ସବୁଜ ବଳୟ: ୭ ପ୍ରମୁଖ ନଦୀ ପାର୍ଶ୍ୱରେ ଲାଗିବ ଲକ୍ଷ ଲକ୍ଷ ଚାରା




ଭୁବନେଶ୍ୱର, ୦୭/୭ (ନି.ପ୍ର): ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳୁଛି । ଆଉ ଏହାର ମୁକାବିଲା ପାଇଁ ବୃକ୍ଷରୋପଣ କରାଯିବା ଆବଶ୍ୟକ । ରାଜ୍ୟସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ସହ ସହରାଞ୍ଚଳରେ ପ୍ରଦୂଷଣ କମାଇବା ପାଇଁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି ସରକାର । ରାଜ୍ୟର ପ୍ରବାହିତ ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ ସୃଷ୍ଟି ହେଉଛି ପ୍ରଶସ୍ତ ସବୁଜ ବଳୟ । ସବୁଜ ମହାନଦୀ ମିଶନ ଅଧୀନରେ ମହାନଦୀ, ତେଲ୍, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧାରା ନଦୀ ପାର୍ଶ୍ୱରେ ୯ ଲକ୍ଷ ଚାରା ରୋପଣ କରାଯିବ । ବର୍ଦ୍ଧିତ ସବୁଜ ବଳୟ ଯୋଜନାରେ ୧୫ ଲକ୍ଷ ୯୩ ହଜାର ଚାରା ରୋପଣ ହେବ । ସହରାଞ୍ଚଳ ପ୍ରଦୂଷଣ କମାଇବା ପାଇଁ ଚଳିତ ବର୍ଷ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରା ଲଗାଇବାକୁ ଲକ୍ଷ୍ୟ ରଖିଛନ୍ତି ସରକାର । ରାଜ୍ୟସ୍ତରୀୟ ବନ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବଜ୍ରପାତରୁ ସୁରକ୍ଷା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ଗତ ଆର୍ଥିକ ବର୍ଷରେ ୧୭ ଲକ୍ଷ ୯୦ ହଜାର ତାଳ ଚାରା ରୋପଣ କରାଯାଇଛି । ଗତ ଦୁଇ ବର୍ଷରେ ଓଡ଼ିଶାରେ ୫୫୮ ବର୍ଗ କିଲୋମିଟର ବନ ଆବରଣ ବୃଦ୍ଧି ପାଇଛି । ଯାହା ଫଳରେ ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଓଡ଼ିଶା ଦେଶରେ ତୃତୀୟ ସ୍ଥାନରେ ରହିଛି । ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ । ବିକାଶ ଓ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ବନୀକରଣ କ୍ଷେତ୍ରରେ ଜନଭାଗୀଦାରି ଉପରେ ଗୁରୁତ୍ୱାରୋପ କରିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ । ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ନାଗରିକ ଓ ସାମାଜିକ ସଂଗଠନକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର କପିଳେଶ୍ୱର ହାଇସ୍କୁଲ ପଡିଆରେ ଆୟୋଜିତ ରାଜ୍ୟସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ଗଛ ଲଗାଇଥିଲେ ମୁଖ୍ୟମନ୍ତ୍ରୀ। ଏହା ସହ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାମରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୁଇଟି ସମିତିକୁ ପୁରସ୍କୃତ କରିଥିଲେ ।

## ଅନୁଗୋଳରେ ଫାଟିଲା ଗ୍ୟାସ୍ ପାଇପ୍ ଲାଇନ୍: ଅମଲାପଡ଼ାରେ ଲୋକେ ଆତଙ୍କିତ, ପରିସ୍ଥିତି ନିୟନ୍ତ୍ରଣରେ



ଅନୁଗୋଳ, ୦୭/୭ (ନି.ପ୍ର): ଅନୁଗୋଳ ସହରରେ ଗ୍ୟାସ୍ ପାଇପ୍‌ଲାଇନ୍ ଲିକ୍ ହେବା ଘଟଣାକୁ ନେଇ କିଛି ସମୟ ପାଇଁ ଆତଙ୍କ ସୃଷ୍ଟି ହୋଇଛି । ସହରର ଅମଲାପଡ଼ା କେନାଲ ରୋଡ୍ ଅଞ୍ଚଳରେ ଆଜି ସନ୍ଧ୍ୟାରେ ଏହି ଅଘଟଣ ଘଟିଛି । ଅନୁଗୋଳ ସହର ମଝିରେ ଆଜି ଏକ ବଡ଼ ଅଘଟଣ ଘଟିଥିଲା । ଅମଲାପଡ଼ା କେନାଲ ରୋଡରେ ଏକ ଗ୍ୟାସ୍ ପାଇପ୍ ଲାଇନ୍ ଫାଟି ଯାଇଛି । ବିପିସିଏଲ୍‌ର ଏହି ପାଇପ୍‌ଲାଇନ୍‌ରୁ ବ୍ୟାପକ ଗ୍ୟାସ୍ ଲିକ୍ ହୋଇଛି । ମଙ୍ଗଳବାର ସନ୍ଧ୍ୟା ସମୟରେ ଏହି ଘଟଣା ଘଟିଛି । ସେଠାରେ ଟିପିସିଓଡିଏଲ୍ ପକ୍ଷରୁ କିଛି ଭୂତଳ କାମ ଚାଲିଥିଲା । ଖୋଳାଖୋଳି ସମୟରେ ପାଇପ୍‌ଟି ଫାଟି ଯାଇଥିଲା । ସେଥିରୁ ବହୁ ପରିମାଣରେ ପିଏନ୍‌ଜି ଗ୍ୟାସ୍ ବାହାରିବାକୁ ଲାଗିଥିଲା । ଗ୍ୟାସ୍ ଗନ୍ଧରେ ସ୍ଥାନୀୟ ଲୋକେ ଖୁବ୍ ଆତଙ୍କିତ ହୋଇପଡ଼ିଥିଲେ । ଘଟଣା ସମ୍ପର୍କରେ ଖବର ମିଳିବା ମାତ୍ରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇଥିଲା । ଖବର ପାଇ ଦମକଳ ବାହିନୀ ସେଠାରେ ପହଞ୍ଚିଥିଲେ । ଟାଉନ୍ ଥାନା ପୋଲିସ ମଧ୍ୟ ଘଟଣାସ୍ଥଳକୁ ଆସିଥିଲେ । ବିପିସିଏଲ୍ କର୍ମଚାରୀମାନେ ପହଞ୍ଚି ଗ୍ୟାସ୍ ଲିକ୍ ରୋକିବାକୁ ଉଦ୍ୟମ କରିଥିଲେ । ପରେ ବିପିସିଏଲ୍‌ର ଟେକ୍ନିକାଲ୍ ଟିମ୍ ଆସି ସେଠାରେ ପହଞ୍ଚିଥିଲେ । ସେମାନେ ତୁରନ୍ତ ଲିକ୍ ସଜାଡ଼ିବା କାମ ଆରମ୍ଭ କରିଦେଇଛନ୍ତି । ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ କୌଣସି ବିପଦ ନାହିଁ । ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି । ସେହି ଫାଟିଥିବା ପାଇପ୍ ଦେଇ ଗ୍ୟାସ୍ ଯୋଗାଣ ସାମୟିକ ଭାବେ ବନ୍ଦ କରିଦିଆଯାଇଛି । ଖୁବଶୀଘ୍ର ପାଇପ୍ ମରାମତି କାମ ଶେଷ ହେବ । ଏହାପରେ ସେହି ଲାଇନ୍‌ରେ ପିଏନ୍‌ଜି ଯୋଗାଣ ପୁଣି ସ୍ୱାଭାବିକ କରାଯିବ । ତେଣୁ ଲୋକଙ୍କୁ ଭୟଭୀତ ନହେବା ପାଇଁ ସୂଚନା ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ ଚରିତ୍ର ସଂହାର କରିବା ପଡ଼ିଲା ମହଙ୍ଗା: ଏଆଇ ଭିଡିଓ ଭାଇରାଲ ଘଟଣାରେ ଆଉ ଜଣେ ଗିରଫ

ଭୁବନେଶ୍ୱର, ୦୭/୭ (ନି.ପ୍ର): ସାମାଜିକ ଗଣମାଧ୍ୟମରେ କୃତ୍ରିମ ବୁଦ୍ଧିମତା ବା ଏଆଇ ଜ୍ଞାନକୌଶଳର ଅପବ୍ୟବହାର କରି ମୁଖ୍ୟମନ୍ତ୍ରୀଙ୍କ ବିକୃତ ଭିଡିଓ ପୋଷ୍ଟ କରିବା ମହଙ୍ଗା ପଡ଼ିଛି । ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀଙ୍କ ଚରିତ୍ର ସଂହାର କରିବା ଅଭିଯୋଗରେ ଭୁବନେଶ୍ୱର ସାଇବର ଥାନା ପୋଲିସ ଆଉ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଯୁବକ ଜଣକ ହେଲେ ଅନୁଗୁଳ ଜିଲ୍ଲା ବାଗେଡିଆ ଥାନା ଅନ୍ତର୍ଗତ ମନୋରଞ୍ଜନ ପ୍ରଧାନ । ମିଳିଥିବା ସୂଚନା ଅନୁଯାୟୀ,

◆◆ପୃଷ୍ଠା ୭

## ଭୁବନେଶ୍ୱରରେ ନିର୍ମାଣ ହେବ ରାଜସ୍ୱ ଭବନ

ଭୁବନେଶ୍ୱର, ୦୭/୭ (ନି.ପ୍ର): ଭୁବନେଶ୍ୱରରେ ନିର୍ମାଣ ହେବ ନୂତନ ରାଜସ୍ୱ ଭବନ । ଲୋକସେବା ଭବନରେ ସ୍ଥାନ ଅଭାବ ଯୋଗୁଁ ୬୦୦ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ବିଲଡିଂ ନିର୍ମାଣ ହେବ । ମଙ୍ଗଳବାର ଅନୁଷ୍ଠିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତି ହୋଇଛି। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଭୁବନେଶ୍ୱରରେ ୬୦୦ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ବିଲଡିଂ ନିର୍ମାଣ କରାଯିବ। ସେହିପରି ନୂଆ ବିଲ୍ଡିଂକୁ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ଥାନାନ୍ତର ହେବ। ୧୮୦ କୋଟି ଟଙ୍କା ବ୍ୟୟ ରେ ବିପର୍ଯ୍ୟୟ ପରିଚାଳନା ଭବନ ନିର୍ମାଣ ହେବ। ଦେଢ଼ ବର୍ଷ ଭିତରେ ନିର୍ମାଣ କାମ ଶେଷ ହେବ। ଆସନ୍ତା ଅଗଷ୍ଟ ମାସରେ ଭିତି ପ୍ରସ୍ତର ସ୍ଥାପନ କରାଯିବ।

## ଡିଏମକେ ଉପରେ ବର୍ଷିଲେ ସୁପ୍ରିମକୋର୍ଟ: ବିଜୟଙ୍କ ବିରୋଧରେ କରିଥିଲେ ଆବେଦନ



ନୂଆଦିଲ୍ଲୀ,୭/୭ : ସେପ୍ଟେମ୍ବର ୨୦୨୫ କରୁର ଦଳାଚକଟା ମାମଲାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ ଏବଂ ଶାସକ ଦଳ ଟିଭିକେ ବିରୋଧରେ ହୋଇଥିବା ଏକ ଆବେଦନକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଡିଏମକେକୁ କଡ଼ା ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଏବଂ ଗସ୍ତକୁ ନିୟନ୍ତ୍ରିତ କରିବା ପାଇଁ ଦ୍ରାବିଡ଼ ମୁନ୍ନେତ୍ରା କାଝାଗାମର ଆବେଦନ ଉପରେ ଜଷ୍ଟିସ କେଭି ବିଶ୍ୱନାଥନ ଏବଂ ଜଷ୍ଟିସ ଆଲୋକ ଆରାଧେଙ୍କ ଏକ ବେଞ୍ଚ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ରାଜନୀତିକ ପ୍ରତିଶୋଧ ନେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ମଞ୍ଚକୁ ବ୍ୟବହାର କରୁଥିବାରୁ ବିରୋଧୀ ଦଳକୁ ସମାଲୋଚନା କରିଛନ୍ତି। 'ଆପଣ ପ୍ରକୃତରେ କ'ଣ କହିବାକୁ ଚାହୁଁଛନ୍ତି? ଆପଣ ଚାହୁଁଛନ୍ତି କି ମୁଖ୍ୟମନ୍ତ୍ରୀ କ'ଣ କରିବେ ତାହା ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ) ନିର୍ଦ୍ଦେଶ ଦେବେ?' ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରି ପଚାରିଥିଲେ। ମୁଖ୍ୟମନ୍ତ୍ରୀ ବିଜୟ କୌଣସି ଅଭିଯୁକ୍ତ ନୁହନ୍ତି ବୋଲି କୋର୍ଟ କହିଥିଲେ। 'ଆପଣ ବାକ୍ ସ୍ୱାଧୀନତା ଉପରେ ନିଷେଧାଦେଶ (ରୋକ) ଚାହୁଁଛନ୍ତି କି? ଆପଣ ନିଜର ମତ ରଖନ୍ତୁ... ଯେଉଁ ମାମଲାରେ ତଦନ୍ତ କରିବା ପାଇଁ ସିବିଆଇକୁ ନିଯୁକ୍ତ କରାଯାଇଛି, ସେଥିରେ ସୁପ୍ରିମକୋର୍ଟ ଜଣେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ବିବୃତ୍ତି ବିରୋଧରେ କିପରି ଆଦେଶ ଦେବେ?' ଡିଏମକେ ସାଧାରଣ ସମ୍ପାଦକ ଆର.ଏସ. ଭାରତୀଙ୍କୁ କ୍ଷୁବ୍ଧ ହୋଇ ଏହି ପ୍ରଶ୍ନ କରିଥିଲେ କୋର୍ଟ। ଡିଏମକେ ପକ୍ଷରୁ ଏହି ଆବେଦନକୁ ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରାଯାଇଥିଲା ଏବଂ କୋର୍ଟ ଏଥିରେ ସମ୍ମତି ପ୍ରକାଶ କରିଥିଲେ। ପୂର୍ବରୁ, ଡିଏମକେ-ର ଓକିଲ ଦାବି କରିଥିଲେ ଯେ 'ଅଭିଯୁକ୍ତମାନଙ୍କ ଦ୍ୱାରା ଏକ ମନଗଢ଼ା କାହାଣୀ ପ୍ରସ୍ତୁତ କରାଯାଉଛି'। ସୋମବାର ଦିନ, କୋର୍ଟ ଏହି ଆବେଦନକୁ ଜରୁରୀକାଳୀନ ଭିତ୍ତିରେ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ସହମତି ପ୍ରକାଶ କରିଥିଲେ। ଡିଏମକେଦାବି କରିଛି ଯେ ଏହି ବୈଠକ — ଯେଉଁଥିରେ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ଚାକିରି ପତ୍ର

◆◆ପୃଷ୍ଠା ୭

## ସିରିଆରେ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନ୍‌ଙ୍କ ହୋଟେଲ ବାହାରେ ଲାଲ କାର୍ ବିସ୍ଫୋରଣ



ନୂଆଦିଲ୍ଲୀ,୭/୭ : ସିରିଆର ରାଜଧାନୀ ଦାମାସକସ୍‌ରେ ଏକ ହୋଟେଲ ବାହାରେ ଗୋଟିଏ ପରେ ଗୋଟିଏ ଦୁଇ ଥର ବିସ୍ଫୋରଣ ହୋଇଥିବା ଖବର ମିଳିଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ଏହି ହୋଟେଲରେ ରହିଛନ୍ତି। ସିରିଆ ରାଷ୍ଟ୍ରପତି ଅଲ୍-ଶାରାଙ୍କ ନିମନ୍ତ୍ରଣରେ ମାକ୍ରନ୍ ଦାମାସକସ୍‌ରେ ଅଛନ୍ତି। ବୋମା ବିସ୍ଫୋରଣରେ ଛଅ

◆◆ପୃଷ୍ଠା ୭

# ବନ ମହୋତ୍ସବର ଷଷ୍ଠ ଦିବସରେ ମଛପଦାରେ ଜିଲ୍ଲାସ୍ତରୀୟ ବୃକ୍ଷରୋପଣ



ବୈଶିଙ୍ଗା , ୦୭/୦୭ (ନି.ପ୍ର): ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ଧ୍ୱଂସ ଯୋଗୁଁ ଅମ୍ଳଜାନର ଅଭାବ ହେବା ସାଙ୍ଗକୁ ଅନୀୟମିତ ବୃଷ୍ଟି ଯୋଗୁ ବର୍ତ୍ତମାନ ପରିବେଶ ପ୍ରଦୂଷଣ ଯୁକ୍ତ ହେବାରେ ଲାଗିଛି । ଏହାର ନିରାକରଣ କେବଳ ବୃକ୍ଷରୋପଣ ଦ୍ୱାରା ସମ୍ଭବ ବୋଲି ବନ ମହୋତ୍ସବରେ ମୂଖ୍ୟ ଅତିଥି ପ୍ରକାଶ କରିଥିଲେ । ଆଜି ବନ ମହୋତ୍ସବର ଷଷ୍ଠ ଦିବସରେ ବେତନଟୀ ବନାଞ୍ଚଳ ଅଧିନ ମଛପଦା ଠାରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ସକାଳ ୯ ଘଟିକା ସମୟରେ ମୂଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ପାଳ ହେମକାନ୍ତ ସଏ ଯୋଗ ଦେଇ ବନ ମହୋତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀ ଏବଂ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ସମ୍ମାନୀତ ଅତିଥି ଭାବେ ବଡ଼ସାହି ବିଧାୟକ ଉପସ୍ଥିତ ରହିଥିଲେ। ନେତନଟୀ ବନାଞ୍ଚଳର ଡେପୁଟି ରେଞ୍ଜର ଧୃବେନ୍ଦ୍ରନାଥ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାରିପଦା କନାଞ୍ଚଳ ଅଧିକାରୀ ଜଗଦୀଶ ଦାସ , ରାସଗୋବିନ୍ଦପୁର ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂ , ବାଙ୍ଗିରିପୋଷି ବନାଞ୍ଚଳ ଅଧିକାରୀ ମହେଶ୍ୱର ସିଂ , ଭଦଳା ଉପ ବନାଞ୍ଚଳ ଅଧିକାରୀ ସୁଶାନ୍ତ ବାଗ୍ , ଏବଂ ବେତନଟୀ ବନପାଳ କାର୍ତ୍ତିକ ରାଉତ ,ବୈଶିଙ୍ଗା ବନପାଳ ଅଙ୍କୁର ମହାଲିକ , ବଡାମପୁର ବନପାଳ ଦୀପକ ପାତ୍ର, କୃଷ୍ଣଚନ୍ଦ୍ରପୁର ବନପାଳ ପଦ୍ମାବତୀ ବେହେରା ପ୍ରମୂଖ ଙ୍କ ସମେତ ବାରିପଦା ବନଖଣ୍ଡ ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ମଛପଦାର ଏହି ସ୍ଥାନରେ ୩୨ ହଜାର ଚାରା ରୋପଣ କରା ଯିବ ବୋଲି ଧୃବେନ୍ଦ୍ର ନାଥ ନାଏକ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ମଛପଦା ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହିଥିଲେ । ଏଥି ସହିତ ସମ୍ବାଦପତ୍ର ପ୍ରତିନିଧି ମାନେ ଉପସ୍ଥିତ ରହିଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

କେନ୍ଦୁଝର, ୦୭/୦୭ (ନି.ପ୍ର):କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଆଜିର ଏହି ଶିବିରରେ ମୋଟ ୧୭୫ ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି।ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୪୭ ଟି, ସାମୁହିକ ଅଭିଯୋଗ ୨୮ଟି, ରେଡକ୍ରସ ସହାୟତା ପାଇଁ ଗୋଟିଏ ଆବେଦନ ଗ୍ରହଣ କରାଯାଇଛି।, ୪୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିଯୋଗ ପ୍ରକୋଷ୍ଠରେ ମହାସମାଧାନ ଶିବିର : ୭୯ଟି ଅଭିଯୋଗର ଶୁଣାଣି

ଝାରସୁଗୁଡ଼ା, ୦୭/୦୭ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଆଜି ଏକ ମିଳିତ ଜନ ଅଭିଯୋଗ ଶୁଣାଣି ତଥା 'ମହାସମାଧାନ ଶିବିର' ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି. ଆର. ରାଘବେନ୍ଦ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେନ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଶକ୍ତି ପ୍ରସାଦ ପାଢ଼ୀ ଏବଂ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ସମୀକ୍ଷା କରିଥିଲେ।

ଏହି ଶିବିରରେ ସମୁଦାୟ ୭୯ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୫୭ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବା ବେଳେ ୨୨ଟି ସାମୂହିକ ବା ଗୋଷ୍ଠୀଗତ ସମସ୍ୟା ରହିଥିଲା। ଆସିଥିବା ଆବେଦନଗୁଡ଼ିକ ମଧ୍ୟରୁ ୨ଟି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଘଟଣାସ୍ଥଳରେ ହିଁ ତତ୍କାଳ ସମାଧାନ କରାଯାଇଥିଲା। ବାକି ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆଶୁ ପଦକ୍ଷେପ ନେବା ପାଇଁ ହସ୍ତାନ୍ତର କରାଯାଇଛି। ମୌସୁମୀ ସମୟରେ ପୌରାଚଂଳ, ବିଭିନ୍ନ ଆବାସିକ କୋଠା ଏବଂ କଲୋନୀଗୁଡ଼ିକରେ ସୃଷ୍ଟି ହେଉଥିବା ଜଳବନ୍ଦୀ ଓ ଜଳ ନିଷ୍କାସନ ସମସ୍ୟାକୁ ଜିଲ୍ଲାପାଳ ଗମ୍ଭୀରତାର ସହ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ଡ୍ରେନେଜ୍ ବ୍ୟବସ୍ଥାର ସମୀକ୍ଷା ଓ ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମାନବିକତା ଦୃଷ୍ଟିକୋଣରୁ, ଆବଶ୍ୟକ କାଗଜପତ୍ରର ଅଭାବ ସତ୍ତ୍ୱେ ଜଣେ ଅସହାୟ ବ୍ୟକ୍ତିଙ୍କ ଚିକିତ୍ସା ଓ ଯତ୍ନ ପାଇଁ ତାଙ୍କୁ ନିଶାମୁକ୍ତି କେନ୍ଦ୍ରରେ ଭର୍ତ୍ତି କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମାଧାନ ଶିବିରରେ ମୁଖ୍ୟତଃ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ, ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ, ରାସନ କାର୍ଡରୁ ନାମ କଟିଯିବା, ନିଯୁକ୍ତି ସମ୍ବନ୍ଧୀୟ ସମସ୍ୟା, ଜମି ପଟ୍ଟା ବା ଏଲ.ଆର.ସି ମିଳିବାରେ ସମସ୍ୟା, ବିଦ୍ୟୁତ ସବ୍-ଷ୍ଟେସନ ପ୍ରତିଷ୍ଠା, ଅବକାରୀ ସମ୍ପର୍କିତ ମାମଲା, ସରକାରୀ ଜମି ବିବାଦ, ବେଆଇନ ମଦ ଭାଟି ସମ୍ବନ୍ଧୀୟ, ଜାତୀୟ ରାଜପଥ-୪୯ର ସମସ୍ୟା ଏବଂ ଆୟୁଷ ହସ୍ପିଟାଲରେ ଔଷଧ ସେବା ଯୋଗାଣ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆବେଦନ ଆସିଥିଲା। ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆବଶ୍ୟକୀୟ ପରାମର୍ଶ ଓ ପ୍ରତିଶ୍ରୁତି ଦେଇଥିଲେ।

# ସାରା ଦେଶରେ ଶ୍ରେଷ୍ଠ ଦଶ ମେଡିକାଲ କଲେଜ ମଧ୍ୟରେ ସ୍ଥାନ ପାଇଲା ଏମ୍ସ ଭୁବନେଶ୍ୱର



ଭୁବନେଶ୍ୱର, ୦୭/୦୭ (ନି.ପ୍ର): ଉତ୍କର୍ଷତାର ଉଲ୍ଲେଖନୀୟ ଯାତ୍ରା ଜାରି ରଖିବା ସହିତ, ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର, ପ୍ରତିଷ୍ଠିତ ଇଣ୍ଡିଆ ଟୁଡେ-ଏମଡିଆରଏ ମେଡିକାଲ କଲେଜ ସର୍ଭେ ୨୦୨୬ରେ ସମଗ୍ର ଦେଶରେ ଦଶମ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ଉନ୍ନତ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଯାହାକି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ମେଡିକାଲ୍ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତାର ଦ୍ରୁତ ବର୍ଦ୍ଧିତ ପ୍ରତିଷ୍ଠାର ପ୍ରମାଣ ଦେଇଛି।

ଏହି ମାଇଲଖୁଂଟ ଶିକ୍ଷାଗତ ଉତ୍କର୍ଷତା, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଇଂଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମୀକ ଉତ୍କର୍ଷତା', 'ଭିତ୍ତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତ୍ତିଗତ ଉନ୍ନତି ଏବଂ ପ୍ଲେସମେଂଟ ଆଦି ଭଳି ପାଂଚଟି ବ୍ୟାପକ ପାରାମିଟରକୁ ନେଇ ଗଠିତ ମାପଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଂଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବରେ କରାଯାଇଛି ।

ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ମାନ୍ୟତା ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବରେ ଉଭା ହୋଇଛି। ଏହିପରି ଜାତୀୟ ରାଙ୍କିଂରେ ଆମର ନିରନ୍ତର ବୃଦ୍ଧି ଭବିଷ୍ୟତର ଚିକିତ୍ସକଙ୍କୁ ପ୍ରସ୍ତୁତ କରିବା ସହିତ ସର୍ବୋତ୍ତମ ରୋଗୀ ଫଳାଫଳ ସୁନିଶ୍ଚିତ କରିବା ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରଦର୍ଶନ କରେ।'

୨୦୨୧ରେ ଏହି ସର୍ଭେରେ ଏମ୍ସ ଭୁବନେଶ୍ୱର ୨୫ତମ ସ୍ଥାନ ପାଇଥିଲା। ୨୦୨୬ ରେ ଏହି ସୂଚୀରେ ୧୦ମ ସ୍ଥାନକୁ ଉନ୍ନୀତ ହେବା ଏମ୍ସର ଦଳଗତ କାର୍ଯ୍ୟ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପରାକାଷ୍ଠାର ନିଦର୍ଶନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜଗତ ପ୍ରସାଦ ନଡ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସମଗ୍ର ପୂର୍ବ ଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଏଭଳି ସଫଳତାରେ ଖୁସି ବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡ଼ା, ଡିନ୍ (ପରୀକ୍ଷା) ଡ. ମନସ୍ୱିନୀ ମଙ୍ଗରାଜ, ଡିନ୍ (ଗବେଷଣା) ଡ. ବୈଜୟନ୍ତୀମାଳା ମିଶ୍ର, ଡିଡିଏ ଲେଫ୍ଟନାଂଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଂଜନ ସିଂହ, ଡ. ସୌଭାଗ୍ୟ କୁମାର ଜେନା, ଡ. ସଞ୍ଜୟ କୁମାର ଗିରି ପ୍ରମୁଖ ଯୋଗ ଦେଇଥିଲେ।

# ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୦୭/୦୭ (ନି.ପ୍ର): ସ୍ୱାଭିମାନୀ, ସୃଜନଶୀଳ ସଂପୂର୍ଣ୍ଣ ବ୍ୟକ୍ତିତ୍ୱ, ଜନନାୟକ ଓ ଦୂରଦ୍ରଷ୍ଟା ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ୬ ଜୁଲାଇ ୧୯୦୧ ରେ ପଶ୍ଚିମବଙ୍ଗର କୋଲକାତାରେ ଜନ୍ମଗ୍ରହଣ କରିଥିଲେ । ସେ ସ୍ୱାଧୀନତା ପୂର୍ବ ଏବଂ ପରବର୍ତ୍ତୀ ଯୁଗରେ ଭାରତର ରାଜନୈତିକ ଏବଂ ଆଦର୍ଶଗତ ଦୃଶ୍ୟପଟ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ସର୍ ଆଶୁତୋଷ ମୁଖାର୍ଜୀଙ୍କ ପୁତ୍ର ଡ. ମୁଖାର୍ଜୀ ଜଣେ ମେଧାବୀ ଛାତ୍ର ଭାବରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ. ଏବଂ ଏମ୍.ଏ. ସମାପ୍ତ କରିଥିଲେ ଏବଂ ପରେ ବାରିଷ୍ଟର ହେବା ପାଇଁ ଇଂଲଣ୍ଡ ଯାଇଥିଲେ । ତାଙ୍କର ତୀକ୍ଷଣ ବୁଦ୍ଧି ଏବଂ ନେତୃତ୍ୱ ଗୁଣ ତାଙ୍କୁ ଯୁବାବସ୍ଥାରୁ ଏକ ପ୍ରମୁଖ ବ୍ୟକ୍ତି ଭାବେ ପ୍ରତିପାଦିତ କରିଥିଲା। ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ କେବଳ ଜଣେ ରାଜନୈତିକ ନେତା ନଥିଲେ ବରଂ ଜଣେ ଜାତୀୟତାବାଦୀ ଚିନ୍ତକ ଏବଂ ସଂସ୍କାରକ ଥିଲେ । 'ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ, ନେହିଁ ଚଲେଗା' ସ୍ଲୋଗାନ ଦେଇଥିବା ଡକ୍ଟର ମୁଖାର୍ଜୀ ଭାରତର ଅଖଣ୍ଡତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ଐତିହ୍ୟ ଆମକୁ ମନେ ପକାଇ ଦିଏ ଯେ ଜାତୀୟ ଏକତା, ସାଂସ୍କୃତିକ ଗର୍ବ ଏବଂ ନିର୍ଭୀକ ନେତୃତ୍ୱ ଏକ ରାଷ୍ଟ୍ରର ପ୍ରଗତି ପାଇଁ ଅତ୍ୟାବଶ୍ୟକ ।

ଆଜି ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରର ସତ୍‌ସଙ୍ଗ ବିହାରସ୍ଥିତ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ, ବିଧାୟକ ଶ୍ରୀ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର ଓ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନୈତିକ, ସାମାଜିକ, ସାଂସ୍କୃତିକ ସଂଗଠନର କାର୍ଯ୍ୟକର୍ତ୍ତା ପ୍ରମୁଖ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

ଏହି ଅବସରରେ ସୂଚନା ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ଗୁର୍ବୀ ସିଂହ, ଯୁଗ୍ମନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆଲୋଚନା ଚକ୍ର ଅନୁଷ୍ଠିତ

ଜୟପୁର , ୦୭/୦୭ (ନି.ପ୍ର): ବିକ୍ରମ ଦେବ ବର୍ମା ଚିନ୍ତା ଓ ଚେତନା ପରିଷଦ ଜୟପୁର ତରଫରୁ ମହାରାଜା ବିକ୍ରମ ଦେବ ବର୍ମା ଙ୍କ ର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ହରି ହର କରସୁଧା ପଟ୍ଟନାୟକ ମହର୍ଷି ବିକ୍ରମ ବର୍ମା ଙ୍କ ଜୀବନୀ ଓ ସାହିତ୍ୟିକ କୃତି ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇ ଥିଲେ। ଜୟପୁର ରାଜା ଏକା ଧାରାରେ ଏକ ବିଶିଷ୍ଟ ସାହିତ୍ୟକ, ସୁ ଶାସକ, ଦକ୍ଷ ପଣ୍ଡିତ ଥିଲେ। ଜୟପୁର ର ଗର୍ବ ଓ ଗୌରବ। ଏହି କାର୍ଯ୍ୟକ୍ରମ ର ସଂଚାଳନ କରିଥିଲେ ନିରଞ୍ଜନ ପାଣିଗ୍ରାହୀ। ପ୍ରଧାନ ଶିକ୍ଷୟତ୍ରୀ ବି ସୁଜାତା, ସିଟି ଇଂରାଜୀ ବିଦ୍ୟାଳୟ ର ଅଧକ୍ଷ ସୁଧାକର ପଟ୍ଟନାୟକ ଓ ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।

# ସୁଏଲପୁରରେ ଶ୍ରୀ ଶ୍ୟାମ ମନ୍ଦିର ବାଲେଶ୍ୱର ଧାମ ପ୍ରତିଷ୍ଠା ଉତ୍ସବ



ବାଲେଶ୍ୱର , ୦୭/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସୁଏଲ ପୁର ର ଭୋଗିଲାଲ ଙ୍କ ଘର ନିକଟରେ ଶ୍ରୀ ଶ୍ୟାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ସଭାପତି ଦ୍ୱାରିକା ପ୍ରସାଦ ମୋରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସମ୍ପାଦକ ବିଜୟ କୁମାର ଚୌଧୁରୀ ଟ୍ରେଜେରାର ସନ୍ତୋଷ ମୋଦି ପ୍ରମୁଖ ଯୋଗ ଦେଇଥିଲେ । ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ପାଳିତ ହେବ । ପ୍ରଥମ ଦିନରେ ସମ୍ପାଦକ ବିଜୟ କୁମାର ଚୌଧୁରୀ ଙ୍କ ନେତୃତ୍ୱରେ ଏକ ବିଶାଳ କଳସ ଯାତ୍ରା ଝଡେଶ୍ୱର୍ ମନ୍ଦିର ପ୍ରାଙ୍ଗଣରୁ ବାହାରି ବିଭିନ୍ନ ପ୍ରକାରର ବାଦ୍ୟ ଖୂଳ କୁବଜୀ ରେ ସଙ୍କୀର୍ତ୍ତନ କରି ସହର ପରିକ୍ରମା କରି ସୁଏଲପୁର ନୂତନ ଶ୍ୟାମ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ । ଯେଉଁ ଭକ୍ତ ଶ୍ରଦ୍ଧାଳୁ ସ୍ତ୍ରୀ ଲୋକ କଳସ ଯାତ୍ରା ଭାଗ ନେଇଥିଲେ ସେମାନଙ୍କୁ ଅତ୍ୟଧିକ ଖରାପାଇଁ ମାରୁୱାଡ଼ି ଯୁବ ସଂଘ ତରଫରୁ ପାଣି ଓ ସର୍ବତ ର ବ୍ୟବସ୍ଥା ହୋଇଥିଲା। ଭକ୍ତ ଶ୍ରଦ୍ଧାଳୁ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ମନ୍ଦିର ହୋମ କୁଣ୍ଡ ନିକଟରେ ନିଜ ନିଜର କଳସ ସ୍ଥାପନ କରିଥିଲେ । ଦଶଜଣ ବ୍ରାହ୍ମଣ ଦ୍ୱାରା ଶ୍ରୀ ଶ୍ୟାମ ଦେବ ଙ୍କ ପୂଜା ପାଠ ରେ ପ୍ରୋକମ୍ପିତ ହୋଇଥିଲା । ଏପରିକି ୩ ତାରିଖରେ ପ୍ରଥମ ଦିନରେ ଶ୍ରୀ ଶ୍ୟାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ହୋମ କଳସ , ଦ୍ୱିତୀୟ ଦିନ ୪ ତାରିଖରେ ଭୋଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସଙ୍ଗେ ସଙ୍ଗେ ଶ୍ରୀ ଶ୍ୟାମ ବାବା ଙ୍କର ବିଷୟରେ ପଣ୍ଡିତ ମାନଙ୍କ ଦ୍ୱାରା ଶାସ୍ତ୍ରୀୟ ଆଲୋଚନା , ୫ ତାରିଖ ଦିନ ରେ ଅଖଣ୍ଡ ପାଠ କରାଯିବ ବୋଲି ସ୍ଥିର କରିବା ସଙ୍ଗେ ସଙ୍ଗେ ଭକ୍ତ ଓ ଶ୍ରଦ୍ଧାଳୁମାନ ଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା। ଚତୁର୍ଥ ଦିନ ୬ ତାରିଖରେ ଶ୍ରୀ ଶ୍ୟାମ ବାବାଙ୍କ ବିଶାଳ ନିଶାନି ଯାତ୍ରା ରେ ୫ ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତମାନେ ଶ୍ୟାମ ବାବାଙ୍କ ଫଟୋ ଚିତ୍ର ଓ ବିଭିନ୍ନ ପ୍ରକାର ବାଦ୍ୟ , ଡିଜେ, ଖୁଳ, କୁବଜୀ, ସହ ଘୋଡ଼ା କୁ ସୁସଜ୍ଜିତ କରି ନାନା ରଙ୍ଗର ପତାକା ନେଇ ସହର ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ । ପ୍ରସାଦ ସେବନ ମଧ ହୋଇଥିଲା ହଜାର ହଜାର ସଂଖ୍ୟାରେ ଭକ୍ତ ପ୍ରସାଦ ସେବନ କରିଥିଲେ । ଏହି କାର୍ଯ୍ୟ କ୍ରମକୁ ଅଭୟ ମିଶ୍ର , ଗିରିଶ ମିଶ୍ର , ସୁଶିଲ ଜେନା , ନବୋଲ ଅଗ୍ରୱାଲ , ପୀୟୂଷ ଆଜମେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା

ଜୟପୁର, ୦୭/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସଭା ଗୃହରେ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ବିଚାରକ ମଣ୍ଡଳୀ ଭାବରେ ଶିକ୍ଷକ ଏନ. ରାଜେଶ କୁମାର , ଶିକ୍ଷକ ସତ୍ୟ ନାରାୟଣ ଆଚାରୀ, ତାରାଭଟା ଓଏଭି ବିଦ୍ୟାଳୟର ଆର୍ଟ ଶିକ୍ଷକ ଅରବିନ୍ଦ ଦାଶ , ବୋରିଗୁମ୍ମା ସାମ୍ବାଦିକ ସଂଘ ସଭାପତି ବିଜୟ ନାରାୟଣ ସାହୁ,ଓ ନୂଆଗାଁ ଶିକ୍ଷକ ରାଜେଶ ନାୟକ ଯୋଗଦାନ କରିଥିଲେ।

ଏହି ସମାଜ ସୃଜନ ଶୀଳ ଓଡିଶା କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ମଂଚାସିନ ଅତିଥି ମାନଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ। ଏହି ପେରିପେକ୍ଷୀରେ ଚିତ୍ରାଙ୍କନ ପ୍ରତିଯୋଗିତାର ବିଷୟ ଥିଲା 'ଗୋପବନ୍ଧୁଙ୍କ ସମୟର ଗ୍ରାମୀଣ ଜନଜୀବନ ' ।

# ପୁରୀରେ ରଥଯାତ୍ରା ପାଇଁ ପାନୀୟ ଜଳ ବ୍ୟବସ୍ଥାର ସମୀକ୍ଷା

## ■ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କ୍ଷେତ୍ର ପରିଦର୍ଶନ

## ■୪୨ଏମଏଲଡି ଜଳ ବିଶୋଧନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

ପୁରୀ/ ଭୁବନେଶ୍ୱର, ୦୭/୦୭ (ନି.ପ୍ର): ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଏବଂ ଏଥିପାଇଁ ପୁରୀକୁ ଆସିବାକୁ ଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଏକ ବ୍ୟାପକ ସମୀକ୍ଷା କରିବା ସହ ସହରରେ ନିର୍ମାଣାଧୀନ ନୂତନ ୪୨ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟର କାର୍ଯ୍ୟ ଅନୁଧାନ କରିଛନ୍ତି। ଉତ୍ସବ ସମୟରେ ନିରବଚ୍ଛିନ୍ନ ଭାବେ ସୁରକ୍ଷିତ ଓ ସ୍ୱଚ୍ଛ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ପ୍ରସ୍ତୁତିର ଆକଳନ କରିବା ପାଇଁ ମନ୍ତ୍ରୀ ଡଃ ମହାପାତ୍ର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ । ଏହି ବୈଠକରେ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି, ବିଭାଗୀୟ ବରିଷ୍ଠ ଅଧିକାରୀ, ଯନ୍ତ୍ରୀ ଓ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ରଥଯାତ୍ରା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ ସ୍ୱତନ୍ତ୍ର ବ୍ୟବସ୍ଥା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । କ୍ଷେତ୍ର ପରିଦର୍ଶନ ସମୟରେ ଡଃ ମହାପାତ୍ର ୪୨ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟର ପ୍ରମୁଖ ଅଂଶ ଯେପରିକି କ୍ଲାରିଫାୟର୍, ଫିଲଟ୍ରେସନ୍ ୟୁନିଟ୍, ଯନ୍ତ୍ରପାତି ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମିର ଅଗ୍ରଗତି ପରିଦର୍ଶନ କରିଥିଲେ । ପୁରୀ ସହରର ବର୍ତ୍ତମାନ ଓ ଭବିଷ୍ୟତର ଜଳ ଆବଶ୍ୟକତା ପୂରଣ ଦିଗରେ ଏହି ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ଗୁଣବତ୍ତା ବଜାୟ ରଖିବା ସହ କାମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।'ରଥଯାତ୍ରା ସମୟରେ ପୁରୀର ଜନସଂଖ୍ୟା ବହୁଗୁଣିତ ହୋଇଯାଏ । ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନିରବଚ୍ଛିନ୍ନ ଭାବେ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ଆମର ସର୍ବୋଚ୍ଚ ପ୍ରାଥମିକତା । ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ସଂସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଆବଶ୍ୟକ,' ବୋଲି ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ।

ଶ୍ରୀ ଜଗନ୍ନାଥ ମନ୍ଦିର ଚାରିପାଖ, ସେବାୟତ , /ତୀର୍ଥଯାତ୍ରୀଙ୍କ ରହଣି ସ୍ଥଳ, ଅସ୍ଥାୟୀ ଶିବିର ଏବଂ ସହରର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ କରାଯାଇଥିବା ବ୍ୟବସ୍ଥାର ସମୀକ୍ଷା ମନ୍ତ୍ରୀ ଡଃ ମହାପାତ୍ର କରିଥିଲେ । ଜଳ ଯୋଗାଣ ନେଟୱାର୍କର କ୍ରମାଗତ ନିରୀକ୍ଷଣ କରିବା ସହ ପାୱାର ବ୍ୟାକଅପ୍ ବ୍ୟବସ୍ଥା ଏବଂ ଜରୁରୀକାଳୀନ ପଦକ୍ଷେପ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଜଳ ଯୋଗାଣରେ କୌଣସି ଅପ୍ରତ୍ୟାଶିତ ବାଧା ଦୂର କରିବା ପାଇଁ ୱାଟକୋ ପକ୍ଷରୁ ଭ୍ରାମ୍ୟମାଣ ପାଣି ଟାଙ୍କି, ଅସ୍ଥାୟୀ ଜଳ ବଣ୍ଟନ କେନ୍ଦ୍ର ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଦଳକୁ ପ୍ରସ୍ତୁତ ରଖାଯାଇଛି । ତୁରନ୍ତ ସେବା ଏବଂ ନିରବଚ୍ଛିନ୍ନ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ରଥଯାତ୍ରା ସମୟରେ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟ କରିବ। ମନ୍ତ୍ରୀ ଡଃ ମହାପାତ୍ର ଅଧିକାରୀ ଓ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏବଂ ଗୁଣବତ୍ତା ସହ କୌଣସି ପ୍ରକାରର ଆପୋଷ ବୁଝାମଣା ନକରି ଜଳ ବିଶୋଧନ ପ୍ଲାଣ୍ଟ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଧାରିତ ମାନଦଣ୍ଡରୁ କୌଣସି ପ୍ରକାରର ଅବହେଳା କିମ୍ବା ବିଚ୍ୟୁତିକୁ ଗମ୍ଭୀରତାର ସହ ନିଆଯିବ ବୋଲି ସେ ଦୋହରାଇଛନ୍ତି ।

ରଥଯାତ୍ରା ସମୟରେ ଉନ୍ନତମାନର ସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମନ୍ତ୍ରୀ କହିଛନ୍ତି ଯେ ସମସ୍ତ ଭକ୍ତ ଓ ବାସିନ୍ଦାଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳର ନିରବଚ୍ଛିନ୍ନ ସୁବିଧା ସହ ଏକ ସୁରୁଖୁରୁ, ସୁରକ୍ଷିତ ଏବଂ ସୁସଂଗଠିତ ରଥଯାତ୍ରା ସୁନିଶ୍ଚିତ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ୱାଟକୋ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ମଙ୍ଗଳପୁର, ୦୭/୦୭ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୟୁଥ ରେଡ କ୍ରସ ୟୁନିଟ ତରଫରୁ ବନମୋହତ୍ସବ ପାଳିତ ହୋଇଯାଇଛି। ଏଥିପାଇଁ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ବେହେରା ଏବଂ ଯୁବ ରେଡ କ୍ରସର ପରାମର୍ଶଦାତା ପ୍ରଶାନ୍ତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୦ ଜଣ ସ୍ୱେଚ୍ଛାସେବୀ ବିଦ୍ୟାଳୟ ପରିସରରେ ୧୦୦ ଟି ବୃକ୍ଷଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଷ୍ଟାଫ ଆସୋସିଏସନର ସମ୍ପାଦକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଷ୍ଟାଫ କାଉନସିଲର ସମ୍ପାଦକ ଡକ୍ଟର ପଙ୍କଜ କୁମାର ଜେନା, ଜାତୀୟ ସେବା ଯୋଜନା ଅଧିକାରୀ ସୁଜିତ କୁମାର ଗୋଛାୟତ, ପିଜିଟି କସ୍ତୁରୀ ପଳତା, ଇତିଶ୍ରୀ ମହଲା, ଗଜେନ୍ଦ୍ର କବି, ଶାନ୍ତନୁ କୁମାର ପାତ୍ର, ମନୋଜ କୁମାର ଶବର ଓ ଶିକ୍ଷା କର୍ମଚାରୀ ଭରତ ଚନ୍ଦ୍ର ବାରିକ ଯୋଗ ଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟକ୍ରମର ସଫଳତା ପାଇଁ ସକ୍ରିୟ ସହଯୋଗ କରିଥିଲେ। ରୋପିତ ବୃକ୍ଷଚାରା ଗୁଡ଼ିକର ସୁରକ୍ଷା ନିମନ୍ତେ ଚତୁର୍ପାଶ୍ୱରେ ତାରବାଡ଼ କରାଯାଇଥିଲା।

ବିଚିତ୍ରା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ୦୮ ଜୁଲାଇ ୨୦୨୬, ବୁଧବାର

# ରାଷ୍ଟ୍ରୀୟ ପ୍ରଗତି ଓ ଶିକ୍ଷାର ବିକାଶ

ଅଧ୍ୟାପକ ଗୋପବନ୍ଧୁ



ଯେ କୌଣସି ରାଷ୍ଟ୍ରର ବିକାଶ ଶିକ୍ଷାର ବିକାଶ ଉପରେ ନିର୍ଭରଶୀଳ। ଶିକ୍ଷାଦୃଷ୍ଟିରୁ ଗୋଟିଏ ଅନଗ୍ରସର ଦେଶ କ୍ଷୀପ୍ରଭାବେ ଆଗକୁ ବଢିବା ସମ୍ଭବପର ନୁହେଁ। ଯେଉଁ ଦେଶଗୁଡ଼ିକ ଆଜି ବିକଶିତ ରାଷ୍ଟ୍ରଭାବେ ବିବେଚିତ ହେଉଛନ୍ତି, ଅନୁଧ୍ୟାନରୁ ଉପଲବ୍ଧି କରାଯାଇପାରେ ଯେ ତାଙ୍କ ବିକାଶ ପଛରେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତବର୍ଷ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ ହେଲେ ତାଙ୍କ ତୁଲ୍ୟ ଆମକୁ ମଧ୍ୟ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ହେବ। ଏ ଦିଗରେ ଉଭୟ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। କେବଳ ସ୍ଲୋଗାନ ଆମକୁ ବିଶ୍ୱଗୁରୁ ବନାଇବ ନାହିଁ। ଏଥିପାଇଁ ଆମକୁ ଭିତ୍ତିଭୂମି ତିଆରି କରିବାକୁ ପଡ଼ିବ। ଏଦିଗରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ବୌଦ୍ଧିକ ଚେତନାର ବିକାଶ ଘଟାଇବା ସହିତ ଶ୍ରେଷ୍ଠତା ପ୍ରାପ୍ତିର ମାର୍ଗ ଅନ୍ୱେଷଣ ଦିଗରେ ସହାୟକ ହେବ।

ଶିକ୍ଷାକୁ ନେଇ ଚୀନରେ ଏକ ସୁନ୍ଦର ଲୋକ କଥନ ରହିଛି। ତାହା ହେଉଛି 'ତୁମେ ଯଦି ଗୋଟିଏ ବର୍ଷରେ ଫଳ ପାଇବାକୁ ଚାହୁଁଛ ତେବେ ଧାନ ଚାଷ କର, ତୁମେ ଯଦି ଗୋଟିଏ ଦଶକରେ ଫଳ ପାଇବାକୁ ଚାହୁଁଛ ତେବେ ଗଛ ଲଗାଅ, ତୁମେ ଯଦି ଜୀବନ ତମାମ ଫଳ ପାଇବାକୁ ଚାହୁଁଛ ତେବେ ପିଲାଙ୍କୁ ପାଠ ପଢାଅ।' ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧି ଆନ୍ଦୋଳନର ଅଦ୍ୱିତୀୟ ନେତା ନେଲସନ ମଣ୍ଡେଲାଙ୍କ ମତରେ 'ଶିକ୍ଷା ହେଉଛି ଏପରି ଶକ୍ତିଶାଳୀ ଅସ୍ତ୍ର ଯାହା ସାହାଯ୍ୟରେ ତୁମେ ସାରା ବିଶ୍ୱକୁ ବଦଳାଇ ଦେଇପାରିବ'। ଦାସତ୍ୱ ପ୍ରଥାର ଉଚ୍ଛେଦ କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଯୁକ୍ତରାଷ୍ଟ୍ର ଆମେରିକାର ସୁପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ମତରେ ଗୋଟିଏ ସୁଦୃଢ଼ ଦେଶର ସମସ୍ତ ନାଗରିକ ଏକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହେବା ଆବଶ୍ୟକ। ଚୀନରେ ସାମ୍ୟବାଦର ପ୍ରତିଷ୍ଠାତା ମାଓ-ସେ-ତୁଙ୍ଗ କହିଥିଲେ ଦେଶର କୋଟିକୋଟି ଶିଶୁରୂପକ କଢ଼ିକୁ ଶିକ୍ଷା ମାଧ୍ୟମରେ ପ୍ରସ୍ଫୁଟିତ କରାଯାଇ ପାରିବ। ସମ୍ବିଧାନର ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ମତରେ ଶିକ୍ଷା ପୂର୍ଣ୍ଣତା ଦିଏ, ଶିକ୍ଷା ସଚେତନ କରାଏ, ଶିକ୍ଷା ସମତା ଭାବକୁ ଜାଗ୍ରତ କରାଏ, ଶିକ୍ଷା ସଂଘର୍ଷର ବାଟ ବତାଏ। ତେଣୁ ଭାରତବର୍ଷରେ ଉଭୟ ସାମାଜିକ ଓ ଆର୍ଥିକ ବିକାଶପାଇଁ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଅତ୍ୟନ୍ତ ଜରୁରୀ। ଶିକ୍ଷାର ବ୍ୟାପକ ପ୍ରସାର ବିନା ଏହା ଅସମ୍ଭବ।

ଏକ ତୁଳନାତ୍ମକ ବିଚାରକଲେ ଶିକ୍ଷାଦୃଷ୍ଟିରୁ ଆମର ବର୍ତ୍ତମାନ ସ୍ଥିତି କଣ ତାହା ସହଜରେ ଜଣା ପଡ଼ିଯିବ। ୨୦୧୧ ମସିହାର ଜନଗଣନା ଅନୁଯାୟୀ ଭରତବର୍ଷରେ ଶିକ୍ଷାର ହାର ହେଉଛି ଶତକଡା ୭୪ ଭାଗ ଓ ଓଡିଶାରେ ହେଉଛି ଏହି ହାରରୁ ସାମାନ୍ୟ କମ୍ ଶତକଡା ୭୨ ଭାଗ। ଏବେ ଏ ହାର ସାମାନ୍ୟ ବୃଦ୍ଧି ପାଇଥିବାର ସୂଚନା ମିଳୁଛି। ଆମ ଦେଶରେ କେରଳ ହେଉଛି ସର୍ବାଧିକ ଶିକ୍ଷିତ ରାଜ୍ୟ, ଯାହାର ଶିକ୍ଷା ହାର ଶତ ପ୍ରତିଶତକୁ ଛୁଇଁଛି। ତା ତଳକୁ ଅଛି ଗୋଆ। ଦୁଃଖର କଥା ଯେ ସ୍ୱାଧୀନତାର ଦୀର୍ଘବର୍ଷ ପରେବି ଦେଶରେ ଶତ ପ୍ରତିଶତ ଶିକ୍ଷାହାର ପ୍ରାପ୍ତ ହୋଇପାରି ନାହିଁ। ସଂଖ୍ୟାଧିକ ଅଶିକ୍ଷିତ ଲୋକ ପ୍ରାୟତଃ ଆଦିବାସୀ, ଦଳିତ ଓ ଓବିସି ବର୍ଗରେ ଅଛନ୍ତି। ନାରୀମାନେ ମଧ୍ୟ ତୁଳନାତ୍ମକ ଭାବେ ପଛରେ ଅଛନ୍ତ। ଶିକ୍ଷାଗତ ବିଷମତା ଯୋଗୁଁ ଦେଶରେ ବିଷମ ସମାଜ ତିଆରି ହୋଇଛି। କେଉଁଠି ନା କେଉଁଠି ଶିକ୍ଷା ପ୍ରସାର ଯୋଜନା ଦେଶରେ ବିଫଳ ହୋଇଛି। ଯୋଜନାରେ ତ୍ରୁଟି ରହିଛି କିମ୍ବା ଏହାକୁ କାର୍ଯ୍ୟକାରୀ କରିବାରେ ଆନ୍ତରିକତାର ଅଭାବ ରହିଛି। ଦେଶରେ ଯେଉଁମାନଙ୍କୁ ଶିକ୍ଷିତରେ ଗଣା ହେଉଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଠିକ୍ ଭାବରେ ପଢି ପାରିବେ ନାହିଁ କି ଲେଖି ପାରିବେ ନାହିଁ।

ଆମେ ୧୯୪୭ ମସିହାରେ ସ୍ୱାଧୀନ ହେଲୁ। ଆମର ଦୁଇବର୍ଷ ପରେ ଅର୍ଥାତ ୧୯୪୯ ମସିହାରେ ଚୀନରେ ବିପ୍ଳବ ମାଧ୍ୟମରେ କ୍ଷମତାର ପରିବର୍ତ୍ତନ ହେଲା ଓ ସାମ୍ୟବାଦୀ ଶାସନ ପ୍ରତିଷ୍ଠା ହେଲା। ମାତ୍ର ୩୦ ବର୍ଷ ମଧ୍ୟରେ ଚୀନ ନୂତନ ପୀଢ଼ିକୁ ଶତପ୍ରତିଶତ ଶିକ୍ଷିତ କରାଇ ପାରିଥିଲା। ଏବେ ଚୀନର ସାମଗ୍ରିକ ଶିକ୍ଷାହାର ପାଖାପାଖି ଶତପ୍ରତିଶତ। ସେହିପରି କ୍ୟୁବା ଏକ ଛୋଟଦେଶ ଯେଉଁଠାରେ ବିପ୍ଳବୀ ସରକାର ୧୯୭୯ ରେ ସ୍ଥାପିତ ହୋଇଥିଲା। ସେ ଦେଶ ମଧ୍ୟ ଶିକ୍ଷା ଦୃଷ୍ଟିରୁ ଆମଠାରୁ ବହୁ ଆଗରେ। ସେଠାକାର ତତକାଳୀନ ରାଷ୍ଟ୍ରପତି ଫିଡ଼େଲ କାଷ୍ଟ୍ରୋ ଥରେ ଗର୍ବର ସହିତ କହିଥିଲେ ଯେ ମୋ ଦେଶର ସଫେଇ କର୍ମଚାରୀମାନେ ମଧ୍ୟ ସ୍ନାତକୋତ୍ତର। ବିଶ୍ୱର ଅନେକ ଦେଶରେ ଶିକ୍ଷାର ହାର ଶତପ୍ରତିଶତ। କେବେବି ଏମାନଙ୍କ ସହିତ ଆମେ ନିଜକୁ ତୁଳନା କରୁନା। ଆମେ ଅପେକ୍ଷାକୃତ ଦୁର୍ବଳ ରାଷ୍ଟ୍ର ପାକିସ୍ଥାନ, ବାଙ୍ଗଲାଦେଶ, ଶ୍ରୀଲଙ୍କା ପରି ଦେଶ ସହିତ ନିଜକୁ ତୁଳନା କରିଥାଉ। ଯେଉଁ ଦେଶମାନଙ୍କୁ ଆମେ ବିକଶିତ ରାଷ୍ଟ୍ର ବୋଲି କହୁଛୁ ସେ ସମସ୍ତ ଦେଶରେ ଶିକ୍ଷାର ହାର ବହୁ ଉପରେ ରହିଛି। ଆମ ଦେଶରେ ଶିକ୍ଷାର ବିକାଶ ଯେଉଁ ମନ୍ଥର ଗତିରେ ହେଉଛି, ଆମକୁ ସେହି ସ୍ତରରେ ପହଞ୍ଚିବାକୁ ହେଲେ ଆହୁରି ଅନେକ ଦଶନ୍ଧି ଲାଗିଯବ। ବିଶ୍ୱଗୁରୁ ହେବାର ସ୍ୱପ୍ନ କଳ୍ପନାରେ ରହିଯିବ। ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଆମେ ବହୁ ପଛରେ। ଗ୍ରାଜୁଏସନ ବା ସ୍ନାତକକୁ ସର୍ବନିମ୍ନ ଉଚ୍ଚଶିକ୍ଷା ବୋଲି ଗ୍ରହଣ କଲେ ବିକଶିତ ରାଷ୍ଟ୍ରମାନଙ୍କରେ ଏହା ପାଖାପାଖି ଶତକଡା ୫୦ ଭାଗ। କାନାଡାରେ ଗ୍ରାଜୁଏଟ୍ ମାନଙ୍କ ସଂଖ୍ୟା ସର୍ବାଧିକ ୫୬% ରହିଛି। ପ୍ରତିଦ୍ୱନ୍ଦୀ ଚୀନବି ବହୁ ଆଗରେ ରହିଛି। ସେହି ତୁଳନାରେ ଆମ ଦେଶରେ ଏ ହାର ମାତ୍ର ଶତକଡା ୫ ଭାଗ। ବିକଶିତ ରାଷ୍ଟ୍ରଗୁଡ଼ିକ ଉଚ୍ଚଶିକ୍ଷାର ପ୍ରସାର ଦିଗରେ ଯେଉଁ ଗୁରୁତ୍ୱ ଦିଅନ୍ତି ଆମେ ସେହି ଗୁରୁତ୍ୱ ଦେଉନା। କାରଣ ସେମାନେ ଜାଣିଛନ୍ତି ବିକାଶର ମୂଳଆଧାର ହେଉଛି ଶିକ୍ଷା। କେବଳ ଉଚ୍ଚ ଶିକ୍ଷିତମାନେ ଦେଶକୁ କ୍ଷୀପ୍ରଗତିରେ ଆଗକୁ ନେଇ ପାରିବେ। ଉଚ୍ଚଶିକ୍ଷା ବୌଦ୍ଧିକତାର ବିକାଶ ଘଟାଏ। ଏହା ପ୍ରଗତୀର ମାର୍ଗକୁ ଉନ୍ମୁକ୍ତ କରେ। ସମାଜରୁ ବିଭେଦତା ଦୂରକରେ। ସମାଜକୁ ଐକ୍ୟବଦ୍ଧ କରେ ଓ ଦେଶକୁ ଏକ ଉନ୍ନତ ସ୍ତରକୁ ନେଇଯିବାକୁ ଚେଷ୍ଟା କରେ। ଏକଥାକୁ ବୋଧହୁଏ ଆମ ରାଷ୍ଟ୍ରନୀତିଜ୍ଞମାନେ ଏଯାଏଁ ଉପଲବ୍ଧି କରିନାହାଁନ୍ତି। ତେଣୁ ସ୍ୱାଧୀନତା ପରଠାରୁ ଏହାକୁ ଏତେ ଗୁରୁତ୍ୱର ସହିତ ବିବେଚନା କରାଯାଇ ନାହିଁ। ଏବେତ ଅବସ୍ଥାରେ ଆହୁରି ଅବନତି ଦେଖାଯାଉଛି।

ଆମ ଦେଶରେ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା କେବଳ ପ୍ରଗତିକୁ ତ୍ୱରାନ୍ୱିତ କରିବ ତାହା ନୁହେଁ, ଏହା ସହିତ ବହୁ ପୁରାତନ ସାମାଜିକ ବୈଷ୍ୟମକୁ ଦୂରକରିବା ସହିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ମଧ ଲଗାମ ଲଗାଇବ। ଉଚ୍ଚଶିକ୍ଷା ବ୍ୟକ୍ତିତ୍ୱ ବିକାଶର ଅମୋଘ ଅସ୍ତ୍ର। ସମାଜରେ ଦେଖାଦେଉଥିବା ଜାତିଗତ ଭେଦଭାବ ଓ ଧାର୍ମିକ ବିଭେଦ ଅନେକାଂଶରେ ଉଚ୍ଚଶିକ୍ଷାର ପ୍ରସାର ମାଧ୍ୟମରେ ରୋକାଯାଇ ପାରିବ। ଉଚ୍ଚଶିକ୍ଷିତମାନେ ସମାଜରେ ନିଜ ପରିଚୟ ତିଆରି କରିବାକୁ ଚେଷ୍ଟା କରନ୍ତି। ଏହା ତାଙ୍କୁ ବିକଶିତ ହେବାକୁ ପ୍ରେରିତ କରେ। ଅନେକ ବ୍ୟକ୍ତିଙ୍କ ଏତାଦୃଶ୍ୟ ପ୍ରୟାସ ରାଷ୍ଟ୍ରକୁ ଆଗେଇ ନେବାରେ ସହାୟକ ହୁଏ। ଶିକ୍ଷା ମନୁଷ୍ୟର ବିଚାରଶୀଳତାକୁ ବିକଶିତ କରାଏ। ଅନ୍ୟ ପକ୍ଷରେ ଅଶିକ୍ଷିତଙ୍କ ମଧ୍ୟରେ ଅନ୍ଧଭକ୍ତଙ୍କ ସଂଖ୍ୟା ବୃଦ୍ଧିପାଏ, ଯେଉଁମାନେ ରାଷ୍ଟ୍ରକୁ ରସାତଳକୁ ନେଇଯିବାର କାମ କରନ୍ତି। ରାଜନୈତିକ ଦଳ ଓ ବ୍ୟକ୍ତିମାନେ ଏମାନଙ୍କୁ ସହଜରେ ବ୍ୟବହାର କରିପାରନ୍ତି। ଭିଡତନ୍ତ୍ରର ସୃଷ୍ଟିପାଇଁ ଜାଣିଶୁଣି ଲୋକଙ୍କୁ ଅଶିକ୍ଷିତ ରଖିବାର ପ୍ରୟାସ ହୁଏ। ବିଗତ ବର୍ଷମାନଙ୍କରେ ଏ ଅବସ୍ଥା ଦେଖିବାକୁ ମିଳୁଛି। ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କୁ ରାଜନୈତିକ ଆଖଡାରେ ପରିଣତ କରାଯାଉଛି। ଏଗୁଡ଼ିକୁ ଧ୍ୱଂସ କରିବାର ପ୍ରୟାସ ହେଉଛି। ଶିକ୍ଷାର ଘୋରଇକରଣ ପରିସ୍ଥିତିକୁ ଆହୁରି ଜଟିଳ କରୁଛି।

ବିକଶିତ ରାଷ୍ଟ୍ରମାନଙ୍କରେ ଶିକ୍ଷା ବଜେଟ୍ ପ୍ରାୟତଃ ଆମ ଦୁଇଗୁଣ। ଆମ ଦେଶରେ ଶିକ୍ଷା ବଜେଟ୍ ଜିଡ଼ିପିର ଶତକଡ଼ା ତିନି ଭାଗରୁ ସାମାନ୍ୟ ଅଧିକ। ଆମ ପ୍ରତିଦ୍ୱନ୍ଦୀ ଚୀନର ଶିକ୍ଷା ବଜେଟ୍ ପାଖାପାଖି ୧୦%। ଏପରି ପରିସ୍ଥିତିରେ ଆମେ ବିଶ୍ୱଗୁରୁ ହେବା କିପରି ? ତେଣୁକରି ଆମ ଦେଶରେ ଶିକ୍ଷା ବଜେଟ୍ ଜିଡ଼ିପିର ଅନ୍ୟୁନ ୧୦% ହେବା ଉଚିତ୍। ଚାଲିଥିବା ସର୍ବଶିକ୍ଷା ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ପଡିବ। ଆଗାମୀ ଏକ ଦଶକ ମଧ୍ୟରେ ଦେଶର ସମସ୍ତ ନାଗରୀକଙ୍କୁ ଶିକ୍ଷିତ କରିବାର ଯୋଜନା ତିଆରି କରିବାକୁ ପଡିବ। ଏତତ୍ ବ୍ୟତୀତ ଆମକୁ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। ଆଗାମୀ ଦୁଇ ଦଶକ ମଧ୍ୟରେ ଅନ୍ୟୁନ ୫୦% ଲୋକଙ୍କୁ ସର୍ବନିମ୍ନ ଗ୍ରାଜୁଏଟ ବନାଇବାର ଯୋଜନା ପ୍ରସ୍ତୁତ କରିବାକୁ ପଡିବ। ସର୍ବଶିକ୍ଷା ଓ ଉଚ୍ଚଶିକ୍ଷାର ଏ ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଭାଗୀତା ଓ ସଂକଳ୍ପ ଅତ୍ୟନ୍ତ।

+ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ଭାରତର ଗ୍ରାମୀଣ ବିକାଶରେ ଏକ ନୂତନ ସୂର୍ଯ୍ୟୋଦୟ

ସୌଭାଗ୍ୟ ରଂଜନ ମହାନ୍ତି



ଭାରତ ବର୍ଷର ଗ୍ରାମୀଣ ଅର୍ଥନୀତି ଏବଂ ଶ୍ରମିକ କଲ୍ୟାଣ ଇତିହାସରେ ଆଜି ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ହୋଇଛି, ଯେଉଁଠାରେ ଦୀର୍ଘ ଦୁଇ ଦଶନ୍ଧି ଧରି ଚାଲି ଆସିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ମନରେଗା)ର ସ୍ଥାନ ନେଇଛି ଅତ୍ୟନ୍ତ କାଳୋପଯୋଗୀ ଏବଂ ସମୟୋପଯୋଗୀ 'ବିକଶିତ ଭାରତ-ଗ୍ୟାରେଂଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ୍ (ଗ୍ରାମୀଣ), ବା 'ଭିବି-ଜି ଆରଏଏମ୍ ଜି' ଆଇନ, ୨୦୨୫, ଯାହା ଆଜିଠାରୁ ସମଗ୍ର ଦେଶର ଗ୍ରାମାଚଂଚଳରେ କାର୍ଯ୍ୟକାରୀ ହୋଇଛି ଏବଂ ଏହି ପରିବର୍ତ୍ତନ କେବଳ ଏକ ଆଇନର ପରିବର୍ତ୍ତନ ନୁହେଁ, ବରଂ ଏହା ଗ୍ରାମୀଣ ଭାରତର ବିକାଶ ପଥରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବିବେଚିତ ହେଉଛି। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ନୂତନ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ବେତନଯୁକ୍ତ କର୍ମନିଯୁକ୍ତିର ସୁନିଶ୍ଚିତ ଗ୍ୟାରେଂଟି ପ୍ରଦାନ କରିବା ସହ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ, ଯାହା ପାଇଁ ଚଳିତ ଆର୍ଥିକ ବର୍ଷରେ ୯୫,୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ସରକାରୀ ଭାବେ ଘୋଷଣା କରାଯାଇଛି। ମନରେଗାର ୧୦୦ଦିନର ନିଯୁକ୍ତି ବ୍ୟବସ୍ଥାକୁ ୨୫ଦିନ ବୃଦ୍ଧି କରି ମୋଟ ୧୨୫ ଦିନ କରିବା ପଛରେ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ପରିବାରଗୁଡିକର ଆୟ ନିରାପତାକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା, ଯାହା ଫଳରେ ସେମାନେ ମଧ ଭାରତର ୨୦୪୭ ସୁଦ୍ଧା 'ବିକଶିତ ଭାରତ' ହେବାର ସ୍ୱପ୍ନରେ ସାମିଲ ହୋଇପାରିବେ। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ଉପଲକ୍ଷେ ସ୍ପଷ୍ଟ କରିଛନ୍ତି ଯେ, କୌଣସି ଜଣେ ହେଲେ ଯୋଗ୍ୟ ଗ୍ରାମୀଣ ଶ୍ରମିକ ଯେପରି କାମ ବିନା ଗୋଟିଏ ଦିନ ମଧ ନରୁହନ୍ତି, ତାହା ହିଁ ଏହି ନୂତନ ଆଇନର ମୂଳ ଲକ୍ଷ୍ୟ, ଯେଉଁଥିପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳଗୁଡିକ ସହ ମିଶି ସମସ୍ତ ପ୍ରଶାସନିକ, ଆର୍ଥିକ ଏବଂ ବୈଷୟିକ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଇଛି। ଏହି ନୂତନ ବ୍ୟବସ୍ଥାରେ ସ୍ୱଚ୍ଛତା, ସମୟାନୁବର୍ତୀ ମଜୁରି ପୈଠ ଏବଂ ଉତରଦାୟିତ୍ୱ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଇଛି, ଯାହା ପୁରୁଣା ବ୍ୟବସ୍ଥାରେ ଥିବା ବହୁ ସମସ୍ୟାର ସମାଧାନ କରିବାରେ ସହାୟକ ହେବ। ଏଥିସହିତ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଯୋଗାଇ ଦିଆଯାଇ ନପାରେ, ତେବେ ଶ୍ରମିକମାନଙ୍କୁ ବେକାରୀ ଭତା ପ୍ରଦାନ କରିବାର ବ୍ୟବସ୍ଥା ମଧ ଏହି ଆଇନରେ ରହିଛି, ଯାହା ଶ୍ରମିକଙ୍କ ଅଧିକାରକୁ ଅଧିକ ସୁଦୃଢ କରିବ। ଏହି ନୂତନ ଆଇନର କାର୍ଯ୍ୟକାରିତା ଦ୍ୱାରା କେବଳ ଶ୍ରମିକଙ୍କ ମଜୁରି ବୃଦ୍ଧି ପାଇବ ନାହିଁ, ବରଂ ଗ୍ରାମାଚଂଳରେ ସ୍ଥାୟୀ ସମ୍ପତି ନିର୍ମାଣ ହେବା ସହ ଗ୍ରାମୀଣ ଭିତିଭୂମି ମଜବୁତ ହେବ, ଯାହା ଆଗାମୀ ଦିନରେ ଅର୍ଥନୈତିକ ଅଭିବୃଦ୍ଧିର ବାର୍ତାବହ ହେବ। ସରକାର ଦୃଢ ପ୍ରତିଜ୍ଞା ଯେକୌଣସି ପ୍ରକାରର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ଗ୍ରାମାଚଂଳର ପ୍ରତ୍ୟେକ ଶ୍ରମିକଙ୍କ ହାତକୁ କାମ ଦେବା ସରକାରଙ୍କ ପ୍ରାଥମିକତା ରହିବ, ଯେଉଁଥିପାଇଁ ବଜେଟ୍ ପ୍ରବନ୍ଧନଠାରୁ ଆରମ୍ଭ କରି କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ସଜାଗ କରାଯାଇଛି। ପୁରୁଣା ଆଇନ ସମୟରେ ଅନେକ ସମୟରେ ମଜୁରି ପୈଠରେ ବିଳମ୍ବ ଏବଂ କାର୍ଯ୍ୟ ଯୋଗାଣରେ ଅନିଶ୍ଚିତତା ଦେଖାଦେଉଥିଲା, ମାତ୍ର ଭିବି-ଜି ଆରଏଏମ୍ ଜି ଆଇନ ସେହି ସମସ୍ତ ସମସ୍ୟାକୁ ଦୂର କରି ଏକ ସ୍ୱଚ୍ଛ ଓ ଉତରଦାୟୀ ବ୍ୟବସ୍ଥା ଭାବେ ଉଭା ହୋଇଛି, ଯାହା ଗ୍ରାମୀଣ ଭାରତରେ ପରିବର୍ତନର ନୂତନ ସୂର୍ଯ୍ୟୋଦୟ ଆଣିବ। ଏହି ଆଇନର ଗୁରୁତ୍ୱ ଏତିକିରେ ସରିଯାଉ ନାହିଁ, ବରଂ ଏହା ଗ୍ରାମାଚଂଳରେ ଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଶ୍ରମିକ ଏବଂ ପଛୁଆ ବର୍ଗର ଲୋକଙ୍କ ପାଇଁ ସୁରକ୍ଷା କବଚ ଭାବରେ କାର୍ଯ୍ୟ କରିବ। ଗ୍ରାମାଚଂଳରୁ ସହରାଚଂଳକୁ ହେଉଥିବା ଦାଦନ ଖଟିବା ପାଇଁ ଶ୍ରମିକଙ୍କ ସ୍ଥାନାନ୍ତରଣକୁ କିଛି ମାତ୍ରାରେ କମାଇବାରେ ଏହି ଆଇନ ସହାୟକ ହେବ, କାରଣ ଏଠାରେ ସେମାନଙ୍କୁ ନିଜ ଗାଁରେ ରହି କାର୍ଯ୍ୟ ଓ ବେତନ ପାଇବାର ସୁବିଧା ମିଳିବ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ଗ୍ରାମୀଣ ଅର୍ଥନୀତିର ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସେହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏହି ନୂତନ ଆଇନ ଏକ ଦୃଢ ସୋପାନ ସଦୃଶ। କାର୍ଯ୍ୟକାରିତା ସମୟରେ ସରକାର ସ୍ପଷ୍ଟ କରିଛନ୍ତି ଯେ, ଚାଲୁଥିବା ସମସ୍ତ କାର୍ଯ୍ୟ ଅବ୍ୟାହତ ରହିବ ଏବଂ ଏହି ନୂତନ ଆଇନ ଅନ୍ତର୍ଗତ ସେଗୁଡିକୁ ଅନ୍ତର୍ଭୁକ୍ତ କରାଯିବ, ଯାହାଦ୍ୱାରା କାର୍ଯ୍ୟରେ କୌଣସି ପ୍ରକାରର ବ୍ୟାଘାତ ସୃଷ୍ଟି ହେବ ନାହିଁ। ବୈଷୟିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ଆଇନରେ ଡିଜିଟାଲ ବ୍ୟବସ୍ଥାକ ଅଧିକ ଗୁରୁତ୍ୱ ଦିଆଯାଇଛି, ଯାହାଦ୍ୱାରା ହିତାଧିକାରୀଙ୍କ ଖାତାକୁ ସିଧାସଳଖ ମଜୁରି ପହଂଚିବା ସହ ଦୁର୍ନୀତିର ସମ୍ଭାବନାକୁ ଶୂନ୍ୟ କରିଦିଆଯିବ। ତୃଣମୂଳ ସ୍ତରରେ ପଂଚାୟତିଗୁଡିକର ଭୂମିକାକୁ ଅଧିକ ସକ୍ରିୟ କରାଯିବ, ଯାହାଦ୍ୱାରା ଗ୍ରାମାଚଂଳର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ ଚୟନ କରାଯାଇ ପାରିବ। ଭିବି-ଜି ଆରଏଏମ୍ ଜି ଆଇନ କେବଳ କର୍ମନିଯୁକ୍ତି ଦିଏ ନାହିଁ, ବରଂ ଏହା ଗ୍ରାମାଚଂଳରେ ସମ୍ପତି ସୃଷ୍ଟି କରେ, ଯେପରିକି ଜଳ ସଂରକ୍ଷଣ, ରାସ୍ତା ନିର୍ମାଣ ଏବଂ କୃଷି ଭିତିଭୂମିର ବିକାଶ, ଯାହାଦ୍ୱାରା ଗାଁର ଦୀର୍ଘକାଳୀନ ବିକାଶ ସମ୍ଭବ ହୋଇପାରିବ। କେନ୍ଦ୍ର ସରକାରଙ୍କ ଏହି ସାହସିକ ପଦକ୍ଷେପକୁ ଦେଶର ବିଭିନ୍ନ ପ୍ରାନ୍ତରେ ସ୍ୱାଗତ କରାଯାଉଛି, କାରଣ ଏହା ଗ୍ରାମୀଣ ଭାରତର ସ୍ୱପ୍ନକୁ ବାସ୍ତବତାର ରୂପ ଦେବାରେ ସାହାଯ୍ୟ କରିବ। ଶ୍ରମିକମାନଙ୍କ ମଧ୍ୟରେ ଏହି ଆଇନକୁ ନେଇ ବେ଼ ଉତ୍ସାହ ଦେଖିବାକୁ ମିଳୁଛି, କାରଣ ୧୨୫ଦିନର କାମ ସେମାନଙ୍କ ପାଇଁ ବର୍ଷସାରା ଆର୍ଥିକ ନିରାପତାର ବଡ ଭରସା। ସମୟର ପରିବର୍ତନ ସହ ଆଇନର ପରିବର୍ତନ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା, ମାତ୍ର ଏହି ପରିବର୍ତନ ଯେପରି ଜନହିତକର ହେବ, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଭିବି-ଜି ଆରଏଏମ୍ ଜି। ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ବାର୍ତା ସ୍ପଷ୍ଟ, ଯେଉଁଥିରେ ସେ କହିଛନ୍ତି ଯେ ସରକାରୀ ଯନ୍ତ୍ରଣା ଏବେ ସମ୍ପୂର୍ଣ୍ଣ ରୂପେ ସଜାଗ ଏବଂ କୌଣସି ପରିସ୍ଥିତିରେ ଯୋଗ୍ୟ ଶ୍ରମିକ ନିଯୁକ୍ତିରୁ ବଂଚିତ ହେବେ ନାହିଁ। ଏହି ଆଇନର ସଫଳ ରୂପାୟନ କେବଳ ସରକାରୀ ସ୍ତରରେ ସୀମିତ ନୁହେଁ, ବରଂ ଏଥିରେ ଜନସାଧାରଣ ଏବଂ ସ୍ଥାନୀୟ ପ୍ରଶାସନର ସହଯୋଗ ମଧ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଏହି ଆଇନର କାର୍ଯ୍ୟକାରିତା ସହିତ ଗ୍ରାମୀଣ ଭାରତରେ ନୂତନ ଅର୍ଥନୈତିକ ସୁଯୋଗର ଦ୍ୱାର ଖୋଲିବ ଏବଂ ଆଗାମୀ ଦିନରେ ଏହା ଭାରତକୁ ବିକଶିତ ରାଷ୍ଟ୍ର କରିବାରେ ମାଇଲଖୁଂଟ ସାବ୍ୟସ୍ତ ହେବ, ଯାହା ପାଇଁ ପ୍ରତ୍ୟେକ ଭାରତୀୟ ଆଶାବାଦୀ। ଏହି ଆଇନର ସଫଳତା ପାଇଁ ସରକାରଙ୍କ ତରଫରୁ ନିରନ୍ତର ମନିଟରିଂ ଓ ଇଭାଲୁଏସନ୍ କରାଯିବାର ବ୍ୟବସ୍ଥା ମଧ କରାଯାଇଛି, ଯାହାଦ୍ୱାରା ଯଦି କୌଣସି ସମସ୍ୟା ଦେଖାଦିଏ, ତେବେ ତୁରନ୍ତ ତାହାର ସମାଧାନ କରାଯାଇପାରିବ। ଶେଷରେ, ଭିବି-ଜି ଆରଏଏମ୍ ଜି ଆଇନ, ୨୦୨୫ ଗ୍ରାମୀଣ ଭାରତର ଭାଗ୍ୟ ବଦଳାଇବାରେ ଏକ ବଳିଷ୍ଠ ଅସ୍ତ୍ର ଭାବେ କାର୍ଯ୍ୟ କରିବ, ଯାହା ଶ୍ରମିକଙ୍କୁ ଗରିବୀ ମୁକ୍ତ କରିବା ସହ ଦେଶର ବିକାଶ ଯାତ୍ରାରେ ସେମାନଙ୍କୁ ସମାନ ଭାଗୀଦାର କରିବ ଏବଂ ଏହି ଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି, ଯାହାର ଫଳାଫଳ ଆଗାମୀ ଦିନରେ ନିଶ୍ଚିତ ଭାବରେ ଗ୍ରାମୀଣ ଭାରତର ଚିତ୍ର ବଦଳାଇ ଦେବ।

+ ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ମହାପ୍ରଭୁଙ୍କ ମହାନ୍ ଲୀଳା ପଟିଦିଅଁ ନୀତି



ଡଃ ଅମୂଲ୍ୟ କୁମାର ପଣ୍ଡା

ଶ୍ରୀକ୍ଷେତ୍ର ପୁରୀରେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ପ୍ରଭୁ ସୁଦର୍ଶନଙ୍କ ଚତୁର୍ଦ୍ଧାମୂର୍ତ୍ତି ପାଇଁ କରାଯାଉଥିବା ଦୈନନ୍ଦିନ ସେବା ଏବଂ ରୀତିନୀତି ବିଶ୍ୱରେ ଅନନ୍ୟ। ମନ୍ଦିରରେ ଅନେକ ଦୈନନ୍ଦିନ ରୀତିନୀତି କରାଯାଏ, ଯାହା ଶତାବ୍ଦୀ ଧରି ପ୍ରଚଳିତ ହୋଇଆସୁଛି। ଏହି ରୀତିନୀତି ମଧ୍ୟରୁ 'ପଟିଦିଅଁ ନୀତି' ଏକ ବିଶେଷ ଏବଂ ଅତ୍ୟାବଶ୍ୟକ ରୀତିନୀତି। ଏହା ମହାପ୍ରଭୂଙ୍କ ଦିବ୍ୟ ରୀତିନୀତି, ସେବା ଏବଂ ଭକ୍ତିର ଏକ ଜୀବନ୍ତ ଉଦାହରଣ। ପଟିଦିଅଁ ନୀତି କେବଳ ଏକ ଧାର୍ମିକ ରୀତିନୀତି ନୁହେଁ, ବରଂ ମହାପ୍ରଭୂଙ୍କ ମାନବ ସ୍ୱଭାବର ପ୍ରତୀକ। ଏହି ରୀତିନୀତି ମାଧ୍ୟମରେ, ଜଗନ୍ନାଥ ମହାପ୍ରଭୁ ନିଜକୁ ଜଣେ ସାଧାରଣ ମଣିଷ ଭାବରେ ପ୍ରକାଶ କରନ୍ତି ଏବଂ ଭକ୍ତମାନଙ୍କୁ ଜୀବନର ଅନେକ ରହସ୍ୟ ଶିକ୍ଷା ଦିଅନ୍ତି। ପଟିଦିଅଁ ର ଅର୍ଥ ବୁଝିବା, 'ପଟି' ଅର୍ଥ କପଡ଼ା କିମ୍ବା ବସ୍ତ୍ର, ଏବଂ 'ଦିଅଁ' ଅର୍ଥ ବାନ୍ଧିବା। ତେଣୁ, ପଟିଦିଅଁ ନୀତି ହେଉଛି ମହାପ୍ରଭୁଙ୍କ ଶରୀରରେ ନିର୍ଦ୍ଦିଷ୍ଟ ସ୍ଥାନରେ ପଟି ବାନ୍ଧିବାର ଏକ ବିଶେଷ ରୀତିନୀତି। ଏହା ସାଧାରଣତଃ ସ୍ନାନ ପୂର୍ଣ୍ଣିମା ପରେ ଅଣସର ମାସରେ ପାଳିତ ହୁଏ। ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କୁ ୧୦୮ କଳସ ଜଳରେ ସ୍ନାନ କରାଯାଏ। ଏହି ମହାସ୍ନାନ ପରେ, ମହାପ୍ରଭୁ ଜ୍ୱରରେ ପୀଡିତ ହୁଅନ୍ତି ବୋଲି ବିଶ୍ୱାସ କରାଯାଏ। ତେଣୁ, ସେ ଅଣସର ଘରେ ବିଶ୍ରାମ ନିଅନ୍ତି। ଏହି ସମୟରେ, ବିଭିନ୍ନ ଔଷଧ ଏବଂ ସେବା ସହିତ ଶ୍ରୀମନ୍ଦିର ନିୟମ ଅନୁସାରେ ନୀତି କରାଯାଏ।

ମନ୍ଦିର ରୀତିନୀତିର ପରମ୍ପରା ବହୁତ ପୁରୁଣା। ଏହି ରୀତିନୀତି ଗଜପତି ରାଜାମାନଙ୍କ ସମୟରୁ ଆରମ୍ଭ ହୋଇଛି। ମାଦଳା ପାଞ୍ଜି ଏବଂ ବିଭିନ୍ନ ଧାର୍ମିକ ଗ୍ରନ୍ଥରେ ଅଣସର ଏବଂ ପଟିଦିଅଁ ନୀତି ବିଷୟରେ ସୂଚନା ମିଳେ। ଜଗନ୍ନାଥ ସଂସ୍କୃତିର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଯେ ମହାପ୍ରଭୁଙ୍କୁ ଜଣେ ଜୀବନ୍ତ ମଣିଷ ଭାବରେ ଦେଖାଯାଏ। ସେ ଜନ୍ମ ହୁଅନ୍ତି, ସ୍ନାନ କରନ୍ତି, ଅସୁସ୍ଥ ହୁଅନ୍ତି, ବିଶ୍ରାମ ନିଅନ୍ତି ଏବଂ ସୁସ୍ଥ ହୁଅନ୍ତି। ପଟିଦିଅଁ ନୀତି ଏହି ମାନବ ଭାବନାର ପ୍ରତିଫଳନ। ସ୍ନାନର ପୂର୍ଣ୍ଣିମା ଗୋଟେ ଦିନ ପରେ, ମହାପ୍ରଭୁ ପ୍ରାୟ ପନ୍ଦର ଦିନ ଅଣସର ଘରେ ରୁହନ୍ତି। ଏହି ସମୟରେ, ସାଧାରଣ ଭକ୍ତଙ୍କୁ ଦର୍ଶନ କରିବାକୁ ଅନୁମତି ଦିଆଯାଏ ନାହିଁ। ଅଣସର ସମୟରେ, ମହାପ୍ରଭୁଙ୍କୁ ଔଷଧ ଦିଆଯାଏ। ବିଶେଷ ଆଶୀର୍ବାଦ ପ୍ରଦାନ କରାଯାଏ। ଫୁଲୁରି ତେଲ ଲଗାଯାଏ। ଶରୀର ଚାରିପାଖରେ ପଟି ବାନ୍ଧି ଦିଆଯାଏ। ପ୍ରଭୁଙ୍କ ସେବକମାନେ ସେବା କରନ୍ତି। ଏହି ସମସ୍ତ ପୂଜାପାଠ ମଧ୍ୟରେ, ପଟିଦିଅଁ ନୀତି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ପଟିଦିଅଁ ନୀତି ସମୟରେ, ପ୍ରଭୁଙ୍କ ଶରୀର ଚାରିପାଖରେ ଔଷଧୀୟ କପଡ଼ା ବନ୍ଧାଯାଏ। ଏହି କପଡ଼ା ଚନ୍ଦନ, କର୍ପୂର, ଔଷଧୀୟ ଔଷଧ ଏବଂ ସୁଗନ୍ଧିତ ପଦାର୍ଥରେ ତିଆରି ହୁଏ। ଭକ୍ତମାନେ ଏହି ନୀତିକୁ ଅତ୍ୟନ୍ତ ଭକ୍ତି ଏବଂ ଆନ୍ତରିକତାର ସହିତ କରନ୍ତି। କାରଣ ଏହା ଏକ ଗୁପ୍ତ ନୀତି, ସାଧାରଣ ଲୋକଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନାହିଁ। ପ୍ରଭୁଙ୍କ ଆରୋଗ୍ୟତାର ପ୍ରତୀକାତ୍ମକ ଅର୍ଥ ପଟି ମାଧ୍ୟମରେ ପ୍ରକାଶିତ ହୁଏ।

ପଟିଦିଅଁ ନୀତିରେ ଭକ୍ତଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭକ୍ତମାନଙ୍କୁ ପ୍ରଭୁଙ୍କ ଆଧାତ୍ମିକ ରକ୍ଷକ ଭାବରେ ବିବେଚନା କରାଯାଏ। ସେମାନେ ପ୍ରଭୁଙ୍କ ଯତ୍ନ ନିଅନ୍ତି। ସେମାନେ ଔଷଧ ପ୍ରଦାନ କରନ୍ତି, ପଟିଦିଅଁ ନୀତି କରନ୍ତି, ପ୍ରସାଦ ଅର୍ପଣ କରନ୍ତି ଏବଂ ତାଙ୍କର ସାନ୍ତ୍ୱନା ସୁନିଶ୍ଚିତ କରନ୍ତି। ଏହି ସେବାକୁ ଅତ୍ୟନ୍ତ ପବିତ୍ର ଏବଂ ଶୁଭ ବୋଲି ବିବେଚନା କରାଯାଏ। ପଟିଦିଅଁ ନୀତି କେବଳ ଏକ ପୂଜାପାଠ ନୁହେଁ; ଏହାର ଗଭୀର ଆଧାତ୍ମିକ ଗୁରୁତ୍ୱ ଅଛି। ଏହା ଆମକୁ ଶିକ୍ଷା ଦିଏ ଯେ ଭଗବାନ ଭକ୍ତଙ୍କ ସହିତ ଏକତାରେ ବାସ କରନ୍ତି। ସେ ମଣିଷର ସୁଖ ଏବଂ ଦୁଃଖ ଅନୁଭବ କରନ୍ତି। ଏହା ଆମକୁ ଶିକ୍ଷା ଦିଏ ଯେ ରୋଗ ଏବଂ ଦୁଃଖ ଜୀବନର ଏକ ଅଂଶ ଏବଂ ଧୈର୍ଯ୍ୟ, ସେବା ଏବଂ ଭକ୍ତି ମାଧ୍ୟମରେ ଏହାକୁ ଦୂର କରାଯାଇପାରିବ। ପଟିଦିଅଁ ନୀତି ସେବା ଏବଂ ତ୍ୟାଗର ଗୁରୁତ୍ୱକୁ ପ୍ରଦର୍ଶନ କରେ। ପଟିଦିଅଁ ନୀତି ଭକ୍ତମାନଙ୍କ ମଧ୍ୟରେ ଭକ୍ତି, ବିଶ୍ୱାସ ଏବଂ ଆଧାତ୍ମିକ ସଚେତନତା ସୃଷ୍ଟି କରେ। ଅଣସର ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ଥିଲେ ମଧ ଭକ୍ତମାନେ ତାଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତି। ଏହି ସମୟରେ, ଅନେକ ଭକ୍ତ ବ୍ରହ୍ମଗିରିରେ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରନ୍ତି। ଅଣସର ସମୟରେ ଅଲାରନାଥଙ୍କ ଦର୍ଶନ ଜଗନ୍ନାଥଙ୍କ ଦର୍ଶନର ଲାଭ ପ୍ରଦାନ କରେ ବୋଲି ବିଶ୍ୱାସ କରାଯାଏ। ଜଗନ୍ନାଥ ସଂସ୍କୃତିର ମୌଳିକ ଭିତ୍ତିଭୂମି ହେଉଛି ମାନବତା, ସମାନତା ଏବଂ ଭକ୍ତି। ପଟିଦିଅଁ ନୀତି ଏହି ମୂଲ୍ୟବୋଧଗୁଡ଼ିକୁ ସୁଦୃଢ଼ କରେ। ଏହା ଦର୍ଶାଏ ଯେ ଶ୍ରେଷ୍ଠ ଈଶ୍ୱର ହେବା ସତ୍ତ୍ୱେ, ମହାପ୍ରଭୁ ଜଣେ ସାଧାରଣ ମଣିଷ ପରି ଆଚରଣ କରନ୍ତି। ଏହି ଆତ୍ମା ଜଗନ୍ନାଥ ଧର୍ମର ଏକ ପ୍ରମୁଖ ପରିଚୟ। ମହାପ୍ରଭୂଙ୍କ ପଟିଦିଅଁ ନୀତି ଶ୍ରୀ ଜଗନ୍ନାଥ ସଂସ୍କୃତିର ଏକ ପବିତ୍ର, ପ୍ରାଚୀନ ଏବଂ ଆଧାତ୍ମିକ ଭାବରେ ଗୁରୁତ୍ୱପୂର୍ଣ୍ଣ ପରମ୍ପରା। ପ୍ରତ୍ୟେକ ବର୍ଷ ପୂର୍ଣ୍ଣିମା ପରେ ଅଣସର ସମୟରେ ପାଳିତ ଏହି ନୀତି ମହାପ୍ରଭୁଙ୍କ ମାନବ ଲୀଳାର ଏକ ଅନନ୍ୟ ଉଦାହରଣ। ଏହା ଭକ୍ତମାନଙ୍କୁ ସେବା, ଭକ୍ତି, ଧୈର୍ଯ୍ୟ ଏବଂ ନମ୍ରତା ଶିକ୍ଷା ଦିଏ। ପଟିଦିଅଁ ନୀତି କେବଳ ଏକ ଧାର୍ମିକ ଅଭ୍ୟାସ ନୁହେଁ, ବରଂ ଜଗନ୍ନାଥ ଦର୍ଶନର ଏକ ଗଭୀର ଆଧାତ୍ମିକ ପ୍ରକାଶନ। ଶତାବ୍ଦୀ ଶତାବ୍ଦୀ ଧରି, ଏହି ପରମ୍ପରା ଭକ୍ତଙ୍କ ହୃଦୟରେ ବିଶ୍ୱାସ ଏବଂ ଭକ୍ତିର ଜ୍ୱାଳା ପ୍ରଜ୍ୱଳିତ କରିଆସିଛି ଏବଂ ଭବିଷ୍ୟତରେ ମଧ ଏହା ଜଗନ୍ନାଥ ସଂସ୍କୃତିର ଏକ ଗୌରବମୟ ଐତିହ୍ୟ ହୋଇ ରହିବ।

+ ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬

# ଇଥାନଲ୍ ମିଶ୍ରଣ: ବିକାଶ ନାମରେ ଏକ ତ୍ରୁଟିପୂର୍ଣ୍ଣ ଅର୍ଥନୈତିକ ମଡେଲ୍

ଭାରତ ସରକାରଙ୍କ ଦ୍ୱାରା ନିକଟରେ ୪ ଜୁଲାଇ ୨୦୨୬ ତାରିଖରେ ଇ-୨୦ (**E20** - କୋଡ଼ିଏ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲ) ଇନ୍ଧନର ବ୍ୟବହାର ଏବଂ ଏହାର ପ୍ରଭାବକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ପେଟ୍ରୋଲିୟମ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ଅଟୋମୋବାଇଲ ଶିଳ୍ପର ପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳିତ ଏହି ସମ୍ମିଳନୀ ମୁଖ୍ୟତଃ ଏକ ଜନସମ୍ପର୍କ (**PR**) କାର୍ଯ୍ୟକ୍ରମ ଏବଂ ଡ୍ୟାମେଜ୍ କଣ୍ଟ୍ରୋଲ୍ ଭଳି ମନେ ହେଉଥିଲା । ସରକାର ନିର୍ଦ୍ଧାରିତ ସମୟ (୨୦୩୦) ପୂର୍ବରୁ ଅର୍ଥାତ୍ ୨୦୨୫-୨୬ ସୁଦ୍ଧା ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ଲକ୍ଷ୍ୟ ହାସଲ କରିବାକୁ ଏକ ବଡ଼ ସଫଳତା ଭାବରେ ଉପସ୍ଥାପନ କରିଛନ୍ତି । ଏହା ଦ୍ୱାରା ଶକ୍ତି ନିରାପତ୍ତା, ବୈଦେଶିକ ମୁଦ୍ରା ସଞ୍ଚୟ ଏବଂ କୃଷକମାନଙ୍କ ଆୟ ବୃଦ୍ଧି ପାଇବ ବୋଲି ଦାବି କରାଯାଇଛି। କିନ୍ତୁ ସରକାରଙ୍କ ଏହି ସଫଳତାର ଦାବି ଆଢୁଆଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଲୁଚି ରହିଛି। ସାମ୍ବାଦିକ ସମ୍ମିଳନୀରେ ଗ୍ରାହକଙ୍କ ଉଦ୍‌ବେଗ, ଯେପରିକି ଗାଡ଼ିର ମାଇଲେଜ୍ କମିବା, ଇଞ୍ଜିନ ନଷ୍ଟ ହେବା ଏବଂ ପରିବେଶ ଉପରେ ଏହାର କୁପ୍ରଭାବକୁ କେବଳ ଗୁଜବ ବୋଲି କହି ଏଡ଼ାଇ ଦିଆଯାଇଥିଲା । ତଥାପି, ତଥ୍ୟ ଏବଂ ବାସ୍ତବ ସ୍ଥିତିର ଗଭୀର ଅନୁଶୀଳନ କଲେ ଜଣାପଡ଼େ ଯେ ଏହି ନୀତି ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ ଲଦିବା ସହ ପରିବେଶର ଅପୂରଣୀୟ କ୍ଷତି ଘଟାଉଛି ।

ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି ପୁରୁଣା ଗାଡ଼ିଗୁଡ଼ିକ ସହିତ ଇ-୨୦ ଇନ୍ଧନର ସୁସଙ୍ଗତତା ବା ଟେକ୍ନିକାଲ୍ କମ୍ପାଟିବିଲିଟିକୁ ନେଇ । ଭାରତୀୟ ରାସ୍ତାରେ ବର୍ତ୍ତମାନ ପ୍ରାୟ ୩୦ କୋଟି ଗାଡ଼ି ଚଳାଚଳ କରୁଛି, ଯେଉଁଥିରୁ ଅଧିକାଂଶ ୨୦୨୩ ମସିହା ପୂର୍ବରୁ ନିର୍ମିତ ଏବଂ କେବଳ ଇ-୧୦ (୧୦% ଇଥାନଲ୍) କିମ୍ବା ଇ-୦ ଇନ୍ଧନ ପାଇଁ ଡିଜାଇନ୍ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଅଟୋ ଶିଳ୍ପର ପ୍ରତିନିଧିମାନେ ଦାବି କରିଥିଲେ ଯେ ପୁରୁଣା ଗାଡ଼ି ପାଇଁ ଇ-୨୦ ସମ୍ପୂର୍ଣ୍ଣ ସୁରକ୍ଷିତ । କିନ୍ତୁ ଏହି ଦାବି ରସାୟନ ବିଜ୍ଞାନ ଏବଂ ସରକାରଙ୍କ ନିଜସ୍ୱ ରିପୋର୍ଟ ସହ ବିରୋଧାଭାସ ସୃଷ୍ଟି କରୁଛି । ଇଥାନଲ୍ ହେଉଛି ଏକ ଆର୍ଦ୍ରତା ଶୋଷଣକାରୀ (**hygroscopic**) ପଦାର୍ଥ, ଯାହା ବାୟୁମଣ୍ଡଳରୁ ଜଳୀୟ ବାଷ୍ପ ଶୋଷଣ କରିଥାଏ । ଭାରତ ଭଳି ଏକ ଆର୍ଦ୍ର ଜଳବାୟୁ ଥିବା ଦେଶରେ ଗାଡ଼ିର ଟାଙ୍କି ଭିତରେ ଇଥାନଲ୍ ପାଣି ସହ ମିଶି ପେଟ୍ରୋଲଠାରୁ ଅଲଗା ହୋଇ ତଳେ ଜମା ହୋଇଯାଏ, ଯାହାକୁ ଫେଜ୍ ସେପାରେସନ୍ କୁହାଯାଏ । ଏହି ମିଶ୍ରଣ ଅତ୍ୟନ୍ତ କ୍ଷୟକାରୀ ହୋଇଥିବାରୁ ଏହା ପୁରୁଣା ଗାଡ଼ିର ରବର ସିଲ୍, ପ୍ଲାଷ୍ଟିକ୍ ଅଂଶ ଏବଂ ଫୁଏଲ୍ ଲାଇନ୍‌କୁ ନଷ୍ଟ କରିଦିଏ । ନୀତି ଆୟୋଗଙ୍କ ଜୁନ୍ ୨୦୨୧ ମସିହାର ରିପୋର୍ଟ 'ରୋଡମ୍ୟାପ୍ ଫର୍ ଇଥାନଲ୍ ବ୍ଲେଣ୍ଡିଂ ଇନ୍ ଇଣ୍ଡିଆ ୨୦୨୦-୨୫'ରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥିଲା ଯେ ଇ-୨୦ ବ୍ୟବହାର ପାଇଁ ଗାଡ଼ିରେ ସ୍ୱତନ୍ତ୍ର ଇଲାଷ୍ଟୋମର, ପ୍ଲାଷ୍ଟିକ୍ ଏବଂ ଧାତବ ଅଂଶର ଆବଶ୍ୟକତା ରହିଛି । ଯଦି ଇ-୨୦ ପୁରୁଣା ଗାଡ଼ି ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ, ତେବେ ଏପ୍ରିଲ ୨୦୨୩ ପରେ ନିର୍ମିତ ସମସ୍ତ ନୂଆ ଗାଡ଼ି ପାଇଁ ସ୍ୱତନ୍ତ୍ର ଇ-୨୦ ପ୍ରମାଣପତ୍ର ବାଧ୍ୟତାମୂଳକ କାହିଁକି କରାଗଲା, ତାହାର କୌଣସି ସ୍ପଷ୍ଟ ଉତ୍ତର ନାହିଁ। ଏହି ବାଧ୍ୟତାମୂଳକ ଇନ୍ଧନ ପରିବର୍ତ୍ତନ ଯୋଗୁଁ ଇଞ୍ଜିନ ଖରାପ ହେଲେ ବୀମା କମ୍ପାନୀଗୁଡ଼ିକ କ୍ଷତିପୂରଣ ଦେବେ କି ନାହିଁ, ସେ ନେଇ ଗ୍ରାହକମାନେ ଏବେ ବି ଦ୍ୱନ୍ଦ୍ୱରେ ଅଛନ୍ତି ।

ଗାଡ଼ିର ଯାନ୍ତ୍ରିକ ତ୍ରୁଟି ବ୍ୟତୀତ ଇ-୨୦ ଇନ୍ଧନ ଗ୍ରାହକଙ୍କ ଉପରେ ଏକ ବଡ଼ ଆର୍ଥିକ ବୋଝ ମଧ୍ୟ ପକାଉଛି । ବିଶୁଦ୍ଧ ପେଟ୍ରୋଲ ତୁଳନାରେ ଇଥାନଲରେ ପ୍ରାୟ ୩୦ ପ୍ରତିଶତ କମ୍ ଶକ୍ତି ଘନତ୍ୱ (**energy density**) ଥାଏ । ଏହାର ସିଧାସଳଖ ଅର୍ଥ ହେଉଛି, ଗାଡ଼ିରେ ଇ-୨୦ ପକାଇଲେ ତାହା ସମାନ ଦୂରତା ଅତିକ୍ରମ କରିବା ପାଇଁ ଅଧିକ ଇନ୍ଧନ ଖର୍ଚ୍ଚ କରିବ ଏବଂ ମାଇଲେଜ୍ କମିଯିବ । ନୀତି ଆୟୋଗଙ୍କ ୨୦୨୧ ରିପୋର୍ଟରେ ଆକଳନ କରାଯାଇଥିଲା ଯେ ଇ-୧୦ ଇଞ୍ଜିନ ବିଶିଷ୍ଟ ଚାରି ଚକିଆ ଯାନରେ ଇ-୨୦ ବ୍ୟବହାର କଲେ ଇନ୍ଧନ ଦକ୍ଷତା ୬ ରୁ ୭ ପ୍ରତିଶତ ଏବଂ ଦୁଇ ଚକିଆ ଯାନରେ ୩ ରୁ ୪ ପ୍ରତିଶତ ହ୍ରାସ ପାଇବ । କିନ୍ତୁ ବାସ୍ତବ କ୍ଷେତ୍ରରେ ପରିସ୍ଥିତି ଆହୁରି ସଙ୍ଗିନ । ଜୁନ୍ ୨୦୨୬ରେ ଲୋକାଲ୍ ସର୍କଲସ୍ (**LocalCircles**) ଦ୍ୱାରା ୩୧୬ ଟି ଜିଲ୍ଲାର ୨୨,୦୦୦ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ନେଇ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ୨୦୨୩ ପୂର୍ବରୁ ଗାଡ଼ି କିଣିଥିବା ପ୍ରାୟ ୬୬ ପ୍ରତିଶତ ଲୋକ ଇ-୨୦ ବ୍ୟବହାର କରିବା ପରେ ୧୦ ପ୍ରତିଶତରୁ ଅଧିକ ମାଇଲେଜ୍ ହ୍ରାସ ପାଇଥିବାର ଅଭିଯୋଗ କରିଛନ୍ତି। ଆଶ୍ଚର୍ଯ୍ୟଜନକ ଭାବରେ, ୫୩ ପ୍ରତିଶତ ଗ୍ରାହକ ସରକାରଙ୍କ ଏହି ଇ-୨୦ ନୀତିକୁ ସମ୍ପୂର୍ଣ୍ଣ 'ବିପର୍ଯ୍ୟୟକାରୀ' ବା ପ୍ରଭାବହୀନ ବୋଲି କହିଛନ୍ତି । ବ୍ରାଜିଲ ଭଳି ଦେଶରେ, ଯେଉଁଠାରେ ଫ୍ଲେକ୍ସ-ଫୁଏଲର ବହୁଳ ବ୍ୟବହାର ହୁଏ, ସେଠାରେ ଇଥାନଲ୍ ମିଶ୍ରିତ ଇନ୍ଧନକୁ ସବସିଡି ଦିଆଯାଇ ପେଟ୍ରୋଲ ତୁଳନାରେ ଶସ୍ତାରେ ବିକ୍ରି କରାଯାଏ ଯାହାଦ୍ୱାରା ଗ୍ରାହକଙ୍କ ମାଇଲେଜ୍ କ୍ଷତି ଭରଣା ହୋଇପାରିବ। ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମ୍ୟାନୁଫ୍ୟାକ୍ଚରର୍ସ (**SIAM**) ମଧ୍ୟ ଇ-୨୦ ଉପରେ ଟିକସ ରିହାତି ଦେବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ଭାରତରେ ଗ୍ରାହକମାନେ କମ୍ ମାଇଲେଜ୍ ପାଇଁ ସମାନ ଉଚ୍ଚ ମୂଲ୍ୟ ଦେଉଛନ୍ତି, ଯାହାକି ସାଧାରଣ ଜନତାଙ୍କ ପ୍ରତି ଏକ ପ୍ରକାରର ଆର୍ଥିକ ଶୋଷଣ ଅଟେ ।

ଏହି ପ୍ରସଙ୍ଗରେ ଇନ୍ଧନର ଦର ନିର୍ଦ୍ଧାରଣ ଏବଂ ଗ୍ରାହକଙ୍କ ପସନ୍ଦର ଅଧିକାରକୁ କ୍ଷୁଣ୍ଣ କରାଯିବା ଆହୁରି ସନ୍ଦେହ ସୃଷ୍ଟି କରୁଛି । ତୈଳ ବିପଣନ କମ୍ପାନୀ (**OMC**) ଗୁଡ଼ିକ ପାଇଁ ଇଥାନଲର କ୍ରୟ ମୂଲ୍ୟ ଲିଟର ପିଛା ପ୍ରାୟ ୫୭ ଟଙ୍କାରୁ ୭୧ ଟଙ୍କା ମଧ୍ୟରେ ରହିଛି, ଯାହାକି ଦେଶର ଅଧିକାଂଶ ସହରରେ ବିକ୍ରି ହେଉଥିବା ୧୦୦ ଟଙ୍କିଆ ପେଟ୍ରୋଲ ତୁଳନାରେ ଯଥେଷ୍ଟ କମ୍ । ଯେତେବେଳେ ପେଟ୍ରୋଲରେ ୨୦ ପ୍ରତିଶତ ଶସ୍ତା ଇଥାନଲ୍ ମିଶାଯାଉଛି, ସେତେବେଳେ ପମ୍ପରେ ଇନ୍ଧନର ଖୁଚୁରା ମୂଲ୍ୟ କାହିଁକି କମୁନାହିଁ ତାହାର କୌଣସି ସନ୍ତୋଷଜନକ ଉତ୍ତର ସରକାର ଦେଇନାହାଁନ୍ତି। ସରକାରୀ ଯୁକ୍ତି ହେଉଛି ଯେ ଇଥାନଲର ଦାମ୍ ରିଫାଇନାରୀ ପେଟ୍ରୋଲର ମୂଳ ଦାମ୍ ଠାରୁ ଅଧିକ, କିନ୍ତୁ ଏହି ଯୁକ୍ତିରେ ପେଟ୍ରୋଲ ଉପରେ ଲାଗୁଥିବା ଅତ୍ୟଧିକ ଟିକସକୁ ଲୁଚାଇ ଦିଆଯାଉଛି । ଅନ୍ୟପଟେ, ପୁରୁଣା ଗାଡ଼ିର ମାଲିକମାନଙ୍କୁ ନିଜ ଇଞ୍ଜିନକୁ ସୁରକ୍ଷିତ ରଖିବା ପାଇଁ ଇ-୧୦ କିମ୍ବା ଇ-୦ ଇନ୍ଧନ ବାଛିବାର ଅଧିକାରରୁ ବଞ୍ଚିତ କରାଯାଇଛି । ବର୍ତ୍ତମାନ ଦେଶର ଅଧିକାଂଶ ପେଟ୍ରୋଲ ପମ୍ପରେ କେବଳ ଇ-୨୦ ହିଁ ଉପଲବ୍ଧ ହେଉଛି, ଯାହା ଗ୍ରାହକଙ୍କ ଉପରେ ଏକ ବାଧ୍ୟତାମୂଳକ ନିଷ୍ପତ୍ତି ଲଦିଦେବା ସଦୃଶ ଅଟେ । ଏପରିକି ପଡ଼ୋଶୀ ଦେଶ ଭୁଟାନ୍, ଇ-୨୦ ଇନ୍ଧନର ସଂରକ୍ଷଣ ସମସ୍ୟା ଏବଂ ଗାଡ଼ି ସହ ଅସୁସଙ୍ଗତତାକୁ ଦୃଷ୍ଟିରେ ରଖି ଭାରତକୁ କେବଳ ସାଧାରଣ ପେଟ୍ରୋଲ ଯୋଗାଇଦେବାକୁ ଅନୁରୋଧ କରିଥିଲା। କିନ୍ତୁ ନିଜ ଦେଶର ନାଗରିକମାନଙ୍କୁ ଏଭଳି କୌଣସି ବିକଳ୍ପ ଦିଆଯାଇନାହିଁ ।

ଏହି ଯୋଜନାର ସବୁଠାରୁ ଭୟଙ୍କର ଏବଂ ଉଦ୍‌ବେଗଜନକ ଦିଗଟି ହେଉଛି ଏହାର ପରିବେଶ ଏବଂ କୃଷି ଉପରେ ପ୍ରଭାବ, ଯାହାକୁ ସରକାର ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିଛନ୍ତି। ଇଥାନଲ୍ ମିଶ୍ରଣକୁ ଏକ ସବୁଜ ଏବଂ ପରିବେଶ ଅନୁକୂଳ ପଦକ୍ଷେପ ବୋଲି ପ୍ରଚାର କରାଯାଉଛି । କିନ୍ତୁ ଭାରତରେ ଇଥାନଲ୍ ମୁଖ୍ୟତଃ ଆଖୁ ଏବଂ ଧାନ ଭଳି ଅଧିକ ଜଳ ଆବଶ୍ୟକ କରୁଥିବା ଫସଲରୁ ଉତ୍ପାଦିତ ହୁଏ । ପରିସଂଖ୍ୟାନ ଅନୁଯାୟୀ, ଆଖୁରୁ ମାତ୍ର ଏକ ଲିଟର ଇଥାନଲ୍ ଉତ୍ପାଦନ କରିବା ପାଇଁ ପ୍ରାୟ ୩,୦୦୦ ଲିଟର ଜଳର ଆବଶ୍ୟକତା ପଡ଼ିଥାଏ । ବାସ୍ତବରେ ଦେଖିବାକୁ ଗଲେ, ଭାରତ ନିଜର ବହୁମୂଲ୍ୟ ଏବଂ ଦ୍ରୁତ ଗତିରେ ହ୍ରାସ ପାଉଥିବା ଭୂତଳ ଜଳକୁ ଶୋଷଣ କରି ତାହାକୁ ଇନ୍ଧନ ଟାଙ୍କିରେ ଭରୁଛି । ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଏବଂ କର୍ଣ୍ଣାଟକ ଭଳି ରାଜ୍ୟ, ଯେଉଁଠାରେ ମରୁଡ଼ି ଏବଂ ଜଳ ସଙ୍କଟ ଏକ ସାଧାରଣ ସମସ୍ୟା, ସେଠାରେ ଇଥାନଲ୍ ଉତ୍ପାଦନ ପାଇଁ ସର୍ବାଧିକ ଭୂତଳ ଜଳ ବ୍ୟବହାର କରାଯାଉଛି । ଏହାଛଡ଼ା, ଏହି ଫସଲଗୁଡ଼ିକ ପାଇଁ ସରକାର ଜଳସେଚନ ନିମନ୍ତେ ମାଗଣା ବିଦ୍ୟୁତ୍, ସର୍ବନିମ୍ନ ସହାୟକ ମୂଲ୍ୟ (**MSP**) ଏବଂ ଆମଦାନୀ ହେଉଥିବା ୟୁରିଆ ଓ ଡିଏପି (**DAP**) ସାର ଉପରେ ବିପୁଳ ସବସିଡି ପ୍ରଦାନ କରୁଛନ୍ତି । ଏହି ସମସ୍ତ ଲୁକ୍କାୟିତ କୃଷି ସବସିଡି ଏବଂ ପରିବେଶର କ୍ଷୟକ୍ଷତିକୁ ହିସାବକୁ ନେଇ ଏକ ସମ୍ପୂର୍ଣ୍ଣ ଜୀବନଚକ୍ର ଅର୍ଥନୈତିକ ମୂଲ୍ୟାୟନ (**lifecycle economic assessment**) କରାଗଲେ, ଇ-୨୦ର ଲାଭ ଅପେକ୍ଷା କ୍ଷତି ଅଧିକ ବୋଲି ପ୍ରମାଣିତ ହେବ । ଖାଦ୍ୟଶସ୍ୟକୁ ଇନ୍ଧନରେ ପରିଣତ କରିବା ଦ୍ୱାରା ଦେଶର ଖାଦ୍ୟ ସୁରକ୍ଷା ପ୍ରତି ମଧ୍ୟ ଏକ ବଡ଼ ବିପଦ ସୃଷ୍ଟି ହେଉଛି, ଯାହା ଉପରେ ସରକାର ନୀରବତା ଅବଲମ୍ବନ କରିଛନ୍ତି ।

ପରିଶେଷରେ, ଇ-୨୦ ଇନ୍ଧନକୁ ନେଇ ମୋଦୀ ସରକାରଙ୍କ ତରବରିଆ ପଦକ୍ଷେପ ଏବଂ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସତ୍ୟକୁ ଲୁଚାଇବାର ପ୍ରୟାସ ଏକ ସୁସ୍ଥ ଗଣତାନ୍ତ୍ରିକ ନୀତିର ପରିଚୟ ନୁହେଁ । ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ଲକ୍ଷ୍ୟ, କିନ୍ତୁ ଏହା ସାଧାରଣ ଗ୍ରାହକଙ୍କ ଆର୍ଥିକ ଶୋଷଣ ଏବଂ ଦେଶର ଜଳ ସମ୍ପଦର ବିନାଶ ମୂଲ୍ୟରେ ହାସଲ କରାଯିବା ଉଚିତ୍ ନୁହେଁ । ଏକ ସଫଳ ଇନ୍ଧନ ପରିବର୍ତ୍ତନ ପାଇଁ ସ୍ୱଚ୍ଛତା ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ନିହାତି ଆବଶ୍ୟକ । ଯେପର୍ଯ୍ୟନ୍ତ ସରକାର ପେଟ୍ରୋଲର ମୂଲ୍ୟ ହ୍ରାସ କରି ଗ୍ରାହକଙ୍କ ମାଇଲେଜ୍ କ୍ଷତିକୁ ଭରଣା ନକରିଛନ୍ତି, ପୁରୁଣା ଗାଡ଼ି ପାଇଁ ବିକଳ୍ପ ଭାବେ ଇ-୧୦ ଇନ୍ଧନ ଉପଲବ୍ଧ ନକରାଇଛନ୍ତି ଏବଂ ଇଥାନଲ୍ ଉତ୍ପାଦନର ପ୍ରକୃତ ପରିବେଶଗତ ମୂଲ୍ୟାୟନ ନକରିଛନ୍ତି, ସେପର୍ଯ୍ୟନ୍ତ ଇ-୨୦ ପ୍ରକଳ୍ପ ଏକ ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ହୋଇ ରହିବ । ଦେଶର ବିକାଶ ଏବଂ ଶକ୍ତି ସ୍ୱାବଲମ୍ବନଶୀଳତା ନାମରେ ଏକ ଅସମାହିତ ବୋଝକୁ ସାଧାରଣ ଜନତାଙ୍କ ଉପରେ ଲଦିଦେବା କଦାପି ଏକ ସଫଳ ସାମଗ୍ରିକ ଅର୍ଥନୈତିକ ନୀତି ହୋଇନପାରେ । ସରକାର ନିଜର ଜିଦ୍ ଛାଡ଼ି ଗ୍ରାହକଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେବା ସମୟର ସବୁଠାରୁ ବଡ଼ ଆବଶ୍ୟକତା ଅଟେ ।

# ବିଶ୍ୱର ସମର ଇତିହାସରେ ଥୁସିଡାଇଡସ୍ ଟ୍ରାପ୍



ଡଃ ରାଜକିଶୋର ପଣ୍ଡା

ଚଉଦ ମଇ ୨୦୨୬। ସ୍ଥାନ, ବେଜିଂ ସ୍ଥିତ ଗ୍ରେଟ୍ ହଲ୍ ଅଫ୍ ପିପୁଲ୍। ବିଶ୍ୱର ଦୁଇ ସବୁଠାରୁ ବୃହତ ଶକ୍ତିର ଶାସନ ମୁଖ୍ୟ ସାମନା ସାମନି ହୋଇ ବସିଛନ୍ତି। ସି ଜିନ୍ ପିଙ୍ଗ୍, ଟ୍ରମ୍ପଙ୍କୁ ଏକ ପ୍ରଶ୍ନ ପଚାରିଲେ। ପ୍ରଶ୍ନଟି ପାଖାପାଖି ଅଢ଼େଇ ହଜାର ବର୍ଷ ପୁରୁଣା, କ'ଣ ଚୀନ ଓ ଆମେରିକା ଥୁସିଡାଇଡସ୍ ଟ୍ରାପ୍ ବା ଫାସରୁ ବର୍ତ୍ତିପାରିବେ ? ଟ୍ରମ୍ପଙ୍କ ପାଇଁ ବୋଧହୁଏ ଉପରୋକ୍ତ ନାମଟି ନୂଆ ଥିଲା, କିନ୍ତୁ ସି ଜିନ୍ ପିଙ୍ଗ୍ ଙ୍କର ଏହି ପ୍ରଶ୍ନରେ ବିଶ୍ୱବ୍ୟାପୀ ସାମରିକ ବିଶେଷଜ୍ଞ ମାନେ ଚମକି ପଡ଼ିଲେ। ପ୍ରକୃତ ଅର୍ଥରେ ଦେଖିଲେ ଜିନ୍ ପିଙ୍ଗ ପ୍ରଶ୍ନ ପଚାରୁ ନଥିଲେ ବରଂ ସେ ଆମେରିକାକୁ ଚେତାବନୀ ଦେଉଥିଲେ, ଅଢ଼େଇ ହଜାର ବର୍ଷ ତଳର ଚେତାବନୀ। ଉକ୍ତ ବୈଠକରେ ଜିନ୍ ପିଙ୍ଗ୍ ଟ୍ରମ୍ପଙ୍କୁ କହିଲେ କି, ତାଇୱାନ୍ ପ୍ରସଙ୍ଗରେ ଆମେରିକାର କୌଣସି ବି ପଦକ୍ଷେପ ଏହାକୁ ମହଙ୍ଗା ପଡ଼ିପାରେ।

ବାହାରେ ଯୁଦ୍ଧ ଚାଲିଛି। ହୋର୍ମୁଜକୁ ଖୋଲିବା ନେଇ ମଧ୍ୟ ଅନିଶ୍ଚିତତା ଜାରି ରହିଛି। ଟ୍ରମ୍ପ ବୈଠକ ଶେଷ କରି ୱାସିଂଟନ୍‌କୁ ପ୍ରତ୍ୟାବର୍ତ୍ତନ କଲେ, କିନ୍ତୁ ଜିନ୍ ପିଙ୍ଗ କହିଥିବା ଥୁସିଡାଇଡସ୍ ଟ୍ରାପ୍‌ଟି ସମଗ୍ର ବିଶ୍ୱରେ ଆଲୋଚିତ ହେବାରେ ଲାଗିଲା। ତେବେ କ'ଣ ଏହି ଥୁସିଡାଇଡସ୍ ଟ୍ରାପ୍ ଏହାର ସବିଶେଷ ଇତିହାସ ହିଁ ଆମ ସନ୍ଦର୍ଭର ବିଷୟବସ୍ତୁ।

"ଥୁସିଡାଇଡସ୍ ଟ୍ରାପ୍" ତତ୍ତ୍ୱଟି ଆଧୁନିକ ସମୟରେ ଯୁକ୍ତରାଷ୍ଟ୍ର ଓ ଚାଇନା ମଧ୍ୟରେ ଥିବା କୂଟନୈତିକ ସମ୍ପର୍କରେ ବ୍ୟାପକ ଭାବେ ବ୍ୟବହୃତ ହେଉଛି ସତ କିନ୍ତୁ ଏହି ଶବ୍ଦଟିର ଉତ୍ପତ୍ତି ଜାଣିବାକୁ ହେଲେ ଆମକୁ ଯିବାକୁ ପଡ଼ିବ ପ୍ରାଚୀନ ଗ୍ରୀସ୍ ସଭ୍ୟତାକୁ। ଯେତେବେଳେ ଗୋଟିଏ ଉଦୀୟମାନ ଶକ୍ତି, ଅନ୍ୟ ଗୋଟିଏ ଶାସକ ଶକ୍ତିକୁ ବିରୋଧ (**Challange**) କରିଥାଏ, ସେତେବେଳେ ଶାସକ ଗୋଷ୍ଠୀ ମଧ୍ୟରେ ଚିନ୍ତା ଓ ଭୟର ଉଦ୍ରେକ ହୋଇଥାଏ ଓ ପରିଶେଷରେ ଏହା ଯୁଦ୍ଧକୁ ଡାକି ଆଣିଥାଏ। ଏଠାରେ ଆମେ ଉଦୀୟମାନ ଶକ୍ତି ଭାବରେ ଚୀନ୍ କୁ ନେଇପାରିବା ଓ ଶାସକ ଶକ୍ତି ଭାବରେ ଆମେରିକାକୁ ଦେଖିପାରିବା, ସରଳ ଭାଷାରେ ଏହା ହିଁ "ଥୁସିଡାଇଡସ୍ ଟ୍ରାପ୍"ର ଅର୍ଥ। ଏହି ଶବ୍ଦର ସୃଷ୍ଟି "ଥୁସିଡାଇଡସ୍" ନାମକ ଗ୍ରୀକ୍ ସେନାପତି ଓ ଐତିହାସିକଙ୍କ ଠାରୁ ହୋଇଅଛି। ଏହାଙ୍କର ସମୟ ଥିଲା ଖ୍ରୀଷ୍ଟପୂର୍ବ ୪୬୦ ରୁ ୪୦୦। ଏଥେନ୍ସ ଓ ସ୍ପାର୍ଟା ମଧ୍ୟରେ ଖ୍ରୀଷ୍ଟପୂର୍ବ ୪୩୧ରେ ଆରମ୍ଭ ହୋଇଥିବା "ପେଲୋପୋନେସିଆନ୍ ଯୁଦ୍ଧ"ରେ "ଥୁସିଡାଇଡସ୍" ଥିଲେ ଜଣେ ସେନାପତି। ଯୁଦ୍ଧରେ ସେ ଏଥେନ୍ସ ପକ୍ଷରୁ ଲଢ଼ି ଥିଲେ। ଯୁଦ୍ଧରେ ଭାଗ ନେବା ସହିତ, ସେ ଏହି ପ୍ରସିଦ୍ଧ ସଂଗ୍ରାମର ଏକ ବିଚକ୍ଷଣ ଓ ସବିଶେଷ ବିବରଣୀ ମଧ୍ୟ ପ୍ରସ୍ତୁତ କରିଥିଲେ। ଏହି ବିବରଣୀର ନାମ ଥିଲା "ପେଲୋପୋନେସିଆନ୍ ଯୁଦ୍ଧର ଇତିହାସ" (**History of the Peloponnesian War**)। ଥୁସିଡାଇଡସ୍ ନିଜ ବିବରଣୀରେ ମତ ପ୍ରକାଶ କରିଥିଲେ ଯେ, ଉଦୀୟମାନ ଶକ୍ତି ଏଥେନ୍ସର ପରାକ୍ରମ, ଶାସକ ଶକ୍ତି ସ୍ପାର୍ଟା ମଧ୍ୟରେ ଚିନ୍ତା ଓ ଭୟର ସଞ୍ଚାର କରିଥିଲା। ପରିଶେଷରେ ଦୁଇ ଶକ୍ତି ମଧ୍ୟରେ ଯୁଦ୍ଧ ହେଲା। ସତେଇଶୀ ବର୍ଷ ଧରି ଚାଲିଥିବା ଏହି ମହା ପ୍ରଳୟଙ୍କାରୀ ସଂଗ୍ରାମରେ କଳେବଳେ କୌଶଳେ ଏଥେନ୍ସକୁ ପରାଜିତ କଲା ସ୍ପାର୍ଟା। ସ୍ପାର୍ଟା ଜିତିଲା କିନ୍ତୁ ଏତେ ଦୁର୍ବଳ ହୋଇ ପଡ଼ିଲା ଯେ, ଆଉ କେବେ ଅଣ୍ଟା ସଳଖି ଛିଡ଼ା ହୋଇପାରିଲା ନାହିଁ।

ଏଠାରେ ଗୋଟିଏ ଉଲ୍ଲେଖନୀୟ ତଥ୍ୟ ହେଉଛି କି, ଥୁସିଡାଇଡସ୍, ନିଜର ଜୀବନକାଳ ମଧ୍ୟରେ "ଥୁସିଡାଇଡସ୍ ଟ୍ରାପ୍" ଶବ୍ଦ ପ୍ରଣୟନ କରି ନଥିଲେ। ଏହି ଶବ୍ଦଟିକୁ ପ୍ରଣୟନ କରିବାର ଶ୍ରେୟ ଯିବ ହାଭାର୍ଡର ରାଜନୀତି ବିଶେଷଜ୍ଞ "ଗ୍ରାହାମ୍ ଏଲିସନ୍"ଙ୍କୁ। "ଥୁସିଡାଇଡସ୍ ଟ୍ରାପ୍" ଶବ୍ଦଟି ଏଲିସନ୍‌ଙ୍କର ହିଁ ଅବଦାନ ଦ୍ୱାରା ୨୦୧୨ ମସିହାରେ। ପ୍ରସିଦ୍ଧ ପତ୍ରିକା "ଦି ଆଟଲାଣ୍ଟିକ୍" ରେ ୨୦୧୫ ମସିହାରେ ଏଲିସନ୍ ଲେଖିଥିଲେ କି "ଥୁସିଡାଇଡସ୍" ଯୁଦ୍ଧ ସଂଘଟିତ ହେବାର ଗୂଢ଼ କାରଣ ଉପରେ ସଦା ସର୍ବଦା ଗୁରୁତ୍ୱାରୋପ କରୁଥିଲେ।

ଆଧୁନୀକ ବିଶ୍ୱ ରାଜନୀତି ଓ କୂଟନୀତିରେ "ଥୁସିଡାଇଡସ୍ ଟ୍ରାପ୍"ର ଆବିର୍ଭାବକୁ ନେଇ "ଏଲିସନ୍" ହାଭାର୍ଡ କେନେଡ଼ି ସ୍କୁଲ୍‌ର ବେଲଫର୍ ସେଣ୍ଟରଠାରେ ବ୍ୟାପକ ଗବେଷଣା କରିଛନ୍ତି। ତାଙ୍କ ଟିମ୍ ବିଗତ ପାଞ୍ଚ ଶହ ବର୍ଷ ମଧ୍ୟରେ ଘଟିତ ହୋଇଥିବା, ଷୋହଳ ଟି ଘଟଣାକୁ ଚିହ୍ନଟ କରିଛନ୍ତି, ଯେଉଁଥିରେ ଗୋଟିଏ ଉଦୀୟମାନ ଶକ୍ତି, ଶାସକଶକ୍ତିକୁ ଖୋଲା ଆହ୍ୱାନ ଦେଇଛି। ଏଥି ମଧ୍ୟରୁ ବାରୋଟିରେ ଯୁଦ୍ଧ ହୋଇଛି। ନିଜର ଗବେଷଣାର ଫଳାଫଳକୁ ନେଇ ଏଲିସନ୍ ୨୦୧୭ ମସିହାରେ ଏକ ପୁସ୍ତକ ଲେଖିଥିଲେ, "ଥୁସିଡାଇଡସ୍ ଟ୍ରାପ୍" ଉପରେ। ପୁସ୍ତକର ନାମ **"Destined for war : can America and China escape the Thucydides Trap"**

ଏହି ପୁସ୍ତକରେ ଏଲିସନ୍ ଲେଖିଛନ୍ତି କି କିଛି ସ୍ଥାନୀୟ ଘଟଣା ମଧ୍ୟ ଅତୀତରେ ମହାପ୍ରଳୟଙ୍କାରୀ ଯୁଦ୍ଧ ସୃଷ୍ଟି କରିଛି। ଉଦାହରଣ ଭାବେ ସେ ଦର୍ଶାଇଛନ୍ତି ୧୯୧୪ ମସିହାରେ ଫ୍ରାଞ୍ଜ ଫର୍ଡିନାଣ୍ଡଙ୍କ ହତ୍ୟା ଯାହାକି ବାଟ କଢ଼ାଇ ନେଇଥିଲା ପ୍ରଥମ ବିଶ୍ୱଯୁଦ୍ଧକୁ, ସେହିପରି ଫ୍ରାନ୍ସର ହାବସବର୍ଗ ସାମ୍ରାଜ୍ୟକୁ ଆହ୍ୱାନ, ୩୦ ବର୍ଷୀୟ ଯୁଦ୍ଧ (**Thirty years war**) ଘଟାଇଥିଲା ଓ ସର୍ବଶେଷରେ ବିଂଶ ଶତାବ୍ଦୀର ଆରମ୍ଭରେ ଜାପାନର ଉତ୍ଥାନ ଆମେରିକା ବିରୁଦ୍ଧରେ ଯାହାର ଫଳାଫଳ ସ୍ୱରୂପ ଘଟିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ।

ଚାଇନା ଓ ଆମେରିକାର ଉଚ୍ଚ ସ୍ତରୀୟ କୂଟନୈତିକ ବୈଠକରେ "ଥୁସିଡାଇଡସ୍ ଟ୍ରାପ୍"ର ବାରମ୍ବାର ଚର୍ଚ୍ଚା ହୋଇ ଆସୁଛି। ସୂଚନା ଯୋଗ୍ୟ ଏହି ତତ୍ତ୍ୱଟିକୁ ଜିନ୍ ପିଙ୍ଗ୍ ୨୦୧୫ ମସିହାରେ ଓବାମାଙ୍କ ସହ, ୨୦୨୪ ରେ ବିଡେନ୍‌ଙ୍କ ସହ ଓ ଏବେ ନିକଟରେ ଟ୍ରମ୍ପ୍‌ଙ୍କ ସହ ବୈଠକରେ ଦୋହରାଇଛନ୍ତି। ୨୦୧୫ରେ ୱାସିଂଟନ୍‌ର ସିଆଟେଲ୍‌ରେ ଏକ ବୈଠକରେ ଜିନ୍ ପିଙ୍ଗ୍ କହିଥିଲେ କି "ଥୁସିଡାଇଡସ୍ ଟ୍ରାପ୍" ବୋଲି କୌଣସି ଥିଓରି ବାସ୍ତବରେ ବିଶ୍ୱ ରାଜନୀତିରେ ନାହିଁ, କିନ୍ତୁ ଏଭଳି ଗୋଟିଏ ପରିସ୍ଥିତି ସୃଷ୍ଟି ହୋଇପାରିବ, ଯଦି ବିଶ୍ୱର ବୃହତ ଶକ୍ତିମାନେ ବାରମ୍ବାର କୂଟନୈତିକ ଓ ରଣନୈତିକ ଭୁଲ୍ ମାନ କରି ବସନ୍ତି। ତେବେ ପ୍ରଶ୍ନ ଉଠେ ଥୁଡିଡାଇଡସ୍ ଟ୍ରାପ୍ କ'ଣ ସବୁବେଳେ ସଂଘର୍ଷମୟ ପରିସ୍ଥିତିକୁ ଯୁଦ୍ଧ ଆଡ଼କୁ ନେଇଥାଏ ? ଏହା ସଦା ସର୍ବଦା ଭୂ-ରାଜନୀତି ବିଶେଷଜ୍ଞ ମାନଙ୍କର ଚିନ୍ତାଧାରାକୁ ଆଲୋଡ଼ିତ କରି ଆସିଛି। ବର୍ତ୍ତମାନ ଏ ବିଷୟରେ ଆମେ ସବିଶେଷ ଆଲୋଚନା କରିବା।

ଗ୍ରାହାମ ଏଲିସନ୍ ବେଲ୍‌ଫର୍ ସେଣ୍ଟର ଠାରେ କରିଥିବା ଗବେଷଣାର ଫଳାଫଳରୁ ଏପରି କିଛି ଘଟଣାର ଉଲ୍ଲେଖ କରିଛନ୍ତି, ଯେଉଁଠାରେ "ଥୁସିଡାଇଡସ୍ ଟ୍ରାପ୍"ର ଭୟ ଯୁଦ୍ଧକୁ ରୋକିବାରେ ସଫଳ ହୋଇଛି। ଏ ଘଟଣାଗୁଡ଼ିକ ମଧ୍ୟରେ ବିଂଶ ଶତାବ୍ଦୀର ପ୍ରାରମ୍ଭିକ ସମୟରେ ଆମେରିକା ଓ ବ୍ରିଟେନ୍ ମଧ୍ୟରେ ସଂଘର୍ଷ, ଶୀତଳ ଯୁଦ୍ଧ ସମୟରେ ଆମେରିକା, ରୁଷ୍ ଓ ପନ୍ଦର ଶହ ଶତାବ୍ଦୀରେ ସ୍ପେନ୍ ଏବଂ ପର୍ତ୍ତୁଗାଲ୍ ମଧ୍ୟରେ ସଂଘର୍ଷ ଅନ୍ୟତମ। ବିଂଶ ଶତାବ୍ଦୀର ପ୍ରାରମ୍ଭିକ ସମୟରେ ଅର୍ଥନୈତିକ ଓ ନୌବାହିନୀ ପ୍ରସଙ୍ଗକୁ ନେଇ ଆମେରିକା ଓ ବ୍ରିଟେନ୍ ମଧ୍ୟରେ ପ୍ରତିଯୋଗୀତା ଚାଲିଥିଲା ବେଳେ ଉଭୟ କିନ୍ତୁ ସିଧା ସଳଖ ଯୁଦ୍ଧରୁ ନିବୃତ୍ତ ରହିଥିଲେ।

ବରଂ ପରବର୍ତ୍ତୀ ସମୟରେ ଦୁହେଁ ମିଳିତ ଭାବରେ ଦୁଇଟି ବିଶ୍ୱଯୁଦ୍ଧରେ କେନ୍ଦ୍ରଶକ୍ତି ବିରୁଦ୍ଧରେ ଲଢ଼ିଥିଲେ। ପନ୍ଦରଶହ ଶତାବ୍ଦୀରେ ସ୍ପେନ୍ ଓ ପର୍ତ୍ତୁଗାଲ୍ ମଧ୍ୟରେ ବିଭିନ୍ନ ଦେଶକୁ ଜଳପଥ ଆବିଷ୍କାର ତଥା ନିଜ ନିଜର ଆଧିପତ୍ୟ ବିସ୍ତାରକୁ ନେଇ ଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ପୋପ୍ ଷଷ୍ଠ ଆଲେକଜାଣ୍ଡାରଙ୍କ ମଧ୍ୟସ୍ଥତାରେ କିନ୍ତୁ ଏ ବିବାଦର ଅବସାନ ଘଟିଲା। ଗୋଟିଏ କାଳ୍ପନିକ ରେଖା ଆଟଲାଣ୍ଟିକରେ ଟାଣି ପୋପ୍ ପ୍ରସ୍ତାବ ଦେଲେ ଯେ, ରେଖାର ପୂର୍ବକୁ ସବୁ ଅଞ୍ଚଳ ପର୍ତ୍ତୁଗାଲ୍‌ର ଓ ପଶ୍ଚିମକୁ ସବୁ ସ୍ପେନ୍‌ର ବୋଲି। ଉଭୟ ଦେଶ ଏହାକୁ ମାନିନେଲେ। ସେହିପରି ମଧ୍ୟ ଶୀତଳ ଯୁଦ୍ଧ ସମୟରେ ଆମେରିକା ଓ ରୁଷ୍ ମଧ୍ୟରେ ବଡ଼ ଧରଣର କୌଣସି ଯୁଦ୍ଧ ହେଲାନାହିଁ। ଉପରୋକ୍ତ ତିନୋଟି ଘଟଣା "ଥୁସିଡାଇଡସ୍ ଟ୍ରାପ୍"ର ଭୟ ଯୋଗୁଁ ପୂର୍ଣ୍ଣାଙ୍ଗ ଯୁଦ୍ଧରେ ପରିବର୍ତ୍ତିତ ହୋଇପାରିଲା ନାହିଁ ବୋଲି ଆମେ କହିପାରିବା।

ଏବେ ଦେଖିବା କିଛି ଯୁଦ୍ଧକୁ ଯେଉଁଥିରେ ଏହି ଟ୍ରାପ୍ ଉଭୟ ପକ୍ଷକୁ ତଳିତଳାନ୍ତ କରି ଦେଇଛି। ପ୍ରଥମେ ଦେଖିବା ବିଂଶ ଶତାବ୍ଦୀର ଆରମ୍ଭରେ ଜର୍ମାନୀର ଉତ୍ଥାନକୁ ଯାହାକି ଜର୍ମାନୀ ଓ ବ୍ରିଟେନ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀ ମନୋଭାବ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ଫର୍ଡିନାଣ୍ଡଙ୍କ ହତ୍ୟା ଫଳରେ ପ୍ରଥମ ବିଶ୍ୱଯୁଦ୍ଧ ହୋଇଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଅପମାନଜନକ ସନ୍ଧି ଯୋଗୁଁ ଜର୍ମାନୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ କରିଥିଲା। ମୋଟ୍ ଉପରେ ଏହି ଦୁଇ ଯୁଦ୍ଧରେ କୋଟି କୋଟି ଲୋକ ମୃତ୍ୟୁ ବରଣ କରିବା ସହିତ ଉଭୟ କେନ୍ଦ୍ରଶକ୍ତି ଓ ମିତ୍ରଶକ୍ତି ତଳିତଳାନ୍ତ ହୋଇଯାଇଥିଲେ।

ସେହିପରି ଭାବରେ ଷୋହଳଶହ ଶତାବ୍ଦୀରେ ହୋଇଥିଲା ଭିଏନା ଯୁଦ୍ଧ। ଏଥିରେ ଗୋଟିଏ ପଟେ ଥିଲେ ଓଟୋମାନ୍ ସାମ୍ରାଜ୍ୟ ଓ ଅନ୍ୟପଟେ ପୋଲାଣ୍ଡ ସମ୍ରାଟ ଜନ ତୃତୀୟଙ୍କ ଅଧିନରେ ମିଳିତ ଖ୍ରୀଷ୍ଟିୟାନ୍ ସେନା। ଶେଷରେ ଖ୍ରୀଷ୍ଟିୟାନ ସେନା ବିଜୟ ଲାଭ କରିଥିଲେ କିନ୍ତୁ ଉଭୟ ପକ୍ଷର ବିପୁଳ କ୍ଷୟକ୍ଷତି ହୋଇଥିଲା।

ପରିଶେଷରେ ଏତିକି କହି ନିବନ୍ଧଟିକୁ ଶେଷ କରିବି ଯେ ଉଭୟ ଆମେରିକା ଓ ଚୀନ୍ ପାଖରେ ପରମାଣୁ ଅସ୍ତ୍ର ଅଛି। ଦୁଇପକ୍ଷ ବୁଦ୍ଧିମାନର ସହ କାମ କଲେ ଏକ ବୃହତ ବିପର୍ଯ୍ୟୟରୁ ବିଶ୍ୱ ବର୍ତ୍ତିପାରିବ। ଥୁସିଡାଇଡସ୍ ଅଢ଼େଇ ହଜାର ବର୍ଷ ତଳେ ଏଥେନ୍ସରେ ଲେଖିଥିଲେ କି, "ଭୟ ଯୋଗୁଁ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇଥାଏ।" ଆଜି ତାଙ୍କ ବାଣୀ ବେଜିଂ ର ଗ୍ରେଟ୍ ହଲ୍ ଅଫ୍ ଚାଇନାରେ ଶୁଣିବାକୁ ମିଳିଛି।

+ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ: ୮୧୪୪୦୪୨୯୯୭

# ସାଧାରଣ ଲୋକର କଥା

ବୈଷ୍ଣବ ମେହେର

ଏକ ସୁଦୃଢ଼ ଗଣତନ୍ତ୍ର ପାଇଁ ସାଧାରଣ ଲୋକ ହେଉଛନ୍ତି ମୂଳ ଆଧାର। ଅନ୍ୟପକ୍ଷରେ ସାଧାରଣ ଲୋକ କହିଲେ ସେହିମାନଙ୍କୁ ବୁଝାଏ ଯେଉଁମାନେ ନିଜ ଦେଶ ପ୍ରତି ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ କର୍ତ୍ତବ୍ୟନିଷ୍ଠ ରହିବା ସହ ସାମାଜିକ, ରାଜନୈତିକ ଓ ଧର୍ମୀୟ ବିବାଦରେ ନିଜର ନିରପେକ୍ଷତା ବଜାୟ ରଖିବା । ପୁନଶ୍ଚ ସାଧାରଣ ଲୋକ ହେବା ଅର୍ଥ ନିଜ ଜୀବନରେ ସହଜତା ଓ ସ୍ୱଭାବିକତାକୁ ଦେଖାଇ ମାଟି ସହ ଯୋଡ଼ି ହେବାର ଆନନ୍ଦ ଅନୁଭବ କରିବା । ରାଷ୍ଟ୍ର ପ୍ରତି ସମର୍ପିତ ଏଭଳି ବିଚାର ଧାରାରେ ପରିପୁଷ୍ଟ ମଣିଷମାନଙ୍କୁ ନେଇ ହିଁ ଗୋଟିଏ ଦେଶର ଗଣତନ୍ତ୍ର ନିଜକୁ ବଳିଷ୍ଠ, ବ୍ୟବସ୍ଥିତ ଓ ସୁରକ୍ଷିତ ମନେକରେ ।

ଦୁଃଖ ଓ ପରିତାପର ବିଷୟ ଯେ, ଭାରତ ଭଳି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶରେ ସାଧାରଣ ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ଘଟି ଚାଲିଛି । ଗାଁ ଠାରୁ ସହର ଯାଏଁ ପ୍ରତ୍ୟେକ କ୍ଷେତ୍ରରେ ବାସ କରୁଥିବା ଅଧିକାଂଶ ଲୋକଙ୍କୁ ରାଜନୈତିକ ଚାପ ବଶୀଭୂତ କରି ଦେଇଥିବା ଅନୁଭବ ହୁଏ। ଏବେ ଅନେକ ଲୋକ କୌଣସି ନା କୌଣସି ରାଜନୈତିକ ଦଳର ବା ନେତୃତ୍ୱର ହାତବାରିସୀ ସାଜି ସେମାନଙ୍କ କର୍ମୀ ପାଲଟି ଯାଉଛନ୍ତି । କ୍ଷୋଭର ବିଷୟ ଏହା ଯେ ସମ୍ପୃକ୍ତ ଦଳ କିମ୍ବା ନେତୃତ୍ୱର ଆଦର୍ଶ ନିମନ୍ତେ ଲୋକେ ଯେତିକି ପରିମାଣରେ ସେମାନଙ୍କ ପଟକୁ ଢଳି ବସନ୍ତି ତା'ଠାରୁ ଢେର ଅଧିକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲର ଉଦ୍ଦେଶ୍ୟ ରହିଥାଏ । ତେଣୁ ଗତ କିଛି ବର୍ଷ ହେଲା ଗାଁ ଗାଁରେ ସାଧାରଣ ଲୋକ କମ ଓ ଦଳୀୟ କର୍ମୀ ସଂଖ୍ୟା ଅଧିକ ଥିବା ମାନେ ହେଉଛି । ପରିଣାମ କଥାକଥାରେ ସପକ୍ଷବାଦୀ ବିପକ୍ଷବାଦୀଙ୍କୁ ନେଇ ବିଭିନ୍ନ ସମୟରେ ଆଲୋଚନା ସାମାଲୋଚନା ଲାଗି ରହି ଯୁକ୍ତିତର୍କ ଯାଏଁ କଥା ଯାଉଛି । ଏହାଦ୍ୱାରା ସାମାଜିକ, ଧାର୍ମିକ, ମାଙ୍ଗଳିକ ଭଳି ନିରପେକ୍ଷ କାର୍ଯ୍ୟକର୍ମରେ ମଧ୍ୟ ରାଜନୈତିକ ଗନ୍ଧଟିଏ ବାରି ହୋଇଯାଉଛି । ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ପାରସ୍ପରିକ ଭାବଟିଏ ଆଉ ଆଗଭଳି ନିର୍ମଳ ରହୁନାହିଁ । ଏଧାରା ଲାଗି ରହିଲେ ଆଗକୁ ଗଣତନ୍ତ୍ର ଯେ ଭାରତୀୟ ଜୀବନଧାରା ପାଇଁ ଅଭିଶାପ ହୋଇନଯିବ ଏକଥା କହି ହେବ ନାହିଁ ।

ଯେଉଁ ପରିସ୍ଥିତିରେ ଥାଆନ୍ତୁନା କାହିଁକି, ଜଣେ ଆଦର୍ଶ ନାଗରିକର ମୁଖ୍ୟ ଲକ୍ଷଣ ହେଉଛି ଦେଶ ପ୍ରତି ନିଜର ଅଧିକାର ଓ କର୍ତ୍ତବ୍ୟକୁ ନେଇ ସଦା ସଜାଗ ରହିବା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ତ ପ୍ରତ୍ୟେକ ପରିସ୍ଥିତିରେ ଭଲକୁ ଭଲ ଓ ମନ୍ଦକୁ ମନ୍ଦ ବୋଲି କହିପାରିବାର ସାହସ ରଖିବା । ଆଇନକୁ ସମ୍ମାନ ଦେବାରେ ସେହିପରି ବ୍ୟକ୍ତିଙ୍କ କୌଣସି ଦ୍ୱିଧା ହିଁ ନଥାଏ କିମ୍ବା ଆଇନ ଅନୁଯାୟୀ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇବାରେ ମଧ୍ୟ ସେମାନଙ୍କ ଆଦୌ ପଶ୍ଚାତପଦ ନଥାଏ । ଏବେ ତ ଦିନକୁଦିନ ରାଜନୈତିକ ଅରାଜକତା ବଢ଼ିବାରେ ଲାଗିଛି । ସରକାର ଯାହାବି ଜନକଲ୍ୟାଣ ଯୋଜନା ପ୍ରଣୟନ କରୁଛନ୍ତି ତାକୁ ନେଇ ସ୍ୱଭାବତଃ କେବଳ ବିରୋଧୀ ଦଳରେ ବସିଥିବା ଲୋକ ନୁହନ୍ତି, ତାଙ୍କ ସହ ଦେଶର କୋଣଅନୁକୋଣରେ ବିରୋଧୀଙ୍କ ସମର୍ଥନରେ ଥିବା କର୍ମୀ ମାନେ ମଧ୍ୟ ଦେଖାଚାହାଁ ବିରୋଧ କରନ୍ତି। ଅପରପକ୍ଷେ ସରକାରୀ ସ୍ତରର ଅବହେଳାକୁ ନିଜ କର୍ମୀମାନେ ଜାଣିଶୁଣି ଚାପି ଦେବାର ପ୍ରୟାସ କିମ୍ବା ବିଭିନ୍ନ ଆଳର ସମର୍ଥନ କରିବାକୁ ଦେଖି ଦେଶ ସାରା ଥିବା ସେମାନଙ୍କ ସମର୍ଥକ ମାନେ ମଧ୍ୟ ସେସବୁ ଠିକ ବୋଲି ଜୋର ଦିଅନ୍ତି । ଏମିତିରେ ନିରପେକ୍ଷ ହୋଇ ରହିଯାଇଥିବା କିଛି ସାଧାରଣ ଲୋକ କୋଣଠେସା ହୋଇ ପଡିବା ହିଁ ସାର ହେଉଛି । ସଂପ୍ରତି ଆମ ଦେଶ ଓ ରାଜ୍ୟରେ ବିଭିନ୍ନ ଛୋଟବଡ଼ ଘଟଣା ଅଘଟଣକୁ ନେଇ ଚର୍ଚ୍ଚା ସରଗରମ ରହିଛି। ସେ ବିଭିନ୍ନ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେଉ କି ଭିଡହିଂସା, ପାଠ୍ୟପୁସ୍ତକ ତ୍ରୁଟି ଅବା ତୈଳ ସଙ୍କଟ ପ୍ରତି ଘଟଣାରେ କେବଳ ସରକାର ଓ ବିରୋଧୀ ଦଳ ମଧ୍ୟରେ ଯେ ଟଣାଓଟରା କି କାଦୁଅ ଫିଙ୍ଗାଫିଙ୍ଗି ଚାଲିଛି ତାହା ନୁହେଁ, ତା'ଠାରୁ ଅଧିକ କଳୁଷିତ ହେଉଛି ସାଧାରଣ ଗ୍ରାମ୍ୟ ଓ ସହରର ପରିବେଶ। କାରଣ ଦେଶ ନୁହଁ ଆମର ତ ଦଳ ବଡ଼। ମାଟି ନୁହଁ ଆମେ ତ ପାର୍ଟିର ଲୋକ ହୋଇ ଯାଇଛେ ।

ବେଳ ଥାଉଁ ସାବଧାନ ହୋଇ, ଆମେ ନିଜକୁ ଦଳୀୟ କର୍ମୀରୁ ନିବୃତ କରି ସାଧାରଣ ଲୋକ ହେବାକୁ ପଡିବ। ଅର୍ଥାତ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ କିମ୍ବା ଏହାର ନେତୃତ୍ୱ ପ୍ରତି ଅନୁଗତ ନହୋଇ ନିଷ୍ପକ୍ଷ ଭାବରେ କାର୍ଯ୍ୟ କରିବା। ଗଣତନ୍ତ୍ରର ସୁରକ୍ଷା ପାଇଁ ଏହା ଅତ୍ୟନ୍ତ ଜରୁରୀ ହୋଇଥିବାରୁ ଆସନ୍ତୁ ଅଧିକରୁ ଅଧିକ ସାଧାରଣ ଲୋକ ହୋଇଯିବା ।

+ସିନାପାଲି, ନୂଆପଡା
ମୋ: ୯୭୭୭୭୫୩୯୩୫

କବିତା କୋଣାର୍କ

## ମାଟିର ଶୋଷ

ଡିସମ୍ବର ମେହେର



ପହିଲି ବର୍ଷା
ମାଟିକୁ ଛୁଇଁଛି
କେତେ ଦିନର ତୃଷ୍ଣା
ଆଜି ମେଣ୍ଟିଛି
ଶୋଷିନେବ ଗଭୀର ପ୍ରେମ ଢାଳି
ପ୍ରାଣରୁ ପ୍ରାଣକୁ
ପରଶି ଦେବ
ମଧୁରାତିରେ ଆତ୍ମୀୟ କରି ।।

ଦୀର୍ଘଦିନ ବ୍ୟବଧାନରେ
ତୁମେ ଆସିଛ
ସଜେଇ ମେଘ ଉର୍ମିମାଳେ
ଇନ୍ଦ୍ରଧନୁର ଶାଢ଼ୀ ପିନ୍ଧି
ଆଖିରେ କଜଳ ଲେପି
ବରଷିବ ବୋଲି
ଅବିରାମ
ରାତି ତମାମ
ଝରେଇ ଦେବ
ଯୌବନ ରସ ।।

ଆଜି ଆସିଛ
ନୂଆ ରୂପରେ ନୂଆ ଢଙ୍ଗରେ
ପୁରୁଣା ସ୍ମୃତିକୁ ସାଉଁଟି,
ଚାଲ ମିଶିଯିବା ଦୁହେଁ
ହସ ସଂଚାରିବା
ଦୁନିଆଁ ଭିତରେ
ସବୁଜିମା କୋଳରେ
ମହକ ବୁଣି ଦେବା
ସଦ୍ୟ ଫୁଲ ପାଖୁଡ଼ା ଭିତରେ ।।

ଫୁଲେଇ ହୁଏ
ବେଳେ ବେଳେ
ଗେହ୍ଲେଇ ପ୍ରିୟା
ନୀଳ ଆକାଶେ,
ଲୁଚି ଛପି ଲୁଚକାଳି ଖେଳେ
କଷ୍ଟ ଦିଏ,
ଲୁହ ଝରାଏ,
ଧୂ ଧୂ ଖରା ଭିତରେ
ଡହଳ ବିକଳ ହୋଇ
ଦେହ ମୋର ଫାଟି
ଆଁ କରି
ଖଣ୍ଡା ଖଣ୍ଡା ହୁଏ ।।

ଆସ
ବେଗେ ବେଗେ ମାଡି ଆସ
ଝୁର ଝୁମ୍ ସୁରେ
ମୋ ଭଙ୍ଗା ହୃଦୟକୁ
ଯୋଡିବାକୁ
ଜଖମ ଭିତରେ
ମଲମ ଦେବାକୁ
ଆସ
ଉଷୁମ ରୁଧିରକୁ
ଶୀତଳି ଦେବ
ମେଣ୍ଟାଇ ଦେବ ଶୋଷ
ତୁମ ପ୍ରେମ ସ୍ପର୍ଶରେ ।।

+ଗଣ୍ଡାବାହାଲି ନୂଆପଡା
ମୋ-୭୮୯୪୭୮୮୧୩୫

## ଭଲକାମ ସଦା କର

ଜୟନ୍ତ କୁମାର ମଲ୍ଲିକ



ଆମ ଗାଆଁ ବାବୁଲା ବହୁତ ଚଗଲା
ପାଠରେ ତ ପୂରା ଢ଼ିଲା -
ଖଣ୍ଡ ମଣ୍ଡଳରେ ଜାଣନ୍ତି ତାହାକୁ
ସେ ଗୋଟେ ଚଗଲା ପିଲା ।
ନିଇତି ଉଠେ ସେ ଦିନ ଦଶଟାରେ
ଦାନ୍ତ ନଘଷିକି ଖାଏ -
ଖେଳେ ଗାଇଆଳ ପିଲାଙ୍କ ସାଥିରେ
ବେଳେ ବେଳେ ଗୀତ ଗାଏ ।
ଆମ୍ବ ଜାମୁକୋଳି ଖାଇଥାଏ ତୋଳି
ପଇଡ଼ ପାରିକି ପିଏ -
ଆକଟ କରିକି କହିଦେଲେ କେହି
ମୁହଁରେ ଜବାବ ଦିଏ ।
ବିଦ୍ୟାଳୟେ ଯେବେ ମନକରି ଯାଏ
ହୁଅଇ ଚଗଲା ଭାରି -
ଗୁରୁଜୀ ଗୁରୁମା କଥା ନମାନିକି
ହୁକୁମ କରଇ ଜାରି ।
କେହି ଜଣେ ତାକୁ ନପାଆନ୍ତି ଭଲ
ସଭିଏଁ ଦିଅନ୍ତି ଗାଳି -
ଦିନେ ମନଦୁଃଖ ହୋଇଲା ତାହାର
ଏହି କଥାଟିକୁ ଭାଳି ।
ତାପରେ ନିଜକୁ ଧିକ୍କାର କରି ସେ
ଭଲକାମେ ମନ ଦେଲା -
ସାଇ ପଡ଼ିଶାରେ ଅଳପ ଦିନରେ
ସିଏତ ଆଦୃତ ହେଲା ।
ସେଥିପାଇଁ ପିଲେ !ତୁମେମାନେ ସବୁ
ଭଲକାମ ସଦା କର -
ତୁମ ପାଇଁ ସାରା ସଂସାର ହସିବ
ପୂରିବ ସବୁରି ଘର ।

ଝଝଝ

+ଶୂରଡିହ, ନନ୍ଦିପୁର, ଯାଜପୁର.
ଦଶରଥପୁର
ମୋ:-୯୪୩୭୮୬୫୭୨୭

# ଅଠରନଳା



ଦିଲ୍ଲୀପ କୁମାର ସାହୁ



'ବାଟରେ ବାଟମଙ୍ଗଳା
ଦେଖିବା ଅଠରନଳା
ପାଞ୍ଚମନ ଏକମେଳା
ନରେନ୍ଦ୍ରେ ସ୍ନାନ କରିବା'

ପ୍ରାଚୀନ କବି ସାରିଆ ଭିକଙ୍କର ଏହି ବହୁଜନାଦୃତ ଭକ୍ତି ଗୀତଟିକୁ ଶ୍ରବଣ କଲେ ବା ସ୍ମରଣ କଲେ ଆଖି ଆଗରେ ନାଚିଯାଏ ଅଠରନଳାର ଦୃଶ୍ୟ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ବଡଦାଣ୍ଡରେ ପହଞ୍ଚିବା ଆଗରୁ ବାଟରେ ପଡେ ଏହି ପ୍ରାଚୀନ କିର୍ତ୍ତୀ। ଯାହାକୁ ଦେଖି କିଛି ଶ୍ରଦ୍ଧାଳୁମାନେ କିଛିସମୟ ଅଟକି ଯାଆନ୍ତି ଓ ମନଭରି ନିରିକ୍ଷଣ କରନ୍ତି ସେହି କାରୁକାର୍ଯ୍ୟ ମଣ୍ଡିତ ଐତିହ୍ୟକୁ। ଶ୍ରୀକ୍ଷେତ୍ରର ଉତ୍ତର ଦିଗରେ ପ୍ରବାହିତ ମୂଷାନଦୀ ଉପରେ ନିର୍ମିତ ଏହି ପ୍ରାଚୀନ ପୋଲଟି, ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ବିଶେଷ ଭାବରେ ଜଡିତ। ସେଥିପାଇଁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଶହସ୍ରାଧିକ ବର୍ଷର ଏହି ପ୍ରାଚୀନ କିର୍ତ୍ତୀକୁ ଦେଖି ଖୁବ୍ ଆହ୍ଲାଦିତ ହୋଇଥାନ୍ତି ।

ଇତିହାସ କହେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଦର୍ଶନାର୍ଥୀଙ୍କ ପାଇଁ ମୂଷା ନଦୀ ପାରିହେବା ଥିଲା ଖୁବ୍ କଷ୍ଟସାଧ୍ୟ । ତେଣୁ ଏହି ସମସ୍ୟାକୁ ଦୂର କରିବା ନିମନ୍ତେ ଗଙ୍ଗ ବଂଶର ରାଜା ଦ୍ୱିତୀୟ ନରସିଂହ ଦେବ ତ୍ରୟୋଦଶ ଶତାବ୍ଦୀରେ ଏହି ପୋଲଟିକୁ ନିର୍ମାଣ କରିଥିଲେ। ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ରାଜା ଭାନୁଦେବ ଏହାର ନିର୍ମାତା । ଏହାର ନିର୍ମାଣ କାଳ ତେରଶ ଶତାବ୍ଦୀ ବୋଲି ଗବେଷକମାନେ ମତ ରଖନ୍ତି। ଏହି ଅଠରନଳାର ଲମ୍ବ ୮୫ ମିଟର ହୋଇଥିବାବେଳେ ଏହାର ଓସାର ୧୧ ମିଟର। ଏହା ଉଣେଇଶ ଗୋଟି ଖୁମ୍ବ ଉପରେ ନିର୍ମିତ ଓ ଜଳ ନିଷ୍କାସନ ପାଇଁ ଏଥିରେ ରହିଛି ଅଠର ଗୋଟି ପୁକାର। ତେଣୁ ଅଠର ନଳା ଭାବରେ ଏହା ବେଶ୍ ଖ୍ୟାତ। ଏହାର ପ୍ରତି ନଳାର ଦୈର୍ଘ୍ୟ କୋଡିଏ ଫୁଟ । କନ୍ଦା ଓ ବାଲିଆ ପଥର ବ୍ୟବହାର କରାଯଇ ନିର୍ମାଣ କରାଯାଇଥିବା ଏହି ପୋଲର ଖିଲାଣ ବା ନଳାଗୁଡିକର ଉପରିଭାଗ ଖୁବ୍ ସୁନ୍ଦର। ଏହାର ମଝି ଖିଲାଣଟି ସବୁଠାରୁ ବଡ଼ । ଯାହାର ଉଚ୍ଚତା ପ୍ରାୟ ସତର ଫୁଟ। ଅନ୍ୟ ଖିଲଣଗୁଡ଼ିକ ଦୁଇପାଖକୁ କ୍ରମାନ୍ୱୟରେ ଛୋଟହୋଇଯାଇଛି । ଏହାର ଶେଷ ଖିଲାଣର ଉଚ୍ଚତା ପ୍ରାୟ ବାର ଫୁଟ।

ଅଠରନଳାର ପ୍ରତି ନଳାର ମୂଖଭାଗରେ ଶୋଭିତ ବିଭିନ୍ନ ଦେବାଦେବୀଙ୍କ ସହ ଅନ୍ୟାନ୍ୟ ମୂର୍ତ୍ତିଗୁଡ଼ିକ ଉତ୍କଳୀୟ ଉତ୍କର୍ଷ କଳାର ନିଦର୍ଶନ। ସେହି ମୂର୍ତ୍ତିଗୁଡ଼ିକ ହେଲେ ବୃଷଭାରୁଢ ଶିବ,ଏକପାଦ ଭୈରବ, ଶିବଙ୍କ ଅର୍ଦ୍ଧନାରୀଶ୍ୱର ରୂପ, ଗଜାଭିଷେକ ଲକ୍ଷ୍ମୀ, ମହିଷମର୍ଦ୍ଦିନୀ ଦୁର୍ଗା , ନବଗ୍ରହ , ବାରାହ ଶିକାର ଦୃଶ୍ୟ, ବାଦ୍ୟଯନ୍ତ୍ର ବଜାଉଥିବା ସଙ୍ଗିତଜ୍ଞ, ପଦ୍ମଫୁଲ ଅଳଙ୍କାର ଏବଂ ହାତୀ ଇତ୍ୟାଦି।

ଏହି ଐତିହ୍ୟର ସୁରକ୍ଷା ପାଇଁ ଏବେ ଏହା ଉପରେ ଯାନ ବାହାନ ଯାତାୟତ କୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଛି। ତେଣୁ କେବଳ ଚାଲିଚାଲି ଶ୍ରଦ୍ଧାଳୁ ଏହି ପୋଲ ଉପରକୁ ଯାଇ ଦୂରରୁ ଦୃଶ୍ୟମାନ ନୀଳଚକ୍ର ଓ ପତିତପାବନ ନେତଙ୍କୁ ପ୍ରଣିପାତ କରିଥାନ୍ତି।

ଜୟ ଜଗନ୍ନାଥ



+ ଶଙ୍କରପୁର, ଚାରବାଟିଆ, କଟକ

# ବ୍ଲାକ୍ କଫି ପିଉଛନ୍ତି କି ? ଜାଣନ୍ତୁ ଏହାର୍ ଫାଇଦା ଓ କ୍ଷତି



ଆଜିକାଲି ବ୍ଲାକ୍ କଫି ପିଇବାର ଟ୍ରେଣ୍ଡ ବେଶ୍ ବଢ଼ିଛି । ଓଜନ କମାଇବା ଠାରୁ ଆରମ୍ଭ କରି ଫିଟନେସ୍ ଓ ଏନର୍ଜି ବଢ଼ାଇବା ପର୍ଯ୍ୟନ୍ତ ବ୍ଲାକ୍ କଫିକୁ ଅନେକେ 'ସୁପର ଡ୍ରିଙ୍କ' ବୋଲି ଭାବୁଛନ୍ତି । ସୋସିଆଲ ମିଡିଆରେ ମଧ୍ୟ ବ୍ଲାକ୍ କଫିର ଫାଇଦାକୁ ନେଇ ଅନେକ ଦାବି କରାଯାଉଛି କିନ୍ତୁ ପ୍ରକୃତରେ କଣ ବ୍ଲାକ୍ କଫି ସମସ୍ତଙ୍କ ପାଇଁ ଲାଭଦାୟକ? ପ୍ରତିଦିନ ଏହା ପିଇବା ସୁରକ୍ଷିତ କି? କେଉଁମାନେ ବ୍ଲାକ୍ କଫି ପିଇବା ଉଚିତ ଏବଂ କେଉଁମାନେ ସାବଧାନ ରହିବା ଦରକାର? ଏନେଇ ଡାକ୍ତରମାନେ କଣ କହୁଛନ୍ତି, ଆସନ୍ତୁ ଜାଣିବା । ବିଶେଷଜ୍ଞଙ୍କ କହିବା ଅନୁସାରେ, ବ୍ଲାକ୍ କଫିର ପ୍ରଭାବ ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରରେ ସମାନ ନୁହେଁ । ବୟସ, ଶାରୀରିକ ସ୍ଥିତି, ପୂର୍ବରୁ ଥିବା ରୋଗ ଏବଂ କ୍ୟାଫିନ୍ ସହନ କରିବାର କ୍ଷମତା ଉପରେ ଏହାର ପ୍ରଭାବ ନିର୍ଭର କରେ। ଯଦି ବ୍ଲାକ୍ କଫି ପିଇବା ପରେ କୌଣସି ଅସୁବିଧା ହେଉନାହିଁ, ତେବେ ସୀମିତ ପରିମାଣରେ ଏହା ସେବନ କରିପାରିବେ ।

ଡାକ୍ତରଙ୍କ ମତରେ ବ୍ଲାକ୍ କଫିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଲିଭରକୁ ସୁରକ୍ଷା ଦେବାରେ ସହାୟକ ହୋଇପାରେ । ଏହା ଲିଭର ଫାଇବ୍ରୋସିସ୍‌ର ଝୁମ୍ପ କମାଇବାରେ ମଧ୍ୟ ସାହାଯ୍ୟ କରିପାରେ । ଏହାସହ କ୍ୟାଫିନ୍ ମସ୍ତିଷ୍କକୁ ସକ୍ରିୟ ରଖିବା, ଧ୍ୟାନ କେନ୍ଦ୍ରୀକରଣ ବଢ଼ାଇବା ଏବଂ ମେଟାବଲିଜିମ୍‌କୁ ଉନ୍ନତ କରିବାରେ ସହାୟକ ବୋଲି କିଛି ଅଧ୍ୟୟନ ସୂଚନା ଦେଇଛି । ତେବେ ବ୍ଲାକ୍ କଫି ସମସ୍ତଙ୍କ ପାଇଁ ସମାନ ଭାବେ ଉପକାରୀ ନୁହେଁ। ଯଦି କଫି ପିଇବା ପରେ ରାତିରେ ନିଦ ଆସୁନାହିଁ, ଛାତି ଜ୍ୱଳା, ଏସିଡିଟି, ବଦହଜମ, ହୃଦସ୍ପନ୍ଦନ ବଢ଼ିଯିବା କିମ୍ବା ଅସ୍ଥିରତା ଅନୁଭବ ହେଉଛି, ତେବେ ବ୍ଲାକ୍ କଫି ପିଇବା ବନ୍ଦ କରିବା କିମ୍ବା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଉଚ୍ଚ ରକ୍ତଚାପ, ହୃଦସ୍ପନ୍ଦନ ଅନିୟମିତ ଥିବା, ଦୀର୍ଘଦିନର ଏସିଡିଟି ସମସ୍ୟା କିମ୍ବା ଅନିଦ୍ରାରେ ପୀଡ଼ିତ ଲୋକମାନେ ବ୍ଲାକ୍ କଫି ପିଇବା ପୂର୍ବରୁ ନିଶ୍ଚିତ ଭାବେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ । ଅନେକ ଲୋକ ସକାଳେ ଖାଲି ପେଟରେ ବ୍ଲାକ୍ କଫି ପିଇଥାନ୍ତି ।

ଅଧିକାଂଶ ଲୋକଙ୍କ ପାଇଁ ଏଥିରେ ବିଶେଷ ଅସୁବିଧା ହୁଏନାହିଁ । କିନ୍ତୁ ଯଦି ଖାଲି ପେଟରେ କଫି ପିଇବା ପରେ ପେଟ ଜ୍ୱଳା, ଗ୍ୟାସ୍ କିମ୍ବା ପେଟ ଖରାପ ହେଉଛି, ତେବେ ଖାଦ୍ୟ ଖାଇବା ପରେ କଫି ପିଇବା ଭଲ । ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ, ବ୍ଲାକ୍ କଫିରେ ଚିନି କିମ୍ବା ଦୁଧ ନମିଶାଇ ପିଇଲେ ଏହାର କ୍ୟାଲୋରି କମ୍ ରହେ ଏବଂ ସମ୍ଭାବ୍ୟ ସ୍ୱାସ୍ଥ୍ୟ ଲାଭ ଅଧିକ ମିଳିପାରେ। ଦିନକୁ ୨ରୁ ୩ କପ୍ ପର୍ଯ୍ୟନ୍ତ କଫି ଅନେକ ସୁସ୍ଥ ବୟସ୍କଙ୍କ ପାଇଁ ସାଧାରଣତଃ ଗ୍ରହଣଯୋଗ୍ୟ ହୋଇପାରେ, କିନ୍ତୁ ଏହା ବ୍ୟକ୍ତିଭେଦେ ଭିନ୍ନ ହୋଇଥାଏ । ତେଣୁ ବ୍ଲାକ୍ କଫିକୁ କୌଣସି ଚମତ୍କାରୀ ପାନୀୟ ବୋଲି ଭାବିବା ଉଚିତ ନୁହେଁ । ସୀମିତ ପରିମାଣରେ, ନିଜ ଶରୀରର ସ୍ଥିତି ଅନୁଯାୟୀ ଏବଂ ଆବଶ୍ୟକ ହେଲେ ଡାକ୍ତରଙ୍କ ପରାମର୍ଶରେ ବ୍ଲାକ୍ କଫି ପିଇବା ହିଁ ସବୁଠାରୁ ସୁରକ୍ଷିତ ଉପାୟ ।

# କିଡନି ପଥରୀ କ'ଣ ? : କିଡ୍‌ନି ଷ୍ଟୋନ୍‌ର ଆଶଙ୍କା ବଢ଼ାଉଛି ଏହିସବୁ ଖାଦ୍ୟ

ଷ୍ଟୋନ୍ ବା ପଥରୀ ସମସ୍ୟା ଏବେ ସାଧାରଣ ହୋଇପଡ଼ିଛି। ଏହି ସମସ୍ୟା ହେଲେ ରୋଗୀଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ପଡ଼େ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଭୁଲ ଖାଦ୍ୟାଭ୍ୟାସ ହିଁ ଏହାର ଏକ ପ୍ରମୁଖ କାରଣ।ସେଥିପାଇଁ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣିବା ଜରୁରୀ।

କିଡ୍‌ନିରେ ଖଣିଜ ଓ ଲବଣ ଜମା ହୋଇ କଠିନ ପଦାର୍ଥରେ ପରିଣତ ହେଲେ ପଥରୀ ସୃଷ୍ଟି ହୁଏ। ଏହା ଛୋଟ ହୋଇପାରେ କିମ୍ବା ସମୟ ସହ ବଡ଼ ଆକାର ନେଇପାରେ,ଏବଂ ପରିସ୍ରା ସମୟରେ ତୀବ୍ର ଯନ୍ତ୍ରଣାର କାରଣ ହୋଇଥାଏ।ଛୋଟ ପଥରୀ କ୍ଷେତ୍ରରେ ଔଷଧ ଦେଇ ପରିସ୍ରା ସହିତ ବାହାର କରିବାକୁ ଚେଷ୍ଟା କରାଯାଏ, କିନ୍ତୁ ବଡ଼ ପଥରୀ କ୍ଷେତ୍ରରେ ଅସ୍ତ୍ରୋପଚାରର ଆବଶ୍ୟକତା ହୋଇଥାଏ। କ୍ୟାଲସିୟମ ଅକ୍ସାଲେଟ, ୟୁରିକ ଆସିଡ୍, ଷ୍ଟ୍ରୁଭାଇଟ ଏବଂ ସିଷ୍ଟିନ ପଥରୀକୁ କିଡ୍‌ନି ପଥରୀର ସାଧାରଣ କାରଣ ଭାବେ ଗଣନା କରାଯାଏ। ବିଶେଷଜ୍ଞଙ୍କ ମତରେ କିଡ୍‌ନି ପଥରୀ ରୋଗୀ ପାଳଙ୍ଗ ଶାଗ, ବିଟ୍, ବାଦାମ, ଚକୋଲେଟ ଓ ଚା' ଭଳି ଅକ୍ସାଲେଟଯୁକ୍ତ ଖାଦ୍ୟ ଠାରୁ ନିବୃତ୍ତ ରହିବା ଉଚିତ। ସେହିପରି ଇନଷ୍ଟାଣ୍ଟ ନୁଡୁଲ୍ସ, ଚିପ୍ସ, ଫାଷ୍ଟ ଫୁଡ୍ ଓ ଅନ୍ୟ ପ୍ରୋସେସ୍‌ଡ ଖାଦ୍ୟ ସହିତ ରେଡ୍ ମିଟ୍ ଏବଂ ପଶୁଜାତ ପ୍ରୋଟିନ୍‌ର ଅଧିକ ସେବନ, ସଫ୍ଟ ଡ୍ରିଙ୍କ୍ସ, ଅଧିକ ଚିନିଯୁକ୍ତ, କ୍ୟାଫିନ୍ ଓ ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ।



ଖାଦ୍ୟର ପ୍ରଭାବ ସିଧାସଳଖ ଭାବେ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ବଦଳୁଥିବା ଜୀବନଶୈଳୀ ଓ ଅସନ୍ତୁଳିତ ଖାଦ୍ୟାଭ୍ୟାସ କାରଣରୁ କିଡନି

ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, କିଡ୍‌ନି ଷ୍ଟୋନ୍‌ରୁ ରକ୍ଷା ପାଇଁ ଦୈନିକ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଏବଂ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଜରୁରୀ। ଯଦି ପଥରୀ ସମସ୍ୟା ପୂର୍ବରୁ ରହିଛି କିମ୍ବା ଯନ୍ତ୍ରଣା ବଢୁଛି, ତେବେ ତୁରନ୍ତ ୟୁରୋଲୋଜିଷ୍ଟ କିମ୍ବା କିଡନୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।

# ଓଜନ କମାଇବା ପାଇଁ ଔଷଧ ନା ସର୍ଜରୀ ? କେଉଁଟି ଅଧିକ ପ୍ରଭାବଶାଳୀ, ଜାଣନ୍ତୁ ....

ମୋଟାପଣ ଏବେ କେବଳ ସୌନ୍ଦର୍ଯ୍ୟର ପ୍ରସଙ୍ଗ ନୁହେଁ, ବରଂ ଏହା ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା । ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ ଓ ଅନ୍ୟାନ୍ୟ ଜଟିଳ ରୋଗର ମୂଳ କାରଣ ହୋଇପାରେ ଅଧିକ ଓଜନ । ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି—ଓଜନ କମାଇବା ପାଇଁ ଔଷଧ ନେବା ଭଲ, ନା ବାରିଆଟ୍ରିକ୍ ସର୍ଜରୀ କରାଇବା ? ଜାଣନ୍ତୁ, କେଉଁ ପଦ୍ଧତି କେଉଁ ଲୋକଙ୍କ ପାଇଁ ଅଧିକ ଉପଯୁକ୍ତ । ବର୍ତ୍ତମାନ ସମୟରେ ଓଜନ କମାଇବା ପାଇଁ ନୂତନ ପିଢ଼ିର ଔଷଧ ବେଶ୍ ଚର୍ଚ୍ଚାରେ ରହିଛି । ଏହି ଔଷଧଗୁଡ଼ିକ ଭୋକ କମାଇବା, ପେଟ ଦୀର୍ଘ ସମୟ ଭରି ରହିବାର ଅନୁଭୂତି ଦେବା ଏବଂ କମ୍ କ୍ୟାଲୋରି ଖାଇବାରେ ସାହାଯ୍ୟ କରିଥାଏ । ତେବେ ଏହି ଔଷଧ କେବଳ ଡାକ୍ତରଙ୍କ ପରାମର୍ଶରେ ନେବା ଉଚିତ । ନିଜ ଇଚ୍ଛାରେ ଔଷଧ ବ୍ୟବହାର କଲେ ବାନ୍ତି, ବମି, ପେଟ ଯନ୍ତ୍ରଣା, ଝାଡ଼ା ଓ ଅନ୍ୟାନ୍ୟ ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଇପାରେ । ଅନ୍ୟପକ୍ଷରେ ବାରିଆଟ୍ରିକ୍ ସର୍ଜରୀ ସାଧାରଣତଃ ସେହି ଲୋକଙ୍କ ପାଇଁ କରାଯାଏ, ଯେଉଁମାନଙ୍କର ମୋଟାପଣ ଅତ୍ୟଧିକ ଏବଂ ଖାଦ୍ୟ ନିୟନ୍ତ୍ରଣ, ବ୍ୟାୟାମ କିମ୍ବା ଔଷଧରେ ଆଶାକରା ଫଳ ମିଳୁନାହିଁ । ସର୍ଜରୀ ଦ୍ୱାରା ପେଟର ଆକାର କମାଯାଏ କିମ୍ବା ଖାଦ୍ୟ ଶୋଷଣ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଏ, ଯାହା ଫଳରେ ଦ୍ରୁତ ଓଜନ ହ୍ରାସ ହୋଇପାରେ । ତେବେ ଏହା ଏକ ବଡ଼ ଚିକିତ୍ସା ପ୍ରକ୍ରିୟା ହୋଇଥିବାରୁ ଡାକ୍ତରୀ ମୂଲ୍ୟାଙ୍କନ ପରେ ହିଁ ଏହାର ନିଷ୍ପତ୍ତି ନିଆଯାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଔଷଧ ଓ ସର୍ଜରୀ—ଉଭୟର ନିଜସ୍ୱ ସୁବିଧା ଓ ସୀମାବଦ୍ଧତା ରହିଛି। କେଉଁ ପଦ୍ଧତି ବାଛିବେ, ତାହା ବ୍ୟକ୍ତିଙ୍କ ଓଜନ, ବଡି ମାସ୍ ଇଣ୍ଡେକ୍ସ (ଇଗଓ), ବୟସ, ଅନ୍ୟାନ୍ୟ ରୋଗ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ । କୌଣସି ପଦ୍ଧତି ମଧ୍ୟ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ଜୀବନଶୈଳୀର ପରିବର୍ତ୍ତନର ବିକଳ୍ପ ନୁହେଁ । ଓଜନ କମାଇବା ପାଇଁ ,ସର୍ଟକଟ୍ ବାଛିବା ପୂର୍ବରୁ ନିଶ୍ଚିତ ଭାବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ମନେରଖନ୍ତୁ, ସ୍ଥାୟୀ ଓ ସୁସ୍ଥ ଓଜନ ହ୍ରାସର ମୂଳମନ୍ତ୍ର ହେଉଛି ସନ୍ତୁଳିତ ଖାଦ୍ୟ, ନିୟମିତ ଶାରୀରିକ ପରିଶ୍ରମ ଏବଂ ସଠିକ୍ ଚିକିତ୍ସା ପରାମର୍ଶ ।

# ଫ୍ରିଜରେ ନ ରଖି ବି କେମିତି ଫ୍ରେସ ରହିପାରିବ ଟମାଟୋ ? ଜାଣନ୍ତୁ ଉପାୟ...



ଟମାଟୋ ପ୍ରାୟ ପ୍ରତ୍ୟେକ ଭାରତୀୟ ରୋଷେଇ ଘରର ଏକ ଅତ୍ୟାବଶ୍ୟକ ଅଂଶ କହିଲେ ଭୁଲ ହେବ ନାହିଁ। ତରକାରୀଠାରୁ ସାଲାଡ ଏବଂ ଚଟଣି ପର୍ଯ୍ୟନ୍ତ, ଅନେକ ଖାଦ୍ୟ ଏହା ବିନା ଅସମ୍ପୂର୍ଣ୍ଣ ମନେହୁଏ। କିନ୍ତୁ ବେଳେବେଳେ, ବହୁ ପରିମାଣର ଟମାଟୋ କିଣିବା ପରେ, କିଛି ଦିନ ମଧ୍ୟରେ ସେଗୁଡ଼ିକ ଖରାପ ହେବାକୁ ଆରମ୍ଭ କରନ୍ତି। ତେଣୁ, ଅଧିକାଂଶ ଲୋକ ସେଗୁଡ଼ିକୁ ଫ୍ରିଜରେ ରଖନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଫ୍ରିଜରେ ଟମାଟୋକୁ ସତେଜ ରଖିବାର ସର୍ବୋତ୍ତମ ଉପାୟ ନୁହେଁ?

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଫ୍ରିଜରେ ଟମାଟୋ ରଖିବା ସେମାନଙ୍କର ପ୍ରାକୃତିକ ସ୍ୱାଦକୁ ପ୍ରଭାବିତ କରିପାରେ। ଥଣ୍ଡା ତାପମାତ୍ରା ଟମାଟୋ ପାଚିବା ପ୍ରକ୍ରିୟାକୁ ବନ୍ଦ କରିଦିଏ। ତେଣୁ, ଯଦି ଟମାଟୋ ସମ୍ପୂର୍ଣ୍ଣ ପାଚି ନଥାଏ, ତେବେ ସେଗୁଡ଼ିକୁ କୋଠରୀ ତାପମାତ୍ରାରେ ରଖିବା ସର୍ବୋତ୍ତମ। ଟମାଟୋକୁ ଦୀର୍ଘ ସମୟ ପାଇଁ ସତେଜ ରଖିବାର ଏକ ସହଜ ଉପାୟ ହେଉଛି ସେଗୁଡ଼ିକର ଉପରପାର୍ଶ୍ୱ ତଳକୁ ରଖିବା ଉଚିତ। ଖାଦ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଟମାଟୋରେ ଥିବା ଅଧିକାଂଶ ଆର୍ଦ୍ରତା ଉପରୁ ବାଷ୍ପୀଭୂତ ହୋଇଯାଏ। ଯେତେବେଳେ ଟମାଟୋକୁ ତଳକୁ ରଖି ସଂରକ୍ଷଣ କରାଯାଏ, ସେତେବେଳେ ଆର୍ଦ୍ରତା ହ୍ରାସକୁ କମ୍ କରାଯାଏ, ଯାହାଦ୍ୱାରା ଟମାଟୋ ଅଧିକ ସମୟ ତାଜା ରୁହନ୍ତି ।

ଯଦି ଆପଣ ସ୍ଥାନ ସୀମିତ, ତେବେ ଆଉ ଏକ ସରଳ ସମାଧାନ ହେଉଛି ଟମାଟୋର ଉପର ଭାଗକୁ ଟେପରେ ହାଲୁକା ଭାବରେ ଘୋଡାଇ ରଖନ୍ତୁ। ଏହା ଆର୍ଦ୍ରତା ହ୍ରାସକୁ ମଧ୍ୟ ଧୀର କରିଥାଏ ଏବଂ ଟମାଟୋକୁ ଶୀଘ୍ର ଶୁଖିବାକୁ କିମ୍ବା ସଂକୁଚିତ ହେବାକୁ ଦିଏ ନାହିଁ। କିଛି ପରୀକ୍ଷାରୁ ଏହି ପଦ୍ଧତିଟି ଟମାଟୋକୁ କିଛି ଦିନ ପାଇଁ ସତେଜ ରଖିବାର ପ୍ରମାଣ ମିଳିଛି। ଟମାଟୋ ସଂରକ୍ଷଣ କରିବା ସମୟରେ, ସେମାନଙ୍କୁ ସିଧାସଳଖ ସୂର୍ଯ୍ୟ କିରଣରୁ ଦୂରରେ ରଖିବା ନିଶ୍ଚିତ କରନ୍ତୁ। ଅତ୍ୟଧିକ ଗରମ କିମ୍ବା ସୂର୍ଯ୍ୟ କିରଣ ଟମାଟୋକୁ ଶୀଘ୍ର ନରମ କରିପାରେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କଦଳୀ ଏବଂ ସେଓ ପରି ଫଳରୁ ଟମାଟୋକୁ ଦୂରରେ ରଖିବା। ଏହି ଫଳଗୁଡ଼ିକ ଇଥିଲିନ୍ ଗ୍ୟାସ୍ ମୁକ୍ତ କରନ୍ତି, ଯାହା ଟମାଟୋର ପାଚିବା ଏବଂ ନଷ୍ଟ ହେବା ପ୍ରକ୍ରିୟା ତ୍ୱରାନ୍ୱିତ କରିପାରେ। ଏହା ସହିତ, ଆପଣ ସେଗୁଡ଼ିକୁ ବ୍ୟବହାର କରିବାକୁ ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ଟମାଟୋ ଧୋଇବେ ନାହିଁ। ଅତ୍ୟଧିକ ଆର୍ଦ୍ରତା ଯୋଗୁଁ ଏହା ପଚିପାରେ।

ଯଦି ଟମାଟୋ ସମ୍ପୂର୍ଣ୍ଣ ପାଚି ଯାଇଛି ଏବଂ ଆପଣ ସେଗୁଡ଼ିକୁ ଗୋଟିଏ କିମ୍ବା ଦୁଇ ଦିନ ମଧ୍ୟରେ ବ୍ୟବହାର କରିବେ ନାହିଁ, ତେବେ ସେଗୁଡ଼ିକୁ ଫ୍ରିଜରେ ରଖିବା ଭଲ। ତଥାପି, ଖାଇବାର ପ୍ରାୟ ଅଧ ଘଣ୍ଟା ପୂର୍ବରୁ ସେଗୁଡ଼ିକୁ ବାହାର କରିଦିଅନ୍ତୁ ଯାହା ଦ୍ୱାରା ତାହାର ସ୍ୱାଦ ସେଭଳି ହିଁ ରହିବ।

# ଆବଶ୍ୟକତାଠାରୁ ଶରୀରରେ ଅଧିକ ଭିଟାମିନ-ଡି ଥିଲେ ହୋଇପାରେ ଘାତକ

ଭିଟାମିନ୍-ଡି ଆମ ଶରୀର ପାଇଁ ଅତ୍ୟନ୍ତ ଜରୁରୀ ପୋଷକ ତତ୍ତ୍ୱ। ଏହା ହାଡ଼ ଓ ଦାନ୍ତକୁ ଶକ୍ତ ରଖିବା ସହ ଶରୀରରେ କ୍ୟାଲସିୟମ୍‌ର ଠିକ୍ ଶୋଷଣରେ ସହାୟତା କରିଥାଏ। ସୂର୍ଯ୍ୟକିରଣ, କିଛି ଖାଦ୍ୟ ଓ ଔଷଧ ମାଧ୍ୟମରେ ଶରୀର ଭିଟାମିନ୍-ଡି ପାଇଥାଏ। କିନ୍ତୁ ଆଜିକାଲି ଅନେକ ଲୋକ ଡାକ୍ତରଙ୍କ ପରାମର୍ଶ ବିନା ଭିଟାମିନ୍-ଡି ସପ୍ଲିମେଣ୍ଟ ଖାଉଛନ୍ତି, ଯାହା ପରବର୍ତ୍ତୀ ସମୟରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଶରୀରରେ ଆବଶ୍ୟକତାଠାରୁ ଅଧିକ ଭିଟାମିନ୍-ଡି ଜମା ହେଲେ ରକ୍ତରେ କ୍ୟାଲସିୟମ୍‌ର ପରିମାଣ ବଢ଼ିଯାଏ। ଏହି ଅବସ୍ଥାକୁ 'ହାଇପରକ୍ୟାଲସିମିଆ' ବୋଲି କୁହାଯାଏ। ରକ୍ତରେ ଅଧିକ କ୍ୟାଲସିୟମ୍ ରହିଲେ ତାହା ହୃଦୟ, ରକ୍ତନଳୀ, ବୃକ୍କ ଓ ଅନ୍ୟାନ୍ୟ ଅଙ୍ଗରେ ଜମା ହୋଇ ଶରୀରର ସାଧାରଣ କାର୍ଯ୍ୟକୁ ବାଧା ଦେଇପାରେ। ଡାକ୍ତରମାନଙ୍କ ମତରେ, ଅତ୍ୟଧିକ ଭିଟାମିନ୍-ଡି ସେବନ କରିଲେ ବୃକ୍କରେ ପଥର ସୃଷ୍ଟି ହେବା, ବୃକ୍କର କାର୍ଯ୍ୟକ୍ଷମତା କମିଯିବା ଏବଂ ଗୁରୁତର କ୍ଷେତ୍ରରେ ବୃକ୍କ ବିଫଳ ହେବା ପର୍ଯ୍ୟନ୍ତ ସମସ୍ୟା ଦେଖାଦେଇପାରେ। ସେହିପରି ହୃଦୟର ସ୍ପନ୍ଦନ ଅସ୍ୱାଭାବିକ ହେବା, ରକ୍ତନଳୀ କଠିନ ହେବା ଓ ହୃଦୟ ଉପରେ ଅତିରିକ୍ତ ଚାପ ପଡ଼ିବାର ଆଶଙ୍କା ମଧ୍ୟ ରହିଥାଏ। ଏହାର ପ୍ରାରମ୍ଭିକ ଲକ୍ଷଣ ଭାବେ ବାନ୍ତି ଲାଗିବା, ଭୋକ କମିଯିବା, ଅଧିକ ତୃଷ୍ଣା ଲାଗିବା, ବାରମ୍ବାର ପରିସ୍ରା ହେବା, ଦୁର୍ବଳ ଅନୁଭବ କରିବା, ଥକାପଣ ଓ ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦେଖାଦେଇପାରେ। ଅନେକ ସମୟରେ ଲୋକମାନେ ଏହି ଲକ୍ଷଣକୁ ସାଧାରଣ ବୋଲି ଭାବି ଅବହେଳା କରିଦିଅନ୍ତି, ଯାହା ପରେ ବଡ଼ ସମସ୍ୟାର ରୂପ ନେଇପାରେ। ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ, ଭିଟାମିନ୍-ଡିର ଅଭାବ ଅଛି କି ନାହିଁ ତାହା ରକ୍ତ ପରୀକ୍ଷା ମାଧ୍ୟମରେ ଜାଣିବା ଉଚିତ। ପରୀକ୍ଷା ଓ ଡାକ୍ତରୀ ପରାମର୍ଶ ବିନା ଦୀର୍ଘ ସମୟ ଧରି ଭିଟାମିନ୍-ଡି ଔଷଧ କିମ୍ବା ସପ୍ଲିମେଣ୍ଟ ସେବନ କରିବା ଉଚିତ ନୁହେଁ। ଭିଟାମିନ୍-ଡି ଶରୀର ପାଇଁ ଉପକାରୀ ହୋଇଥିଲେ ମଧ୍ୟ ଏହାର ଅତ୍ୟଧିକ ବ୍ୟବହାର ହୃଦୟ ଓ ବୃକ୍କ ପାଇଁ ବିପଦ ଡାକି ଆଣିପାରେ।

## ହୃଦ୍‌ଘାତରେ ବୃଦ୍ଧଙ୍କ ମୃତ୍ୟୁ

ବସ୍ତା, ୦୭/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଛୟାଳିଆ ଗ୍ରାମର ଗୋପାଳ ଚନ୍ଦ୍ର ନାୟକ ବୟସ(୬୦)ବର୍ଷ, ଗତକାଲି ରାତିରେ ଖାଇ ସାରି ଘରେ ଶୋଇଥିବା ବେଳେ ରାତ୍ରି ପ୍ରାୟ ୧୦ ଟା ସମୟରେ ଛାତି ଯନ୍ତ୍ରଣା ହେବାରୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନିଆ ଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏ ନେଇ ପରିବାର ତରଫରୁ ସାର୍ଥା ଫାଣ୍ଡି ରେ ଏକ ଲିଖିତ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଦୀପକ କୁମାର ଦାସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ କେଶ ନଂ୧୬/୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ରୋଟାରୀ କ୍ଲବ ଓ ଇନରହ୍ୱିଲ କ୍ଲବର ମିଳିତ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ

କେନ୍ଦୁଝର, ୦୭/୦୭ (ନି.ପ୍ର): କେନ୍ଦୁଝର ସଂସ୍କୃତି ଭବନ ପରିସରରେ ରୋଟାରୀ କ୍ଲବ କେନ୍ଦୁଝର ଓ ଇନର ହ୍ୱିଲ କ୍ଲବର ମିଳିତ ଶପଥ ଗ୍ରହଣ ଉତ୍ସବ ଗରିମାମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନବନିର୍ବାଚିତ ପଦାଧିକାରୀମାନେ ଶପଥ ଗ୍ରହଣ କରି ସମାଜସେବା ଓ ମାନବିକ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଗଭର୍ନର ଶ୍ରୀ ଇନ୍ଦ୍ରଜିତ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଶ୍ରୀ ଅଖିଳ ନାଏକ ଏବଂ ଗେଷ୍ଟ ଅଫ୍ ଅନର ଭାବେ ଭି.ସି. ଶ୍ରୀ ସଞ୍ଜୟ କୁମାର ପାତ୍ର ଓ ଏ.ଜି. ଶ୍ରୀ ବିଷ୍ଣୁ ପ୍ରସାଦ କେଡିଆ ଉପସ୍ଥିତ ରହିଥିଲେ। ସେମାନଙ୍କ ସହ ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ଓ ରୋଟାରୀ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ରୋଟାରୀ କ୍ଲବର ନବନିର୍ବାଚିତ ସଭାପତି ଶ୍ରୀମତୀ ନିରୂପମା ସ୍ୱାଇଁ ଏବଂ ସମ୍ପାଦିକା ଡା. ମମତାରାଣୀ ଜେନା ଶପଥ ଗ୍ରହଣ କରିଥିବାବେଳେ ଇନର ହ୍ୱିଲ କ୍ଲବର ସଭାପତି ଶ୍ରୀମତୀ ଶ୍ରବଣୀ ମହାପାତ୍ର ଏବଂ ସମ୍ପାଦିକା ଶ୍ରୀମତୀ ମିନତୀ ମହାପାତ୍ର ମଧ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। ରୋଟାରୀ କ୍ଲବର ପୂର୍ବତନ ସଭାପତି ହରିହର ମହାନ୍ତ ନବନିର୍ବାଚିତ ସଭାପତି ଶ୍ରୀମତୀ ନିରୂପମା ସ୍ୱାଇଁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବାବେଳେ ପୂର୍ବତନ ସମ୍ପାଦକ ବିଜୟ କୁମାର ବେହେରା ନବନିର୍ବାଚିତ ସମ୍ପାଦିକା ଡା. ମମତାରାଣୀ ଜେନାଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଏହି ଅବସରରେ କ୍ଲବର ବାର୍ଷିକ ସ୍ମରଣିକା 'ଗୋନାସିକା' କୁ ସମ୍ପାଦିକା ଅପର୍ଣ୍ଣା ଭଦ୍ରା ଦାଶଙ୍କ ସମ୍ପାଦନାରେ ଉନ୍ମୋଚନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ସୌମ୍ୟଶ୍ରୀ ଚାଟାର୍ଜୀ ସୁନ୍ଦର ଭାବେ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ରୋଟାରୀ ଗଭର୍ନର (୨୦୨୭–୨୮) ଶ୍ରୀ ଇନ୍ଦ୍ରଜିତ ସାହୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ରୋଟାରୀର ସେବା ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ସଫଳତାର ସହ ସମ୍ପନ୍ନ କରି ସମାଜରେ ଏକ ଆଦର୍ଶ ସୃଷ୍ଟି କରିବା ନୂତନ କାର୍ଯ୍ୟକାରିଣୀର ପ୍ରମୁଖ ଲକ୍ଷ୍ୟ ହେବା ଉଚିତ। ସେ କହିଥିଲେ ଯେ ରୋଟାରୀ କ୍ଲବ କେନ୍ଦୁଝର ଆଗାମୀ ଦିନରେ ଅନ୍ୟ କ୍ଲବମାନଙ୍କ ପାଇଁ ଏକ ରୋଲ୍ ମଡେଲ୍ ହୋଇପାରିବ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ଅବସର ନେବାକୁ ଥିବା କର୍ମଚାରୀଙ୍କ ପତ୍ନୀମାନଙ୍କ ପାଇଁ 'ରୋଶନୀ–ସକ୍ଷମ ସାଥୀ' କର୍ମଶାଳା ଆୟୋଜିତ




ରାଉରକେଲା, ୦୭/୦୭ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପକ୍ଷରୁ ଜୁଲାଇରୁ ସେପଟ୍ଟେମ୍ବର ୨୦୨୬ ମଧ୍ୟରେ ଅବସର ଗ୍ରହଣ କରିବାକୁ ଥିବା କର୍ମଚାରୀଙ୍କ ପତ୍ନୀମାନଙ୍କ ପାଇଁ ପରାମର୍ଶଭିତ୍ତିକ କର୍ମଶାଳା 'ରୋଶନୀ–ସକ୍ଷମ ସାଥୀ' ଜୁଲାଇ ୪ ତାରିଖରେ ସିଭିକ୍ ସେଣ୍ଟରଠାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ୟୁଟିଲିଟିଜ୍ ଆଣ୍ଡ ଏନଭାୟରନମେଣ୍ଟ ର ସିଜିଏମ୍, ଶ୍ରୀମତୀ ଆଶା ଏସ୍. କାର୍ଥା, ମୁଖ୍ୟ ଅତିଥି ଏବଂ ଜିଏମ୍ ଇନ୍-ଚାର୍ଜ (ଏଏମ୍ଆର୍, ଏମ୍ ଏବଂ ସ୍ପେଶାଲ୍ ସେଲ୍) ଶ୍ରୀ କଲ୍ୟାଣ ସମାଜଦାର, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।
ନିଜ ବକ୍ତବ୍ୟରେ ଶ୍ରୀମତୀ କାର୍ଥା କହିଥିଲେ ଯେ, ଅବସର ପରବର୍ତ୍ତୀ ଜୀବନରେ ଆସୁଥିବା ପରିବର୍ତ୍ତନ ସହ ସମନ୍ୱୟ ରକ୍ଷି ଏକ ସକାରାତ୍ମକ ନୂତନ ଜୀବନ ପର୍ଯ୍ୟାୟକୁ ସୁଗମ ଭାବେ ଆଗେଇ ନେବାରେ ପତ୍ନୀମାନଙ୍କ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କର୍ମଶାଳାରେ ଶ୍ରୀ ବାବୁଲା ନାଏକ, ଏଜିଏମ୍ (ସିପି-୨) 'ଅବସର ପରେ ଜୀବନର ନୂତନ ପର୍ଯ୍ୟାୟକୁ ସୁଗମ ଭାବେ ଗ୍ରହଣ କରିବା ପାଇଁ ମାନସିକ ପ୍ରସ୍ତୁତି' ଶୀର୍ଷକ ବିଷୟରେ ଆଲୋଚନା କରିଥିଲେ। ଶ୍ରୀ କେ କେ ବର୍ମା, ଡିଜିଏମ୍ (ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ୍) ଆର୍ଥିକ ସୁରକ୍ଷା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶ୍ରୀ ଟି. ବି. ଟପ୍ପୋ, ଡିଜିଏମ୍ (ହର୍ଟିକଲଚର) ଅବସର ପରବର୍ତ୍ତୀ ସମୟକୁ ସାର୍ଥକ ଭାବେ ବ୍ୟତୀତ କରିବାର ବିଭିନ୍ନ ଉପାୟ ସମ୍ପର୍କରେ ପରାମର୍ଶ ଦେଇଥିବାବେଳେ ଡା. ଏସ୍. କୁମାର, ଅତିରିକ୍ତ ସିଏମ୍ଓ 'ଉତ୍ତମ ସ୍ୱାସ୍ଥ୍ୟ, ସୁସ୍ଥ ଏବଂ ସାର୍ଥକ ଜୀବନ ପାଇଁ ସମନ୍ୱିତ ଦୃଷ୍ଟିକୋଣ' ବିଷୟରେ ବକ୍ତବ୍ୟ ରଖିଥିଲେ। ଶ୍ରୀ ଏସ୍. ପି. ମାଝୀ, ଆସିଷ୍ଟାଣ୍ଟ ମ୍ୟାନେଜର (ଏଚ୍ଆର) ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ଶ୍ରୀ ଅବିନାଶ, ଏଜିଏମ୍ (ଏଚ୍ଆର)ଙ୍କ ମାର୍ଗଦର୍ଶନରେ ଶ୍ରୀ ଏସ୍. କେ. ନାୟକ, ଡେପୁଟି ମ୍ୟାନେଜର (ଏଚ୍ଆର) ଏହି କର୍ମଶାଳାର ସଂଯୋଜନା କରିଥିବାବେଳେ ଏଚ୍ଆର- ଇଆର୍ ଆଣ୍ଡ ସି ଦଳ ଏଥିରେ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଅବସର ଗ୍ରହଣ କରିବାକୁ ଥିବା କର୍ମଚାରୀଙ୍କ ପତ୍ନୀମାନଙ୍କୁ ସାମିଲ କରି ଆର ଏସ ପି ରେ ଏଭଳି ପରାମର୍ଶଭିତ୍ତିକ କର୍ମଶାଳା ନିୟମିତ ବ୍ୟବଧାନରେ ଆୟୋଜନ କରାଯାଉଛି।

# ସର୍ବସାଧାରଣ ଜଗନ୍ନାଥ ମନ୍ଦିରକୁ ବ୍ୟକ୍ତିଗତ କରିବା ଅଭିଯୋଗ: ପର୍ଯ୍ୟଟନ ମନ୍ତ୍ରୀ ଓ ପ୍ରଶାସନକୁ ଗ୍ରାମବାସୀଙ୍କ ଦାବିପତ୍ର

ଜଳେଶ୍ୱର, ୦୭/୦୭ (ନି.ପ୍ର): ଜଳେଶ୍ୱର ତହସିଲ ଅନ୍ତର୍ଗତ ଖୁଆଡ ପଞ୍ଚାୟତର ପୁରୁଣାପାଣି ମୌଜା ମହୁଡୁମା ଗ୍ରାମରେ ଥିବା ଦୀର୍ଘ ୬୦ ବର୍ଷର ପ୍ରାଚୀନ ଶ୍ରୀ ଜଗନ୍ନାଥ ଜିଉ ମହାପ୍ରଭୁଙ୍କ ମନ୍ଦିରକୁ ନେଇ ଏବେ ଏକ ବଡ଼ ବିବାଦ ମୁଣ୍ଡ ଟେକିଛି। ସର୍ବସାଧାରଣଙ୍କର ଏହି ପୁରାତନ ମନ୍ଦିରକୁ ଗ୍ରାମର କିଛି ପ୍ରଭାବଶାଳୀ ବ୍ୟକ୍ତି ନିଜର ବ୍ୟକ୍ତିଗତ ସମ୍ପତ୍ତି ବୋଲି ଦାବି କରୁଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଏହି ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ମାନ୍ୟବର ପର୍ଯ୍ୟଟନ ମନ୍ତ୍ରୀ, ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ବା ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ମନ୍ଦିରଟି ଏକ ସର୍ବସାଧାରଣ ଅନୁଷ୍ଠାନ ହୋଇଥିବାରୁ ଏହାର ବିକାଶ ପାଇଁ ବିଗତ ଦିନରେ ସରକାରୀ ପାଣ୍ଠି ଯୋଗାଇ ଦିଆଯାଇଥିଲା। ଗତ ୨୦୨୩-୨୪ ଆର୍ଥିକ ବର୍ଷରେ 'ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା'ରୁ ମନ୍ଦିର ମରାମତି ପାଇଁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ବିଧାୟକ ଉନ୍ନୟନ ପାଣ୍ଠିରୁ ୧ ଲକ୍ଷ ଟଙ୍କା ବ୍ୟୟରେ ମନ୍ଦିରର ପାଚେରୀ ଓ ମୁଖଶାଳା ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସରକାରୀ ଅନୁଦାନରେ ବିକାଶ ହୋଇଥିବା ଏହି ମନ୍ଦିରକୁ ଏବେ ବ୍ୟକ୍ତିଗତ ବୋଲି କୁହାଯିବାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଗ୍ରାମବାସୀ ଅନନ୍ତ କୁମାର ଦାସଙ୍କ ଅଭିଯୋଗ ମୁତାବକ,ଗ୍ରାମର ପ୍ରଭାବଶାଳୀ ବ୍ୟକ୍ତି ସୁବ୍ରତ ମଲ୍ଲିକ ଓ ବ୍ରଜ କିଶୋର ମଲ୍ଲିକ ଏହାକୁ ନିଜର ବ୍ୟକ୍ତିଗତ ମନ୍ଦିର ଓ ଠାକୁର ବୋଲି ଦାବି କରୁଛନ୍ତି। ଏପରିକି ସେମାନେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଉଥିବା କୁହାଯାଇଛି।ଏହି ଅଞ୍ଚଳଟି ମୁଖ୍ୟତଃ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବହୁଳ ହୋଇଥିବା ବେଳେ, ଆଗାମୀ ରଥଯାତ୍ରାରେ ଶ୍ରଦ୍ଧାଳୁମାନଙ୍କୁ ରଥ ସ୍ପର୍ଶ ନ କରିବା ପାଇଁ ମୌଖିକ ଭାବେ ବାରଣ କରାଯାଉଥିବା ପରି ସଙ୍ଗୀନ ଅଭିଯୋଗ ଆସିଛି। ଏହା ସହିତ ଗ୍ରାମର କିଛି ମୁଷ୍ଟିମେୟ ଲୋକ ମହାପ୍ରଭୁଙ୍କ ଘରବାଡ଼ି ପ୍ଲଟକୁ ଜବରଦଖଲ କରି ରଖିଥିବା ମଧ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସମ୍ବେଦନଶୀଳ ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ କରିବା ସହ ମହାପ୍ରଭୁଙ୍କ ମନ୍ଦିରକୁ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ଅଧୀନକୁ ନେବା ପାଇଁ ଗ୍ରାମବାସୀମାନେ ପ୍ରଶାସନ ନିକଟରେ ଜୋରଦାର ଦାବି କରିଛନ୍ତି, ଯଦ୍ଦ୍ୱାରା ସମସ୍ତ ଭକ୍ତ ବିନା କୌଣସି ଭେଦଭାବରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଅପରପକ୍ଷରେ,ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ସୁବ୍ରତ ମଲ୍ଲିକଙ୍କ ପ୍ରତିକ୍ରିୟା ନେବାରୁ ସେ ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ, ମିଥ୍ୟା ଓ ମନଗଢ଼ା ବୋଲି କହିଛନ୍ତି।ସେ ସ୍ପଷ୍ଟ କରିଛନ୍ତି ଯେ,ମହାପ୍ରଭୁ ଜଗନ୍ନାଥ ସମସ୍ତଙ୍କର।ସେଠାରେ କୌଣସି ଜାତିଗତ ବା ବ୍ୟକ୍ତିଗତ କଟକଣା ନାହିଁ ଏବଂ ସମସ୍ତେ ସେଠାକୁ ଆସି ପୂଜାର୍ଚ୍ଚନା କରିପାରିବେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଆଗାମୀ ରଥଯାତ୍ରା ପୂର୍ବରୁ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ବିଏମ୍‌ସିର ବନୀକରଣ: ନଗର ବନରେ ମଧ୍ୟ ରୋପଣ ହେଲା ୮ ହଜାର ଚାରା

ଭୁବନେଶ୍ୱର, ୦୭/୦୭ (ନି.ପ୍ର): ବନ ମହୋତ୍ସବ ସପ୍ତାହ ୨୦୨୬ ଅବସରରେ ଆଜି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବରମୁଣ୍ଡା ପୁରୁଣା ବସଷ୍ଟାଣ୍ଡ ପଛପାର୍ଶ୍ୱ ଓୟୁଏଟି ଜମିରେ ମିୟାୱାକି ପଦ୍ଧତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, କମିଶନର ଶ୍ରୀ ଚଂଚଳ ରାଣା, ଓୟୁଏଟି ଭାଇସ୍ ଚାନସେଲର ପ୍ରଫେସର ଡକ୍ଟର ପ୍ରଭାତ କୁମାର ରାଉଳ, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀ ବିରଂଚି ନାରାୟଣ ମହାସୂପକାର, ଶିକ୍ଷା ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀ ରାମଚନ୍ଦ୍ର ରଣସିଂହ, ଅଭିଯୋଗ ଶୁଣାଣି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଶ୍ରୀମତୀ ବିନୟିନୀ ଜେନା, କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀ ଦୀପକ କୁମାର ମିଶ୍ର, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ସଂଯୁକ୍ତା ସୁନ୍ଦରାୟ, କର୍ପୋରେଟର ଶ୍ରୀ ଅମରେଶ ଜେନା, ଅଜିତ କୁମାର ବେହେରା, ପଦ୍ମଜା ପ୍ରିୟଦର୍ଶିନୀ ଜେନାଙ୍କ ସହ ଓୟୁଏଟିର ବିଭାଗୀୟ ମୁଖ୍ୟ (ଝୌଡଡ) ଓ ଡିନ୍ ମଂଚାସୀନ ଥିଲେ । ଆଜି ମାନ୍ୟବର ମନ୍ତ୍ରୀଙ୍କ କରକମଳରେ ଚଳିତ ବର୍ଷା ଋତୁର ଏହି ଦ୍ୱିତୀୟ ମିୟାୱାକି ପଦ୍ଧତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମିୟାୱାକି ପଦ୍ଧତିରେ ବୃକ୍ଷ ରୋପଣ କରାଯାଇଛି । ଗତ ଦୁଇ ବର୍ଷ ତଳେ ପାତ୍ରପଡା ରଜ ପଡିଆରେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ମିୟାୱାକି ପଦ୍ଧତିରେ ବୃକ୍ଷ ରୋପଣ ଆଜି ଏକ ଘଂଚ ଜଙ୍ଗଲରେ ପରିଣତ ହୋଇଛି । ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ବୃକ୍ଷ ସବୁ ୧୦ ଫୁଟରୁ ଉର୍ଦ୍ଧ୍ୱ ହୋଇ ଏକ ଘଂଚ ଜଙ୍ଗଲ ହୋଇପାରିଛି । ସେହିପରି ନଗର ବନ, ଘାଟିକିଆର ଆପିଜେ ବିଦ୍ୟାଳୟ ନିକଟସ୍ଥ ପଡିଆ, ନୟାପଲ୍ଲୀ ହଜ୍, କଳିଙ୍ଗ ନଗର କେ-୬, କଳିଙ୍ଗ ଷ୍ଟୁଡିଓ ନିକଟ ଆଦି ୧୬ଟି ସ୍ଥାନରେ ୮୦ ହଜାରରୁ ଅଧିକ ବୃକ୍ଷ ମିୟାୱାକି ପଦ୍ଧତିରେ ରୋପଣ ହେବା ସହ ସ୍ୱତନ୍ତ୍ର ଜଙ୍ଗଲ ସୃଷ୍ଟି କରାଯାଇଛି । ସହରର ବିଭିନ୍ନ ପ୍ରାନ୍ତରେ ଗୋଷ୍ଠୀ ସହଯୋଗରେ ବନୀକରଣ ଅଭିଯାନକୁ ଆଗେଇ ନେବା ପାଇଁ ଉପସ୍ଥିତ ନାଗରିକ, ଛାତ୍ରଛାତ୍ରୀ ଓ ମାଆମାନଙ୍କୁ ଅନୁରୋଧ କରିଛନ୍ତି । ବିଏମ୍ ସି ଅଂଚଳର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଉଦ୍ୟମରେ ନିଜ ପଡିଆ ଜମି କିମ୍ବା ନିଜ ଆଖପାଖରେ ଥିବା ସରକାରୀ ପଡିଆ ଜମିରେ ଅତିକମରେ ଜୀବନ କାଳ ମଧ୍ୟରେ ୫ଟି ଗଛ ଲଗାନ୍ତୁ ଏବଂ ତାର ରକ୍ଷଣାବେକ୍ଷଣ କରନ୍ତୁ । ଏହାଦ୍ୱାରା ଆମ ପରପିଢି ସ୍ୱଚ୍ଛ ବାୟୁ, ସବୁଜ ବଳୟ ଏବଂ ପ୍ରାକୃତିକ ପରିବେଶ ପାଇପାରିବେ । ସୂଚନାଯୋଗ୍ୟକି, ଆଜିର କାର୍ଯ୍ୟକ୍ରମରେ ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ୮ ହଜାର ଏବଂ ନଗରବନଠାରେ ୮ ହଜାର ବୃକ୍ଷ ରୋପଣ କରାଯାଉଛି । ଏଥିପାଇଁ ସିଟି ଫରେଷ୍ଟ ଡିଭିଜନ ଓ ଚନ୍ଦକା ବନଖଣ୍ଡ ଚାରା ଯୋଗାଇଦେଉଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି କମିଶନର। ପ୍ରକୃତି-ସଂସ୍କୃତି-ପ୍ରଗତି ଏମାନେ ପରସ୍ପର ପରିପୁରକ । ତେଣୁ ପ୍ରକୃତିର ସୁରକ୍ଷା କରିବା ସହ ଜନସଂଖ୍ୟା ତୁଳନାରେ ତାର ବୃଦ୍ଧି ପାଇଁ ପ୍ରତ୍ୟେକ ବ୍ୟକ୍ତି ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି ଓୟୁଏଟି ଭିସି ଶ୍ରୀ ରାଉଳ । ଭୁବନେଶ୍ୱର ମହାନଗର ନିଗମକୁ ସବୁଜ ସୁନ୍ଦର, ପରିବେଶ ସୁରକ୍ଷା ଓ ଜୈବ ବିବିଧତା ସଂରକ୍ଷଣକୁ ପ୍ରଥମିକତା ଦେଇ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ ଗ୍ରହଣ କରିଛି ବିଏମ୍ ସି । ୨୦୨୪-୨୫ରେ ସିଟି ଫରେଷ୍ଟ ଡିଭିଜନ ସହଯୋଗରେ ସହର ୫ଟି ସ୍ଥାନରେ ୨୧ ହଜାର ଅଧିକ ଚାରା ରୋପଣ କରିଥିବା ବେଳେ ୨୦୨୫-୨୬ରେ ସିଟି ଫରେଷ୍ଟ ଡିଭିଜନ ଓ ଚନ୍ଦକା ଫରେଷ୍ଟ ଡିଭିନର ମିଳିତ ଉଦ୍ୟମରେ ସହରର ବିଭିନ୍ନ ସ୍ଥାନରେ ୫୫ ହଜାର ବୃକ୍ଷ ରୋପଣ କରାଯାଇଥିଲା । ସେହିପରି ରାସ୍ତା ପାର୍ଶ୍ୱ ସବୁଜୀକରଣ ପାଇଁ ୨୦୨୪-୨୫ରେ ୧୬ ହାଜର ଏବଂ ୨୦୨୫-୨୬ରେ ୩୦ ହଜାରରୁ ଅଧିକ ଚାରା ରୋପଣ କରାଯାଇ ସହରର ସବୁଜ ଆବରଣ ବୃଦ୍ଧି କରାଯାଇଛି । ଚଳିତ ବର୍ଷ ଅର୍ଥାତ ୨୦୨୬-୨୭ରେ ୧ ଲକ୍ଷ ବୃକ୍ଷ ରୋପଣ କରିବା ପାଇଁ ଯୋଜନା ରହିଛି । ଓଡିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ (ଡ଼ରଉଡ) ଲିମିଟେଡ୍ ଦ୍ୱାରା ସହରର ୪ଗୋଟି ପ୍ରମୁଖ ରୋଡ ମିଡିଆନର ବିକାଶ, ରକ୍ଷଣାବେକ୍ଷଣ ଓ ସବୁଜୀକରଣ ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି । ଚଳିତ ବର୍ଷ ଓଏଫଡିସି ଦ୍ୱାରା ଦାରୁଠେଙ୍ଗ ବାୟୋ ମାଇନିଂ ସ୍ଥଳରେ ଥିବା ୪ ଏକର ଜମିରେ ମିୟାୱାକି ଓ ବଲ୍କ ପ୍ଲାଣ୍ଟେସନ କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯାଉଛି । ସୌଭାଗ୍ୟର କଥା ଯେ, ସ୍ୱଚ୍ଛ ବାୟୁ ତାଲିକାରେ ଭୁବନେଶ୍ୱର, ଦେଶର ଚତୁର୍ଥ ସ୍ଥାନରେ ରହିଛି । ତେବେ ଆମେ କିପରି ସ୍ୱଚ୍ଛ ବାୟୁ ମାପାଙ୍କ ତାଲିକାରେ ଦେଶର ପ୍ରଥମ ହେବା, ସେଥିପାଇଁ ଭୁବନେଶ୍ୱର ମହାନଗର ନିଗମ ଅଂଚଳର ପ୍ରତ୍ୟେକ ବ୍ୟକ୍ତି କାର୍ଯ୍ୟ କରିବା ଦରକାର ବୋଲି କହିଛନ୍ତି ମାନନୀୟା ମେୟର ଶ୍ରୀମତୀ ଦାସ।

# ଅନ୍ତର୍ଜାତୀୟ ମାନସିକ ଦକ୍ଷତା ଅଲମ୍ପିଆଡ଼ରେ ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଗୌରବ ଆଣିଲେ ଆରିଷ ଆରିୟାନ୍ସ ପଣ୍ଡା

ବୈଶିଙ୍ଗା, ୦୭/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଗ୍ରାମର ସୁଯୋଗ୍ୟ ସନ୍ତାନ ତଥା ବରିଷ୍ଠ ଆଇନଜୀବି କ୍ଷେତ୍ରମୋହନ ପଣ୍ଡା ଏବଂ ଅବସର ପ୍ରାପ୍ତ ଶିଶୁ ମଙ୍ଗଳ ଅଧିକାରୀ ତଥା ଜେଜେ ମା ପ୍ରୀତିସୁଧା ତ୍ରିପାଠୀଙ୍କ ନାତି ତଥା ପିତା ଅଙ୍କିତ ପଣ୍ଡା ମାତା ଅନନ୍ୟା ପଣ୍ଡା ଙ୍କ ସୁଯୋଗ୍ୟ ସନ୍ତାନ ଆରିଶ ଆରିୟାନ୍ସ ପଣ୍ଡା ଦ୍ୱିତୀୟ ଥର ଲାଗି ଅନ୍ତର୍ଜାତୀୟ ମାନସିକ ଦକ୍ଷତା ଅଲମ୍ପିୟାଡ ୨୦୨୫ - ୨୦୨୬ ରେ ୧୫ତମ ସ୍ଥାନ ଅଧିକାର କରି ନିଜର ପୈତୃକ ଗ୍ରାମ ବୈଶିଙ୍ଗା ତଥା ମୟୂରଭଞ୍ଜ ଜିଲ୍ଲା ତଥା ଓଡିଶା ପ୍ରଦେଶ ତଥା ଆମ ଦେଶ ଭାରତ ପାଇଁ ଗୌରବ ଆଣି ଦେଇଛନ୍ତି । ଏହି ପ୍ରତିଯୋଗିତାରେ ୧୦ଟି ଦେଶରୁ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୫ତମ ସ୍ଥାନ ଅଧିକାର କରିଥିବାରୁ ସାରା ଦେଶ ପାଇଁ ଏକ ଆଲୋଡନ ସୃଷ୍ଟି କରିଛି । ହାଇଦ୍ରାବାଦ ର ଗୌଡିୟମ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ର ଆରିଶ ଆରିୟାନ୍ସ ପଣ୍ଡା ଏହି କୃତିତ୍ୱ ହାସଲ କରିଥିବାରୁ ସାରା ଦେଶ ର ବିଭିନ୍ନ ପ୍ରାନ୍ତରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି । ଆନ୍ତର୍ଜାତୀୟ ସ୍ତରରେ ଗତବର୍ଷ ମଧ୍ୟ ସେ ୬ଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ଏହି ବର୍ଷ ମଧ୍ୟ ୧୫ତମ ସ୍ଥାନ ଅଧିକାର କରିଥିବା ବେଳେ ଏଭଳି କୃତିତ୍ୱ ବୈଶିଙ୍ଗା ଅଞ୍ଚଳ ପାଇଁ ବୈଶିଙ୍ଗା ତଥା ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ଗୌରବାନ୍ୱିତ ମୁହୂର୍ତ୍ତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡାଙ୍କ ପୂଣ୍ୟ ଜମିଦାନ ରେ ଗଢି ଉଠିଥ ?ିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା କମିଟି ଓ ସମସ୍ତ ଗୁରୁଜୀ/ଗୁରୁମାଙ୍କ ତରଫରୁ ବିଶେଷ ଭାବରେ ତାଙ୍କୁ ଏବଂ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଦେବା ସହ ତାଙ୍କର ନାତି ଆରିଶ ଆରିୟାନ୍ସଙ୍କ ଉତ୍ତରୋତ୍ତର ଭବିଷ୍ୟତ କାମନା କରିଛନ୍ତି ।

# ଭାରତୀୟ ଜନ ସଂଚାର ସଂସ୍ଥାନଠାରେ ପାଂଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ

ନୂଆଦିଲ୍ଲୀ/ ଭୁବନେଶ୍ୱର, ୦୬ ଜୁଲାଇ (ହି.ସ.)ଓଡ଼ିଶା ସୂଚନା ସେବା (ଓଆଇଏସ) ଅଧାଶୀମାନଙ୍କ ପାଇଁ "ଗଣମାଧମ ଓ ଯୋଗାଯୋଗ' ବିଷୟ ସଂପର୍କିତ ଆୟୋଜିତ ପାଂଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୩ ଜୁଲାଇ ୨୦୨୭ରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ (ଆଇଆଇଏମସି)ରେ ସଫଳତାର ସହ ସମାପ୍ତ ହୋଇଛି । ଓଡ଼ିଶାରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ ଲୋକ ସମ୍ପର୍କ ଅଧିକାରୀ, ରାଜସ୍ୱ ଆୟୁକ୍ତ (ଆରଟିସି) କାର୍ଯ୍ୟାଳୟରେ ଅବସ୍ଥାପିତ ଉପନିର୍ଦ୍ଦେଶକ(ଲୋକ ସଂପର୍କ), ଜିଲ୍ଲା ମୁଖ୍ୟାଳୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଏବଂ ଉପଖଣ୍ଡ କାର୍ଯ୍ୟାଳୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଏସଆଇପିଆରଓ) ଭାବେ କାର୍ଯ୍ୟରତ ବିଭିନ୍ନ ବ୍ୟାଚ୍‌ର ୧୯ ଜଣ ଓଡ଼ିଶା ସୂଚନା ସେବା ଅଧିକାରୀଙ୍କ ପାଇଁ ୨୯ ଜୁନରୁ ୩ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗଣମାଧ୍ୟମ ପରିଚାଳନା, ଜଳସମ୍ପର୍କ, ଗଣନୈତିକ ଯୋଗାଯୋଗ କୌଶଳ, ଡିଜିଟାଲ ଯୋଗାଯୋଗ, ଗଣମାଧମରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ପ୍ରୟୋଗ ଏବଂ ଜନସାଧାରଣଙ୍କ ନିକଟରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ପହଂଚି କ୍ଷେତ୍ରରେ ଅଧିକାରୀମାନଙ୍କ ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଏଥିରେ ଆଇଆଇଏମସି, ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି), ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ପ୍ରସାର ଭାରତୀ, ଜାତୀୟ ଟେଲିଭିଜନ ଗଣମାଧମ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂସ୍ଥାର ବିଶିଷ୍ଟ ଅଧ୍ୟାପକ ଓ ବିଷୟ ବିଶେଷଜ୍ଞମାନେ ବିଭିନ୍ନ ଅଧିବେଶନରେ ଯୋଗଦେଇ ସୋମାନଙ୍କର ପ୍ରାୟୋଗିକ ଅନ୍ତଦୃଷ୍ଟି ଏବଂ କ୍ଷେତ୍ରଭିତ୍ତିକ ଅଭିଜ୍ଞତା ବାଣ୍ଟିଥିଲେ । ଉଦଯାପନୀ ସମାରୋହରେ ପତ୍ର ସୂଚନା କାର୍ଯ୍ୟାଳୟର ପୂର୍ବତନ ମହାନିର୍ଦ୍ଦେଶକ ଶ୍ରୀ ଜୟଦୀପ ଭଟ୍ଟନାଗର ମୁଖ୍ୟ ଅତିଥ୍ ଭାବେ ଯୋଗଦେଇଥିଲେ । ସେ ଜନସେବାର ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ଫଳପ୍ରଦ ଯୋଗାଯୋଗର ପ୍ରୟୋଗ କରିବା ସହ ରାଜ୍ୟ ଓ ଦେଶର ବିକାଶ ଲକ୍ଷ୍ୟ ପୂରଣରେ ଅବଦାନ ରଖୁବାକୁ ଅଧୂରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଆଇଆଇଏମସି, ନୂଆଦିଲ୍ଲୀର କୁଳପତି ଡ. ପ୍ରଜ୍ଞା ପାଶିଖାଲ ଗୌର, କାର୍ଯ୍ୟନିର୍ବାହୀ ଶିକ୍ଷା କେନ୍ଦ୍ର(ସିଇଇ)ର ମୁଖ୍ୟ ପ୍ରଫେସର (ଟି.) ସୁଜେଚ୍ଛା ସେନ ଡାରାୟଣ ଏବଂ' ରେଜିଷ୍ଟ୍ରାର ଶ୍ରୀ ଏଲ୍. ମଧୁ ନାଗ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମଗ୍ର ପ୍ରଶିକ୍ଷଣ ଅବଧିରେ ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା ଓ ମତବିନିମୟ କରିଥିଲେ । ଆଇଆଇଏମସି କାର୍ଯ୍ୟନିର୍ବାହୀ ଶିକ୍ଷା କେନ୍ଦ୍ରର ପ୍ରଶିକ୍ଷଣ ସହଯୋଗୀ ଶ୍ରୀମତୀ ମନସାହ କୋଜ୍ୟାକ ନିଭିନ୍ନ ଅଧିବେଶନର ସମନ୍ୱୟ ଓ ସଂଚାଳନ କରିଥିଲେ ।
ଅଂଶଗ୍ରହଣକାରୀ ଓଡ଼ିଶା ସୂଚନା ସେବା ଅଧିକାରୀମାନେ କହିଥିଲେ ଯେ, ଏହି ପ୍ରଶିକ୍ଷଣ ସେମାନଙ୍କର ଗଣମାଧ୍ୟମ ପରିଚାଳନା ଓ କୌଶଳଗତ ଯୋଗାଯୋଗ କ୍ଷମତାକୁ ଆହୁରି ସୁଦୃଢ଼ କରିବା ସହିତ "ବିକଶିତ ଓଡ଼ିଶା- ୨୦୩୬' ଏବଂ ବିକଶିତ ଭାରତ-୨୦୪ ଗଠନ ଦିଗରେ ରାଜ୍ୟର ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବ । ଏହି ପ୍ରଶିକ୍ଷଣ ସୁଯୋଗ ପାଇଁ ସେମାନେ ଓଡ଼ିଶା ସରକାର କଥା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି । ଆଇଆଇଏମସିରେ ପ୍ରଦାନ କରାଯାଇଥିବା ପ୍ରାୟୋଗିକ ପ୍ରଶିକ୍ଷଣ ସେମାନଙ୍କୁ ଅଧିକ ଦକ୍ଷତା ଓ ବୃତିଗତତାର ସହ ଜନସେବା ପ୍ରଦାନ କରିବାରେ ସହାୟତା କରିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ କରିଥିବା ଅଧିକାରୀମାନଙ୍କୁ ପ୍ରମାଣପତ୍ର ମୁଦ୍ରାକ କରାଯାଇଥିଲା। ଅଂଶଗ୍ରହଣକାରୀ ମାନେ ମୁଖ୍ୟ ଅତିଥି, ବିଶିଷ୍ଟ ଅତିଥି ଏବଂ ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ରାଉରକେଲା ଇସ୍ପାତ କାରଖାନାର ଲାଭାର୍ଜନକୁ ସୁଦୃଢ଼ କରିଛି ଉଚ୍ଚ ସ୍ପେଶାଲ-ଷ୍ଟିଲ୍ ଉତ୍ପାଦନ: ମୋଟ ଉତ୍ପାଦନର ୪୦%ରୁ ଉର୍ଦ୍ଧ୍ୱ, ସ୍ପେଶାଲ ଗ୍ରେଡ୍



ରାଉରକେଲା, ୦୭/୦୭ (ନି.ପ୍ର): ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ର ଏକ ପ୍ରମୁଖ ଶାଖା ରାଉରକେଲା ଇସ୍ପାତ କାରଖାନା , ସ୍ପେଶାଲ ଷ୍ଟିଲ୍ ଏବଂ ମୂଲ୍ୟ-ଯୁକ୍ତ ଉତ୍ପାଦ ଗୁଡ଼ିକ ଉପରେ ନିଜର ଦୃଷ୍ଟିଭଙ୍ଗୀକୁ ଆହୁରି ସୁଦୃଢ଼ କରିଛି, ଯାହା ଚଳିତ ଆର୍ଥିକ ବର୍ଷର ଜୁନ୍ ଏବଂ ପ୍ରଥମ ତ୍ରୈମାସିକ (ଏପ୍ରିଲ-ଜୁନ୍) ମଧ୍ୟରେ ଉଭୟ ଉତ୍ପାଦନ ପରିମାଣ ଏବଂ ମାର୍ଜିନକୁ ବର୍ଦ୍ଧିତ କରିଛି । ଜୁନ୍ ମାସରେ, ଆର.ଏସ.ପି. ୩,୬୭,୮୧୮ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ କରିଛି, ଯେଉଁଥିରୁ ସ୍ପେଶାଲ ଷ୍ଟିଲ୍ ମୋଟ ଉତ୍ପାଦନର ୪୧.୪% ଥିଲା, ଯାହା ଉଚ୍ଚ-ମୂଲ୍ୟଯୁକ୍ତ ଉତ୍ପାଦ ଆଡ଼କୁ କାରଖାନାର ନିରନ୍ତର ପରିବର୍ତ୍ତନକୁ ରେଖାଙ୍କିତ କରୁଛି। ଜୁନ୍ ମାସରେ ମୋଟ ଚାଲାଣ ୩,୪୩,୨୧୮ ଟନ୍ ରହିଥିଲା, ଯେଉଁଥିରେ ସ୍ପେଶାଲ ଷ୍ଟିଲ୍ ଅଂଶ ୪୪.୪% କୁ ବୃଦ୍ଧି ପାଇଛି, ଯାହା ଉଚ୍ଚ-ମାର୍ଜିନ ପ୍ରଦାନକାରୀ ଗ୍ରେଡ୍ ଗୁଡ଼ିକ ପାଇଁ ସୁଦୃଢ଼ ବଜାର ଗ୍ରହଣୀୟତା ଏବଂ ଦକ୍ଷ ପରିବହନ ବ୍ୟବସ୍ଥାକୁ ପ୍ରତିଫଳିତ କରୁଛି।
ପ୍ରଥମ ତ୍ରୈମାସିକ ପାଇଁ, ଆର.ଏସ.ପି. ୧୦,୪୮,୦୬୩ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ ହାସଲ କରିଛି, ଯେଉଁଥିରୁ ପ୍ରାୟ ୪୦% ସ୍ପେଶାଲ ଷ୍ଟିଲ୍ ଅନ୍ତର୍ଭୁକ୍ତ ଥିଲା, ଯେତେବେଳେ କି ଉକ୍ତ ତ୍ରୈମାସିକ ମଧ୍ୟରେ ଚାଲାଣ ମୋଟ ଉତ୍ପାଦନର ପ୍ରାୟ ୪୧% ଥିଲା, ଯାହା ଉଭୟ ମାନକ ଏବଂ ପ୍ରିମିୟମ୍ ଉତ୍ପାଦ ଗୁଡ଼ିକର ସନ୍ତୁଳିତ ଗତିଶୀଳତାକୁ ସୂଚାଉଛି। ଉନ୍ନତ ପ୍ରକ୍ରିୟା ଦକ୍ଷତା ଏବଂ ଏକ ଲକ୍ଷ୍ୟଧାର୍ଯ୍ୟ ଉତ୍ପାଦ ମିଶ୍ରଣ ଦ୍ୱାରା ପରିଚାଳିତ ହୋଇ ନ୍ୟୁ ପ୍ଲେଟ୍ ମିଲ୍ ସ୍ପେଶାଲ-ଷ୍ଟିଲ୍ ଉତ୍ପାଦନରେ ୧୪.୮% ର ଦୃଢ଼ ଅଭିବୃଦ୍ଧି ରେକର୍ଡ କରିଛି, ଯାହା ବିଶେଷଜ୍ଞ ଗ୍ରାହକମାନଙ୍କୁ ସେବା ଯୋଗାଇବା ପାଇଁ ଆର.ଏସ.ପି. ର କ୍ଷମତାକୁ ଆହୁରି ମଜବୁତ କରିଛି। ସ୍ପେଶାଲ-ଷ୍ଟିଲ୍ ଉତ୍ପାଦନ ଏବଂ ସମୟାନୁବର୍ତ୍ତୀ ଚାଲାଣ ଉପରେ ଆର.ଏସ.ପି. ର ନିରନ୍ତର ଗୁରୁତ୍ୱ ହେଉଛି ଭାଲ୍ୟୁ ଚେନ୍ ରେ ଉର୍ଦ୍ଧମୁଖୀ ହୋଇ, ଉଚ୍ଚ ଶୁଦ୍ଧ ମାର୍ଜିନ ହାସଲ କରିବା । ଏକ ପ୍ରିମିୟମ୍ ଉତ୍ପାଦ ମିଶ୍ରଣ ମାଧ୍ୟମରେ ପ୍ରତି ଟନ୍ ପିଛା ଆୟରେ ସୁଧାର ଆଣି, ଗ୍ରାହକଙ୍କ ସହ ସମ୍ପର୍କ ନିବିଡ କରି, ଇନଭେଣ୍ଟ୍ରି ହୋଲ୍ଡିଂ ହ୍ରାସ ମାଧ୍ୟମରେ ୱର୍କିଂ କ୍ୟାପିଟାଲ୍ ଆବଶ୍ୟକତାରେ ନିୟନ୍ତ୍ରଣ ରଖି ଉତ୍ପାଦନ ଓ ପରିବହନ ବ୍ୟବସ୍ଥାକୁ ଅପ୍ଟିମାଇଜ୍ କରିବା ନିମନ୍ତେ ଏହା ଏକ ସୁଚିନ୍ତିତ ରଣନୀତିର ଅଂଶବିଶେଷ। ସ୍ପେଶାଲ ଷ୍ଟିଲ୍ ଏବଂ ମୂଲ୍ୟ-ଯୁକ୍ତ ଉତ୍ପାଦ ଗୁଡ଼ିକ ଉପରେ ସଘନ ଧ୍ୟାନ ଉଭୟ ଉତ୍ପାଦନ ମିଶ୍ରଣ ଏବଂ ଚାଲାଣ ପ୍ରଦର୍ଶନରେ ସ୍ପଷ୍ଟ ପରିଣାମ ଆଣିଦେଉଛି। ଏହି ସଫଳତା ଗୁଡ଼ିକ କାର୍ଯ୍ୟଦକ୍ଷତାରେ ସୁଧାର, ଶୃଙ୍ଖଳିତ ଉତ୍ପାଦ ଯୋଜନା ଏବଂ ସୁଦୃଢ଼ ବଜାର ସଂଶ୍ଳେଷଣକୁ ପ୍ରତିଫଳିତ କରେ। ସେଲ୍ ର ସାମଗ୍ରିକ ଲାଭରେ ଆର.ଏସ.ପି. ର ଅବଦାନକୁ ଆହୁରି ସୁଦୃଢ଼ କରିବା ପାଇଁ ଆର.ଏସ.ପି. ଉଚ୍ଚ-ମାର୍ଜିନ ଗ୍ରେଡ୍ ଗୁଡ଼ିକୁ ଆହୁରି ବଢ଼ାଇବା ପାଇଁ ପ୍ରତିବଦ୍ଧ ରହିଛି ।

# ବକେୟା ପ୍ରାପ୍ୟ ନପାଇ ବର୍ଷାରେ ଧାରଣା ଦେଲେ ଶ୍ରମିକ

ଖୋର୍ଦ୍ଧା, ୦୭/୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଗେଡିଆପଲ୍ଲି ,ସାହସପୁର ଠାରେ ଥିବା ଶ୍ରୀ ବଜରଙ୍ଗ ଷ୍ଟିଲ ଆଣ୍ଡ ମେଟାଲିକ୍ କମ୍ପାନୀ ର ଫାଟକ ଆଗରେ ବକେୟା ପ୍ରାପ୍ୟ ନପାଇ ଲଗାଣ ବର୍ଷା ସତ୍ତ୍ୱେ ଧାରଣାରେ ବସିଛନ୍ତି ଶ୍ରମିକ। ସୂଚନା ଅନୁସାରେ ଦେଢବର୍ଷ ଧରି ଆସିଥିବା ଏଇ କମ୍ପାନୀର ନିର୍ମାଣ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ଏବଂ ବାହାରୁ ବହୁସଂଖ୍ୟାରେ ଶ୍ରମିକ ମାନଙ୍କୁ ଆଣି କମ୍ପାନୀ ତାର ନିର୍ମାଣ କାର୍ଯ୍ୟରେ ଲଗାଇ ଥିଲେ ମଧ ସେମାନଙ୍କୁ ତାଙ୍କ କାମର ପ୍ରାପ୍ୟ ପ୍ରଦାନ ନକରି ଶୋଷଣ କରୁଅଛି। ଏମିତିକି ଜିଲ୍ଲା ବାହାରୁ ଶ୍ରମିକ ମାନଙ୍କୁ ଅଧିକ ଦରମା ଦେବାକୁ କହି ପ୍ରଲୋଭିତ କରି ଅଣାଯାଇ କମ୍ପାନୀରେ କାମ କରାଯାଉଥିଲା। ଶ୍ରମିକ ମାନେ ତାଙ୍କର ନାର୍ଯ୍ୟ ପ୍ରାପ୍ୟ ମାଗିଲେ ସେମାନଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଇ କମ୍ପାନୀରୁ ବାହାର କରିଦିଆଯାଉଥିଲା। ଯାହା ଫଳରେ ସେମାନେ ଭୋକ ଉପାସରେ ଫେରିବା ବାଟରେ ସ୍ଥାନୀୟ ଯୁବକ ମାନେ ଖାଇବାକୁ ଦେବା ସହିତ ଆର୍ଥିକ ସହାୟତା ଦେଇ ଛାଡ଼ି ଥିବାର ନଜିର ରହିଛି। ସ୍ଥାନୀୟ ଶ୍ରମିକ ମାନଙ୍କର କହିବା କଥା ଦୁଇମାସ ଧରି ଆମେ କମ୍ପାନୀ ଭିତରେ ଶ୍ରମିକ ଭାବରେ ନିର୍ମାଣ କାର୍ଯ୍ୟ କରିଥିଲେ ମଧ ଆମକୁ ଏପର୍ଯନ୍ତ୍ ଆମର କୌଣସି ଅର୍ଥ ମିଳିନାହିଁ। ଆମେହେଉଛୁ ଗରିବ ଶ୍ରେଣୀର ଲାକ ତେଣୁ ଏତେଦିନ ଧରି ଆମର ପ୍ରାପ୍ୟ ନପାଇଲେ ଚଳିବୁ କେମିତି। ଆଗରୁ ଏଇ କଥା ଆମେ କମ୍ପାନୀ ବାବୁଙ୍କୁ କହିଥିଲୁ ସିଏ କିନ୍ତୁ ଏପର୍ଯ୍ୟନ୍ତ ଆମର କୌଣସି କଥା ଶୁଣି ନାହାଁନ୍ତି କି ଆମକୁ ଆମର ପ୍ରାପ୍ୟ ଦେଉନାହାନ୍ତି। ତେଣୁ ବାଧ ହେଇ ଆମେ ଧାରଣାରେ ବସିଛୁ। ଯେପର୍ଯ୍ୟନ୍ତ ଆମ ପ୍ରାପ୍ୟ ନପାଇଛୁ ସେମିତି ଧାରଣା ଜାରିରହିବ।

## ପଞ୍ଚାୟତ ପୁନଃ ଗଠନ ପାଇଁ ବଢୁଛି ଅସନ୍ତୋଷ

ବସ୍ତା , ୦୭/୭ (ନି.ପ୍ର): ପୁଟୁରା ଗ୍ରାମ ପଞ୍ଚାୟତ ବିଭାଜନ ପାଇଁ ଦୀର୍ଘ ଦିନ ଧରି ଆନ୍ଦୋଳନ ପଞ୍ଚାୟତ ବାସୀ କରି ଆସୁଥିବା ବେଳେ ସ୍ଥାନୀୟ ପଞ୍ଚାୟତ ବାସୀ ମାନେ ଅତିଷ୍ଠ ହୋଇପଡିଲେ। ଏହି ବିଶାଳ ପୁଟୁରା ଗ୍ରାମ ପଞ୍ଚାୟତ ମାନଚିତ୍ର ହଳଦୀ ସୀମା ରେଖା ଭିତରେ ଥିବା ବାଲିଆପାଳ ବ୍ଲକ ଲାଗି ଦୁନ୍ଦୋକୁଟ, ତେନ୍ତୁଳା, ବାସୁଲିଦିଘା, ଖୁଦୁରଦୁନ୍ଦୋକୁଟ ଇତ୍ୟାଦି ଗ୍ରାମ ଥିବା ବେଳେ ଲଙ୍ଗଳେଶ୍ୱର ପ୍ରୋସ୍ତାବିତ ପଞ୍ଚାୟତ ସମିତିକୁ ଲାଗି ବାହାଦୁଲପୁର, ଆକନ୍ଦି, ବାହାଦଲ ସାନ୍ତାଳ ସାହି ଇତ୍ୟାଦି ଗ୍ରାମ ଏବଂ ବସ୍ତା ବ୍ଲକ ଅର୍ନ୍ତଗତ ବାଲିସାହି, ତଳ ବାଲିସାହି, ପୁଟୁରା, ଦକ୍ଷିଣ ପୁଟୁରା,ପଦାସାହି, କମାରଗଡିଆ ଇତ୍ୟାଦି ଗ୍ରାମ ଏବଂ ମଧ ଭାଗରେ ଗୁହାଳିପଦା, ଚାଫଳା, ଡୁବୁଳିଆ ଇତ୍ୟାଦି ଗ୍ରାମ ଗୁଡ଼ିକ ରେ ବିଭିନ୍ନ ଅସୁବିଧା ସମୁଖୀନ ହେବାକୁ ପଡୁଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୁଟୁରା ଗ୍ରାମପଞ୍ଚାୟତ ପୂନଃ ଗଠନ କରା ନ ଗଲେ ସରକାର ଠାରେ ଆନ୍ଦୋଳନ ଜାରି ରହିବ ବୋଲି ସଂଗଠନ ମୁଖ୍ୟ ଆବାହକ ଶ୍ରୀ ଅଜୟ କୁମାର ପାଳ, ପୁଟୁରା ଗ୍ରାମ ପଞ୍ଚାୟତ ବିଜେପି ସଭାପତି ଶ୍ରୀ ଅକ୍ଷୟ କୁମାର ନନ୍ଦ, ସମିତି ସଦ୍ୟସସଂଜୟ କୁମାର ଜେନା, ବିଶିଷ୍ଟ ଗାୟକ ଓ ସମାଜ ସେବୀ ସଂଜୟ ମାହାନ୍ତି,ଅବସର ସେନା କର୍ମଚାରୀ ଗଙ୍ଗାଧର ସାସମଲ, ଶିତିକଣ୍ଠ ସାମନ୍ତ, ରଜନୀକାନ୍ତ ସିଂ, ବାଲିସାହି ବୁଥ କମିଟିର ସଭା ପତି ନନ୍ଦ କିଶୋର ସାମନ୍ତ,ସମାଜ ସେବୀ ଗୈରାଙ୍ଗ ସାମନ୍ତ, ବୈଦ୍ୟନାଥ ସିଂ,ରାମ ଚନ୍ଦ୍ର ରାଉତ, ଲକ୍ଷ୍ମୀଧର ସିଂ, ହରିହର ବେହେରା, ସୁବଳ କୁମାର ଭୂୟାଁ, ପୂର୍ଣ୍ଣଚନ୍ଦ୍ର ଖଟୁଆ, ବ୍ରାହ୍ମାନନ୍ଦ ମୈକାପ ପ୍ରମୁଖ ପ୍ରକାଶ କରିଛନ୍ତି।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ତଥା ସାଇବର ସଚେତନତା ଶିବିର



ଭଦ୍ରକ, ୦୭/୭ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସାଇବର ସଚେତନତା ବିଷୟରେ ବନ୍ଦଲୋ ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପ, ଭଣ୍ଡାରିପୋଖରୀ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ଇନ୍ସପେକ୍ଟର ବନ୍ଦନା ଦେବୀ, ଭଦ୍ରକ ଜିଲ୍ଲା ଏଫ୍ ଏଲ୍ ସି ଅଶ୍ୱିନୀ କୁମାର ନାୟକ, ପୁର୍ବତନ ଜିଲ୍ଲା ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ମ୍ୟାନେଜର ସୌମ୍ୟଦର୍ଷୀ ପରିଜା, ବନ୍ଦାଲୋ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ମହୋଦୟା, ପେଇଓ ମହୋଦୟ, ଏପିଓ ଯୋଗ ଦେଇଥିଲେ।ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ସଭାରେ ଯୋଗଦେଇଥିବା ବ୍ୟକ୍ତି ମାନଙ୍କୁ ସଂଚୟର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାରତା ମାଧ୍ୟମରେ ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ। ଇନ୍ସପେକ୍ଟର ବନ୍ଦନା ଦେବୀ ସଭାରେ ଯୋଗଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନୱାଡି କର୍ମୀ ଓ ବରିଷ୍ଠ ନାଗରିକ ମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଞ୍ଚିବାର ଉପାୟମାନ ବୁଝାଇଥିଲେ। ଏଫ୍ ଏଲ ସି ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର୍ ବ୍ୟାଙ୍କ୍ ରେ ଉପଲବ୍ଧ ଥିବା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଡାକ ବିଭାଗର ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଞ୍ଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ ଓ ସଭାରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କୁ ସଞ୍ଚୟ ପାଇଁ ଅନୁପ୍ରାଣିତ କରିଥିଲେ , ପଦ୍ମନ ରାୟ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ମୋଟ ୧୨୦ ଜଣ ଗ୍ରାମବାସୀ ଯୋଗଦେଇଥିଲେ। ଏହି ସଭାରେ ଶିଖିଥିବା ତଥ୍ୟ ରେ ଅନୁପ୍ରାଣିତ ହେବା ପାଇଁ ଅତିଥିମାନେ ବ୍ୟକ୍ତିବିଶେଷ ମାନଙ୍କୁ ଅନୁରୋଧ କରିଥିଲେ ଓ ନିଜ ପରିବାର ଲୋକଙ୍କୁ ମଧ୍ୟରେ ସଞ୍ଚୟ ଯୋଜନା, ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ସମ୍ପର୍କରେ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ। ଏହି ସଭାଟିକୁ ସଫଳ କରିବାରେ ବନ୍ଦାଲୋ ପଞ୍ଚାୟତ ର ସରପଞ୍ଚ, କାର୍ଯ୍ୟକର୍ତ୍ତା ଓ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ର କର୍ମକର୍ତ୍ତା ଓ ଡାକ ଏଜେଣ୍ଟ ମାନେ ସହାୟକ ହୋଇଛନ୍ତି।

## ସିମେଂଟ-ଷ୍ଟିଲ୍ ଦର ନିର୍ଦ୍ଧାରଣ କରିବେ ସରକାର

ଭୁବନେଶ୍ୱର, ୦୭/୭ (ନି.ପ୍ର): ସିମେଂଟ-ଷ୍ଟିଲ୍ ଦର ନିର୍ଦ୍ଧାରଣ କରିବେ ସରକାର। ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ କମିଟି ଦର ଚୂଡ଼ାନ୍ତ କରିବ ।ଏଥିପାଇଁ ରାଜ୍ୟ ସରକାର ନୂଆ ଏସ୍ଓପି ଜାରି କରିଛନ୍ତି। ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସିମେଂଟ ଓ ଷ୍ଟିଲ୍ ଦର ନିର୍ଦ୍ଧାରଣକୁ ନେଇ ଏଣିକି ଏକକ ବ୍ୟବସ୍ଥା ଲାଗୁ ହେବ। ଜିଲ୍ଲାଭିତିକ ଭାବେ ସିମେଂଟ ଓ ଷ୍ଟିଲ୍ ଦର ଚୂଡ଼ାନ୍ତ କରିବା ପାଇଁ ରାଜ୍ୟ ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସ୍ଓପି) ଜାରି କରିଛନ୍ତି। ଏହି ବ୍ୟବସ୍ଥା ଲାଗୁ ହେଲେ ଦର ନିର୍ଦ୍ଧାରଣରେ ସ୍ୱଚ୍ଛତା ଆସିବା ସହ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କମିବ। ସୂଚନା ଅନୁଯାୟୀ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ ହେବ। ସିମେଂଟ ଦର ନିର୍ଦ୍ଧାରଣ ପାଇଁ ଜିଲ୍ଲା ପରିଷଦ ଓଡ଼ିଶାରେ ଉତ୍ପାଦନ କରୁଥିବା କମ୍ପାନିଗୁଡ଼ିକଠାରୁ ସିଧାସଳଖ ଦରପତ୍ର ସଂଗ୍ରହ କରିବ। ଅତି କମ୍ ରେ ତିନିଟି କମ୍ପାନିର କାରଖାନା ଦରର ହାରାହାରି ଆଧାରରେ ଚୂଡ଼ାନ୍ତ ଦର ସ୍ଥିର ହେବ।

## AFFIDAVIT

By virtue of an affidavit before the executive Magistrate Balasore, I Mukulesh Dey At-Barabati, Po-Motiganj, Ps- Town, Dist- Balasore declare that I, wholly renounce, relinquish and abandon the use of my former name (old name) Mukesh and in place thereof assume from the date hereof the name of (new name) Mukulesh Dey. I will be known as Mukulesh Dey for all purposes.

**Mukulesh Dey**

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାରେ ପରମ୍ପରା ଅନୁଯାଇ ଶ୍ରଦ୍ଧା ଲଡୁ ବାଣ୍ଟିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବାରିପଦା, ୦୭/୭ (ନି.ପ୍ର): ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ତରଫରୁ ମୟୁରଭଞ୍ଜ ଜିଲ୍ଲାର ବାରିପଦାସ୍ଥିତ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରାଜତନ୍ତ୍ର ଅମଳରୁ ଚାଲିଆସୁଥିବା 'ଶ୍ରଦ୍ଧା ଲୋଡୁ ଫିଙ୍ଗିବା' ଦାବୀ ନେଇ ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦ୍ୟଶ୍ୟରେ ଦାବୀ ପତ୍ର ପ୍ରଦାନ କରିଥିଲେ ।ଲଡୁ ବାଣ୍ଟିବା ପରମ୍ପରା କେବଳ ଏକ ଧାର୍ମିକ ରୀତିନୀତି ନୁହେଁ, ବରଂ ମୟୁରଭଞ୍ଜର ଐତିହ୍ୟ, ସଂସ୍କୃତି ଓ କୋଟି କୋଟି ଭକ୍ତଙ୍କ ଆସ୍ଥାର ପ୍ରତୀକ। ଶହ ଶହ ବର୍ଷ ଧରି ଏହି ପରମ୍ପରା ସଫଳତାର ସହ ପାଳିତ ହୋଇଆସୁଛି। କିନ୍ତୁ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଭିଡ଼କୁ ଆଳ କରି ଏହି ପରମ୍ପରାକୁ ବନ୍ଦ କରିବା ନିଷ୍ପତ୍ତି ନିଆଯାଇଛି। ଆମେ ମନେ କରୁଛୁ ଯେ, ପ୍ରଶାସନର ଦାୟିତ୍ୱ ହେଉଛି ଉତ୍ତମ ଭିଡ଼ ପରିଚାଳନା, ସୁରକ୍ଷା ଏବଂ ଶୃଙ୍ଖଳା ବଜାୟ ରଖିବା; ପରମ୍ପରାକୁ ବନ୍ଦ କରିବା ନୁହେଁ। ପ୍ରଶାସନିକ ଅପାରଗତାର ଭାର ଶତାବ୍ଦୀ ପୁରୁଣା ଧାର୍ମିକ ପରମ୍ପରା ଉପରେ ଲଦିବା କଦାପି ଗ୍ରହଣୀୟ ନୁହେଁ। ଏହି ନିଷ୍ପତ୍ତି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଛି ଏବଂ ସମଗ୍ର ମୟୁରଭଞ୍ଜବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ପରମ୍ପରାକୁ ଭାଙ୍ଗିବା ପରିବର୍ତ୍ତେ ସୁଚିନ୍ତିତ ଯୋଜନା, ପର୍ଯ୍ୟାପ୍ତ ପୋଲିସ ବଳ, ବ୍ୟାରିକେଡ଼ିଂ, ସ୍ୱେଚ୍ଛାସେବକ ନିୟୋଜନ ଏବଂ ଆଧୁନିକ ଭିଡ଼ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ଏହି ପରମ୍ପରାକୁ ସୁରକ୍ଷିତ ଭାବରେ ପାଳନ କରାଯାଇପାରିବ। ଅତଏବ, ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା, ମୟୁରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ନିମ୍ନଲିଖିତ ଦାବି ଜଣାଉଛୁ— 'ଶ୍ରଦ୍ଧା ଲୋଡୁ ଫିଙ୍ଗିବା' ପରମ୍ପରାକୁ ବନ୍ଦ କରିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ପୂର୍ବଭଳି ପରମ୍ପରା ପାଳନ ପାଇଁ ଅନୁମତି ପ୍ରଦାନ କରାଯାଉ। ଭକ୍ତମାନଙ୍କ ସୁରକ୍ଷା ଓ ସୁଚାରୁ ଭିଡ଼ ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା କରାଯାଉ। ଭବିଷ୍ୟତରେ କୌଣସି ଐତିହାସିକ ଓ ଧାର୍ମିକ ପରମ୍ପରା ଉପରେ ନିଷ୍ପତ୍ତି ନେବା ପୂର୍ବରୁ ସେବାୟତ, ମନ୍ଦିର ପ୍ରଶାସନ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଆଲୋଚନା କରାଯାଉ ।ଆପଣ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ଜନଭାବନାକୁ ସର୍ବଦା ସମ୍ମାନ ଦେଇଆସିଛନ୍ତି। ତେଣୁ ଆମର ଦୃଢ଼ ବିଶ୍ୱାସ ଯେ, ଆପଣ ଏହି ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରି ଉକ୍ତ ନିଷ୍ପତ୍ତିର ପୁନଃବିଚାର କରିବେ ଏବଂ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଏହି ଐତିହାସିକ ପରମ୍ପରାକୁ ଅବ୍ୟାହତ ରଖିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିବେ ବୋଲି ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ କୃଷ୍ଣ ଦାସ ଦାବୀ ରଖିଛନ୍ତି । ଜିଲ୍ଲାପାଳ ମହୋଦୟ ଲଡୁ ବାଣ୍ଟିବା ପରମ୍ପରା ବଜାୟ ରହିବ ବୋଲି ପ୍ରତିଶୃତି ଦେଇଛନ୍ତି ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ଦାସ, ଉପସଭାପତି ରାଜା ହେମ୍ବ୍ରମ, ଘନଶ୍ୟାମ ପିଙ୍ଗୁଆ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ବରିଷ୍ଠ ନେତା ଦିବାକର ସୋରେନ, ସୁଜିତ ବେହେରା, ସହର ସଭାପତି ତରେନ ସେନାପତି, ଜାମଡା ବ୍ଲକ ସଭାପତି ଚନ୍ଦ୍ର ମୋହନ ପିଙ୍ଗୁଆ, ବିଜାତୋଳା ବ୍ଲକ ସମ୍ପାଦକ ସାର୍ନା ହେମ୍ବ୍ରମ, ଯୁବନେତା ସିପୁ ମୁଦୁଲି, ପ୍ରମୋଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଡ୍ରିମ୍ସ ଆଇଡ଼ିଆଲ ସ୍କୁଲରେ ବନମହୋତ୍ସବ ପାଳନ



ବାଲେଶ୍ୱର, ୦୭/୭ (ନି.ପ୍ର): ବନମହୋତ୍ସବ ଅବସରରେ ଡ୍ରିମ୍ସ ଆଇଡ଼ିଆଲ ସ୍କୁଲ ତରଫରୁ ଜିଲ୍ଲା କାରାଗାର, ବାଲେଶ୍ୱର ପରିସରରେ ନିମନ୍ତ୍ରିତ ଅତିଥି ମାନଙ୍କ ସହ ବିଦ୍ୟାଳୟ ର କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଚାରା ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ ମହୋଦୟ ଉଦ୍ଘାଟକ ରୂପେ ପ୍ରଥମ ଚାରା ରୋପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା କାରାଗାର ଅଧୀକ୍ଷକ ଶ୍ରୀମତୀ ସୁଚିତ୍ରା ଦାସ ମହୋଦୟା ମଧ ଗଛ ଲଗାଇବା ସହ ଏଭଳି ମହତ୍ କାମ ପାଇଁ ଅନୁଷ୍ଠାନ କୁ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଅତିଥିଭାବେ କବି ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା, ରୋଟାରିଆନ୍ ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି, ସମାଜସେବୀ ଶ୍ରୀମତୀ ଅଞ୍ଜଳି ପଣ୍ଡା, ଜେଲର୍ ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାଳିକ ପ୍ରମୁଖ ଅତିଥି ଗଣ ପ୍ରତ୍ୟେକେ ଗୋଟିଏ କରି ଚାରା ଗଛ ରୋପଣ କରିଥିଲେ ଏବଂ ସେମାନେ ସେମାନଙ୍କ ବକ୍ତବ୍ୟ ରେ ବୃକ୍ଷ ରୋପଣ ର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ ପରିଚାଳନା କରୁଥିବା ବେଳେ ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନୀତା ରାଣୀ ଦାସ, ଆରତୀ ବାଳା ଦାସ, ମୌ।ସୁଖୀ ଚାଟାର୍ଜୀ, ମାମୁନି ମହାପାତ୍ର, ନମିତା ବାଗ୍ , ପୂଜା ପରିଡ଼ା, ଗାୟତ୍ରୀ ଦଳେଇ, ସୁନୀତା ପଢିଆରୀ, ଜୟ ସ୍ମିତା ପଣ୍ଡା, ଗୀତା ରାଣୀ ଦାସ, ଜଲି ମହାନ୍ତି, ସରିଫୁଦ୍ଦିନ୍ ମହମ୍ମଦ, ନିରଞ୍ଜନ ଦାସ ପ୍ରମୁଖ କର୍ମଚାରୀ କାର୍ଯ୍ୟ ରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଛ ଲଗାଅ ଗଛ ବଞ୍ଚାଅ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଉଟିଙ୍କ ଜୀବନ ନେଲା...

ଆଇଆଇସିଙ୍କ ମୋବାଇଲ ସିଡିଆର ଯାଞ୍ଚରେ ନିର୍ଦ୍ଧିଷ୍ଟ କେତେକ କଲ ଦୀର୍ଘ ସମୟ ଧରି ରହିଛି । ତେଣୁ ବ୍ଲାକମେଲ ଥିଓରିର ଖିଅ ଧରିଛି ପୁଲିସ । ସେପଟେ ପାହାଳ ଥାନାର ଏଏସଆଇଙ୍କୁ ପଚରାଉଚରା ସହିତ ମୋବାଇଲ ଜବତ କରାଯାଇଛି । ଏବେ ଆଇଆଇସିଙ୍କ ଆର୍ଥିକ କାରବାର ଯାଞ୍ଚ କରୁଥିବାରୁ ପୁଲିସ ବ୍ଲାକ ମେଲ୍ ଆଙ୍ଗଲକୁ ନେଇ ପୁଲିସ ତନାଘନା ଚଳାଇଥିବା ଜଣାପଡ଼ିଛି । ଏହାରି ଭିତରେ ବ୍ୟବଚ୍ଛେଦ ରିପୋର୍ଟ ଆସିଛି । ଶ୍ୱାସରୁଦ୍ଧ ହୋଇ ଆଇଆଇସିଙ୍କ ଜୀବନ ଯାଇଥିବା ରିପୋର୍ଟରେ ଦର୍ଶାଯାଇଛି । ତଥାପି ବିଶେଷଜ୍ଞଙ୍କ ମତ ନିଆଯିବ ଓ ଭିସେରା ରିପୋର୍ଟକୁ ଅପେକ୍ଷା କରାଯାଇଥିବା କଟକ ଡିସିପି କହିଛନ୍ତି । ସେପଟେ ଆତ୍ମହତ୍ୟାର ପଞ୍ଚମ ଦିନରେ ଚାଉଳିଆଗଞ୍ଜ ଥାନା ପୁଲିସ ବ୍ୟୁଟି ମହାନ୍ତିଙ୍କ ଦୁଇ ଭଉଣୀଙ୍କୁ ଡାକି ପଚରାଉଚରା କରିଛି । ପରିବାର ଠାରୁ କିଛି ଗୁପ୍ତ ତଥ୍ୟ କାଢ଼ିବାକୁ ଚେଷ୍ଟା କରୁଛି ପୁଲିସ । କେବଳ ପରିବାର ନୁହଁନ୍ତି ଥାନାରେ ଥିବା କର୍ମଚାରୀ ଓ ପରିଚିତ ଲୋକଙ୍କୁ ମଧ ପଚରାଉଚୁରା କରାଯାଉଛି । ସେପଟେ ପରିବାର, ପୋଲିସ୍ ଅଫିସର୍ ସଂଘ ପରେ ଏବେ ଆଇଆଇସିଙ୍କ ଆତ୍ମହତ୍ୟା ଘଟଣା ଉପରୁ ପରଦା ହଟାଇବା ପାଇଁ ଦାବି ବଢ଼ିଛି । ଆଇଆଇସିଙ୍କ ଫୋନକୁ ଘଣ୍ଟା ଘଣ୍ଟା ଧରି କଲ ଆସିଥିବା ସିଡିଆରରୁ ଯାଞ୍ଚରୁ ଜଣାପଡ଼ିଛି । ତେଣୁ ବ୍ଲାକମେଲର ଶିକାର ହୋଇଥିବା ସନ୍ଦେହ କରାଯାଉଛି । ପ୍ରଶ୍ନ ଆଇଆଇସିଙ୍କୁ କିଏ କରୁଥିଲା ବ୍ଲାକ୍ମେଲ୍ କେଉଁ ବାବଦରେ ବ୍ଲାକ୍ମେଲ୍ କରୁଥିଲା ? ପୁଲିସ କର୍ମଚାରୀ ନା ଅନ୍ୟ କେହି କରୁଥିଲେ ବ୍ଲାକ୍ମେଲ୍ ? ଆର୍ଥିକ କାରବାର ନା ଅନ୍ୟ କିଛି କାରଣ ଦର୍ଶାଇ ବ୍ଲାକ୍ମେଲ୍ କରାଯାଉଥିଲା କି ? ଏଭଳି ମାଳମାଳ ପ୍ରଶ୍ନକୁ ନେଇ ପୁଲିସ ଏବେ ଖୋଳତାଡ ଚଳାଇଛି ।

### ମୁଖ୍ୟମନ୍ତ୍ରୀଙ୍କ ଚରିତ୍ର ସଂହାର ...

ଅଭିଯୁକ୍ତ ମନୋରଞ୍ଜନ ଇଓ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ବିକୃତ କରିଥିଲେ । କେବଳ ସେତିକି ନୁହେଁ, ଅତି ଅଶ୍ଳୀଳ ଭାଷା ପ୍ରୟୋଗ କରି ସେ ଏକ ଭିଡିଓ ପ୍ରସ୍ତୁତ କରିବା ସହ ତାହାକୁ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ପୋଷ୍ଟ କରିଥିଲେ । ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ସାଇବର ପୋଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ତାଙ୍କୁ ତୁରନ୍ତ ଗିରଫ କରିବାରେ ସଫଳ ହୋଇଛି । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କୁ ନେଇ ସୋସିଆଲ ମିଡିଆରେ ଅପପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସାଇବର ପୋଲିସ ଲଗାତାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ଏହି ଘଟଣାର ମାତ୍ର ୨ ଦିନ ପୂର୍ବରୁ ସମାନ ଢଙ୍ଗରେ ଏକ ବିକୃତ ଭିଡିଓ ଭାଇରାଲ କରିବା ଅଭିଯୋଗରେ ବିଶ୍ୱଜିତ ସାହୁ ନାମକ ଅନ୍ୟ ଜଣେ ଯୁବକଙ୍କୁ ମଧ ଭୁବନେଶ୍ୱର ସାଇବର ଥାନା ପୋଲିସ ଗିରଫ କରିଥିଲା । ନେତା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ପ୍ରତି ଇଓ ମାଧ୍ୟମରେ କରାଯାଉଥିବା ଏଭଳି ସାଇବର ଅପରାଧ ଏବଂ ଗୁଜବକୁ ରୋକିବା ପାଇଁ ପୋଲିସ ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ।

### ଡିଏମକେ ଉପରେ ବର୍ଷିଲେ...

ଏବଂ ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ସୂଚନା ମିଳିଛି — ଚାଲୁ ରହିଥିବା କେନ୍ଦ୍ରୀୟ ତଦନ୍ତର ସାକ୍ଷୀମାନଙ୍କୁ 'ପ୍ରଭାବିତ' କରୁଥିବା ଭଳି ବିବେଚନା କରାଯାଇପାରେ। ଟିଭିକେ ନେତା ଆଧବ ଅର୍ଜୁନଙ୍କ ଜୁଲାଇ ୨ ର ବୟାନକୁ ନେଇ ବିରୋଧୀ ଦଳ ମଧ ଆପତ୍ତି ଉଠାଇଥିଲେ, ଯେଉଁଥିରେ ସେ କଥିତ ଭାବେ କହିଥିଲେ ଯେ କରୁର ଦଳାଚକଟା ଘଟଣାକୁ ନେଇ 'ଏକ ହିସାବ ବରାବର କରିବାର ଅଛି'। ସେ କହିଥିଲେ ଯେ ଡିଏମକେ- ଯିଏ କି ଦଳାଚକଟା ସମୟରେ କ୍ଷମତାରେ ଥିଲା - ପୋଲିସ ଜରିଆରେ କରୁରର ଲୋକମାନଙ୍କୁ ହତ୍ୟା କରିଛି। କରୁର ଦଳାଚକଟା ଘଟଣା ଗତ ବର୍ଷ ସେପ୍ଟେମ୍ବର ମାସରେ ଘଟିଥିଲା । ବିଜୟଙ୍କ ନିର୍ବାଚନ ପ୍ରଚାର ଭାଷଣ ଶୁଣିବାକୁ ଗହଳି ଲାଗିଥିବା ବେଳେ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା।

### ସିରିଆରେ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନ୍ଙ୍କ ...

ଜଣଙ୍କର ମୃତ୍ୟୁ ହୋଇଛି ଏବଂ ସିରିଆ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀଙ୍କ ସମେତ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି। ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁଯାୟୀ, ଯେଉଁଠାରେ ଉଗ୍ରବାଦୀମାନେ ବିସ୍ଫୋରଣ ଘଟାଇଥିଲେ ସେଠାରେ ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ। ମୃତକଙ୍କ ମଧ୍ୟରୁ ଅଧିକାଂଶ ପୁଲିସ କର୍ମଚାରୀ। ସେମାନେ ମାକ୍ରନ୍ ?ଙ୍କ ସୁରକ୍ଷାରେ ନିୟୋଜିତ ଥିଲେ। ଅଲ୍ ଆରବିୟା ଅନୁଯାୟୀ, ଯେତେବେଳେ ମାକ୍ରୋନ୍ ଅଲ୍ ଶାରାଙ୍କୁ ଭେଟିବା ପାଇଁ ହୋଟେଲରୁ ବାହାରକୁ ଯାଉଥିଲେ, ସେତେବେଳେ ହୋଟେଲ ବାହାରେ ଏକ ଜୋରଦାର ବିସ୍ଫୋରଣ ଶୁଣାଯାଇଥିଲା। ମାକ୍ରୋନ୍ଙ୍କ ସହିତ ଥିବା ଗଣମାଧ୍ୟମ କର୍ମଚାରୀମାନେ ଏହି ଖବର ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ମାକ୍ରନଙ୍କ ହୋଟେଲ ବାହାରେ ହୋଇଥିବା ବିସ୍ଫୋରଣରେ ଏକ କାର୍ ବ୍ୟବହାର କରାଯାଇଥିଲା। ହୋଟେଲ ବାହାରେ ଥିବା ଏକ ଲାଲ ରଙ୍ଗର କାରରେ ବିସ୍ଫୋରଣ ହୋଇଥିଲା। ଫ୍ରାନ୍ସ ରାଷ୍ଟ୍ରପତି ଭବନ ଏପର୍ଯ୍ୟନ୍ତ କୌଣସି ବିବୃତି ଜାରି କରିନାହିଁ। କିନ୍ତୁ ବିସ୍ଫୋରଣ ପରେ ମାକ୍ରନ୍ ଅଲ ଶାରାଙ୍କ ସହ ସାକ୍ଷାତ କରିଥିବା ସୂଚନା ମିଳିଛି। ସିରିଆ ପୁଲିସ ତଦନ୍ତ ଆରମ୍ଭ କରିଛି। ଅଲ୍-ଶାରାଙ୍କ ସରକାର ସମୟରେ ସିରିଆ ଗସ୍ତରେ ଯାଇଥିବା ମାକ୍ରୋନ୍ ହେଉଛନ୍ତି ପ୍ରଥମ ୟୁରୋପୀୟ ସଂଘର ନେତା। ମାକ୍ରୋନ୍ ଦୁଇ ଦିନିଆ ଗସ୍ତରେ ଦାମାସକସ୍ ଯାଇଥିଲେ। ମଙ୍ଗଳବାର ତାଙ୍କ ଗସ୍ତର ଶେଷ ଦିନ ଥିଲା।

# ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ପ୍ରତିଷ୍ଠା ଦିବସ ବନ ମହୋତ୍ସବ ପାଳିତ



ବାଲେଶ୍ୱର , ୦୭/୭ (ନି.ପ୍ର): ସଦର ବ୍ଲକ ଗେଙ୍ଗୁଟି ଗ୍ରାମପଞ୍ଚାୟତର ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ ପରିସରରେ ମହାସମାରୋହରେ ପ୍ରତିଷ୍ଠା ଦିବସ ଓ ବନମୋହତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସଂଗଠନର ସଭାପତି ଜଳଧର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. କାଳିପଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବିଦ୍ୟାର୍ଥୀ ପରିଷଦର ଏତାଦୃଶ କାର୍ଯ୍ୟକୁ ସାଧୁବାଦ ଜଣାଇବା ସହ ଏଭଳି ସଂଗଠନ ପ୍ରତି ବିଦ୍ୟାଳୟରେ ଆବଶ୍ୟକ ତା ଅଛି ବୋଲି ବକ୍ତବ୍ୟ ରଖିଥିଲେ । ସଂଗଠନର ସମ୍ପାଦକ କବି ସୁଧାକର ସେଠୀ ମଞ୍ଚ ପରିଚାଳନା କରିଥିଲେ ସହ ସମ୍ପାଦକ ନବକୁମାର ନାୟକ ମଞ୍ଚାଆହ୍ୱାନ କରିଥିବା ବେଳେ ସାବିତ୍ରୀରାଣୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ପ୍ରାକ୍ତନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ, ପ୍ରତିଷ୍ଠାତା ସଦସ୍ୟ ପରିବାରରୁ ତଥା ବିଦ୍ୟାଳୟର ପ୍ରଥମ ଦିନର ଛାତ୍ରୀ ବନଲାତା ଦାସ, ବିଦ୍ୟାଳୟ ପାଇଁ ଜମି ଦାତା ପରିବାରରୁ ବିଜୟ କୁମାର ପରିଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ, ସଂଗଠନର ଉପଦେଷ୍ଟା ପିତାମ୍ବର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଇଂ ମନ୍ମଥ କୁମାର ବାରିକ, ଆଗଧାଡିର ପରିଷଦର ସଦସ୍ୟ ଯୁବ ଆଇନଜୀବି ପ୍ରଶାନ୍ତ କୁମାର ସାମଲ, ଯତୀନ କୁମାର ମହାନ୍ତି, ପ୍ରମୁଖ ପରିଷଦକୁ ନେଇ ଦେଖିଥିବା ସ୍ୱପ୍ନ ବଖାଣି ଥିଲେ । ଚଳିତ ମ୍ୟାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟରେ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାରୀ ତିନି ଛାତ୍ରୀଙ୍କୁ ଅଭିପ୍ସା ସାମଲ, ରାଜଲକ୍ଷ୍ମୀ ସାମଲ,କୁମାରୀ ରିତୁପର୍ଣ୍ଣା ପ୍ରଧାନଙ୍କୁ ବିଦ୍ୟାର୍ଥୀ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଚିତ୍ରାଙ୍କନରେ ପ୍ରଥମ ମୋନାଲୀ ସେନାପତି, ଶତାବ୍ଦୀ ମହାପାତ୍ର, ସ୍ୱସ୍ତିଶ୍ରୀ ନାୟକ ସାଧାରଣ ଜ୍ଞାନ ପ୍ରଥମ ବର୍ଷାପ୍ରିୟଦର୍ଶିନୀ ନାୟକ,ଦ୍ୱିତୀୟ ସଞ୍ଜୟ ସିଂ ତୃତୀୟ ଲିପ୍ସାରାଣୀ ଜେନା, ବକ୍ତୃତା ପ୍ରତିଯୋଗିତା ପ୍ରଥମ ସୁଭଲିପ୍ସା ନାୟକ, ଦ୍ୱିତୀୟ ପ୍ରତ୍ୟାଶା ଆଚାର୍ଯ୍ୟ, ତୃତୀୟ ଶୁଭ୍ରାଂଶୁ ପୁହାଣ, ଛାତ୍ରୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପରିବେଶ ପ୍ରତି ଅବଦାନକୁ ଆଖିଆଗରେ ରଖି ଅବନୀ କୁମାର ରାଉତକୁ ଚଳିତ ବର୍ଷ ବୃକ୍ଷ ବନ୍ଧୁ ସମ୍ମାନ -୨୦୨୬ ପ୍ରଦାନ କରାଯାଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ତିନିଶହରୁ ଅଧିକ ଚାରଗଛ ବଣ୍ଟନ କରାଯାଇଥିଲା। ଏଥିସହିତ ସମସ୍ତ ଚାରଗଛକୁ ବଞ୍ଚାଇ ରଖିବାକୁ ଛାତ୍ରଛାତ୍ରୀ ମନେ ଶପଥ ପାଠ କରିଥିଲେ। ବିଦ୍ୟାଳୟ ପରିସରରେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। ଦିବସ ବ୍ୟାପି କାର୍ଯ୍ୟକ୍ରମର ପରିଷଦ ଓ ଆମେ ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଜୟଶ୍ରୀ ରାଉତ, ଶୁଭ୍ରାଂଶୁ ରାଉତ, ଋତୁପର୍ଣ୍ଣା ପାଣିଗ୍ରାହୀ, ଗୌରୀଶଙ୍କର ରାଉତ, ରାହୁଲ କୁମାର ବାରିକ, କୁଞ୍ଜ ବିହାରୀ ସେଠୀ, ହିମାଂଶୁ ଶେଖର ପରିଡା, ଆତ୍ମନ ପତି, ପବିତ୍ରା ଦାସ, ନିହାର ରଞ୍ଜନ ବେହେରା,ଦିବ୍ୟସା ଆଚାର୍ଯ୍ୟ, ପ୍ରିୟବ୍ରତ ଆଚାର୍ଯ୍ୟ ଭଗନେଇଥିଲେ। ଇଂ ସବ୍ୟସାଚୀ ପ୍ରଧାନ, ବିଶ୍ୱରଂଜନ ସାମଲ, ପାର୍ଥ ସାରଥୀ ପ୍ରଧାନ ପ୍ରମୁଖ ସମସ୍ତକର୍ଯ୍ୟ ପରିଚାଳନା କରିଥିଲେ।

# ବ୍ରଜ କିଶୋର ଦାସଙ୍କ ସ୍ମୃତି ସମାରୋହ ଅନୁଷ୍ଠିତ

ଭଦ୍ରକ, ୦୭/୭ (ନି.ପ୍ର): ପଦ୍ମୁଆଁସ୍ଥିତ ସୂର୍ଯ୍ୟମନ୍ଦିର ପରିସରରେ ବ୍ରଜ କିଶୋର ଦାସଙ୍କ ସ୍ମୃତି ସମାରୋହ ଡ.ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ବାସୁଦେବପୁରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅଶୋକ କୁମାର ଦାସ, ଆକାଶବାଣୀ ଓ ଦୂରଦର୍ଶନ ଗୀତିକାର ପିତାମ୍ବର ମିଶ୍ର, ଡା. ଶ୍ରୀକାନ୍ତ ମହାନ୍ତି, ଶ୍ରୀମତୀ ମନୋରମା ଆଚାର୍ଯ୍ୟ, ଗଗନ ବିହାରୀ ମହାନ୍ତି, ଆଡ଼ଭୋକେଟ ଦିବାକର ଦାସ, ଚନ୍ଦ୍ର କୁମାର ପଟ୍ଟନାୟକ, ନିରୁଜା ପଟ୍ଟନାୟକ, ସୁଜାତା ପଟ୍ଟନାୟକ, ବୃନ୍ଦାବନ ଦାସ, ନିତ୍ୟାନନ୍ଦ ଦାସ, ଦେବାଶିଷ ମହାନ୍ତି ଓ ସହଦେବଖୁଣ୍ଟା ପୋଲିସ ଅଧିକାରୀ ମାନସ ଭାଇ ପ୍ରମୁଖ ଯୋଗଦାନ କରି ବ୍ରଜ ଦାସ ଜଣେ ଏକଧାରାରେ ସତ୍ୟନିଷ୍ଠ ପୋଲିସ ଅଫିସର, ମିଷ୍ଟଭାଷୀ, ଉଦାରବାଦୀ, ସମାଜସେବୀ ଓ ବସୁଧୈବ କୁଟୁମ୍ବକମ୍ ବିଚାରଧାରାର ମଣିଷ ବୋଲି ପୃଥକ ପୃଥକ ବକ୍ତବ୍ୟ ରଖିଥିଲେ । ପ୍ରଥମେ ବେଦପାଠ ସହିତ ଦୁଇ ମିନିଟ୍ ବ୍ରଜଦାସଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ସଭାକୁ ବୀର କିଶୋର ଦାସ, କୃତବିଦ୍ୟ ଦାସ, ଟିକନ ଦାସ, ଲିଟୁ ଦାସ, ଯଯାତି ଦାସ, ନବ ଦାସ, ବିଦ୍ୟାଧର ମିଶ୍ର ପ୍ରମୁଖ ସଂଚାଳନ କରିଥିଲେ ।




# ବୁଢ଼ାବଳଙ୍ଗ ନଦୀର ନାଖରା ସେତୁରେ ଅଘଟଣ : ୫ ସାଙ୍ଗ ଗାଧୋଇବାକୁ ଆସି ଜଣେ ସାଙ୍ଗ ଭାସିଗଲେ



ବୈଶିଙ୍ଗା, ୦୭/୭ (ନି.ପ୍ର): ବୈଶିଙ୍ଗା ଥାନା ପାଟଳିପୁରା ପଞ୍ଚାୟତ ଅଧୀନର ବୁଢ଼ାବଳଙ୍ଗ ନଦୀ ଉପରେ ଥିବା ନାଖରା ସେତୁରେ ମଙ୍ଗଳବାର ଅପରାହ୍ନ ସମୟରେ ୫ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଆସି ବୁଡି ଗଲେ ଯୁବକ । ମୃତକ ଜଣକ ହେଉଛି ବାଲେଶ୍ୱର ଜିଲ୍ଲା ଫୁଲାଡ଼ି ଫାଣ୍ଡି ଅଧୀନ ଅଶୋକ କୁମାର ଜେନାଙ୍କ ୨୦ ବର୍ଷିଅ ପୁଅ ଆକାଶ କୁମାର ଜେନା । ପ୍ରାପ୍ତ ସୂଚନା ମୁତାବକ ବୁଢ଼ାବଳଙ୍ଗ ନଦୀ ଅବବାହିକାର ଜଳସ୍ତର କମ ଥିବାରୁ ବେଶ କିଛି ଦିନ ହେବ ନାଖରା ପୋଲ ତଳେ ଏକ କୃତ୍ରିମ ଝରଣା ସଦୃଶ ଦୃଶ୍ୟ ଦେଖା ଯାଉଥିବା ବେଳେ ରିଲ୍ସ ବାଲାଙ୍କ ଭିଡ଼ ବହୁ ପରିମାଣରେ ଦେଖିବାକୁ ମିଳିଥିଲା । ରିଲ୍ସ ଜରିଆରେ ବିଭିନ୍ନ ସୋସିଆଲ ମିଡ଼ିଆରେ ଏତେ ପ୍ରଚାରପ୍ରସାର ହୋଇଥିଲାକି ଯାହାର ଫଳସ୍ୱରୂପ ବହୁ ଦୂରଦୂରାନ୍ତରୁ ଲୋକ ଏଠାକୁ ଗାଧୋଇବା ପାଇଁ ଆସୁଥିଲେ । ମାତ୍ର ଗତ କିଛି ଦିନ ଧରି ଏକକାଳୀନ ଲଘୁଚାପ ଜନିତ ବର୍ଷା ହେବା ଯୋଗୁଁ ବୁଢ଼ାବଳଙ୍ଗର ଜଳସ୍ତର ବଢିଯାଇଛି, ଯାହା ଫଳରେ ନାଖରା ସେତୁ ତଳେ ମଧ ଜଳ ସ୍ରୋତ ମଧ ବଢିଯାଇଥିବାର ପରିଲକ୍ଷିତ ହୋଇଥିଲା । ଆଜି ଅପରାହ୍ନ ସମୟରେ ବାଲେଶ୍ୱର ଜିଲ୍ଲା ସଦରଥାନା ର ଫୁଲାଡ଼ି ଫାଣ୍ଡି ଅଧୀନ କଅଁରାକୁଳ ଏବଂ ବୁଆଁଳ ଗ୍ରାମର ୫ ଜଣ ଯୁବକ ବନ୍ଧୁ ଏକା ସାଙ୍ଗରେ ନାଖରା ପୋଲକୁ ଗାଧୋଇବା ପାଇଁ ଆସିଥିଲେ । ସେମାନେ କଅଁରାକୁଳ ଗ୍ରାମର ଆକାଶ ଜେନା ଏବଂ ବୁଆଁଳ ଗ୍ରାମର ସିଲୁ ଜେନା , ଚିନ୍ମୟ ଜେନା , ବଳରାମ ଜେନା ଓ ମୁନା ଜେନା । ସେଥି ମଧରୁ ନଦୀରେ ୪ ଜଣ ଗାଧୋଉଥିବା ବେଳେ ଜଣେ ଭିଡ଼ିଓ ତିଆରି କରୁଥିଲେ । ଏହି ସମୟରେ ପାଣିର ସ୍ରୋତ ଜୋର ଥିବାରୁ କଅଁରାକୁଳ ଗ୍ରାମର ଆକାଶ ପାଣିରେ ବୁଡ଼ି ଯାଇଥିଲେ । ଏହି ସମୟରେ ଅନ୍ୟ ସାଙ୍ଗ ମାନେ ଖୋଜିଥିଲେ ମଧ ତାଙ୍କୁ ପାଇ ନଥିଲେ । ବୁଡି ଯାଇଥବା ସାଙ୍ଗକୁ ବଞ୍ଚାଇବା ପାଇଁ ଅନ୍ୟ ସମସ୍ତ ସାଙ୍ଗ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ବୈଶିଙ୍ଗା ଥାନା କୁ ଜଣାଇବା ସହ ବଡ଼ସାହି ଏବଂ ବେତନଟୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇବାର ଦୀର୍ଘ ସମୟ ପରେ ସମସ୍ତ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ ମୃତକଙ୍କୁ ପାଇ ନଥିଲେ । ପରେ ପରେ ଓଡ୍ରାଫ ଟିମ ଘଟଣା ସ୍ଥଳରେ ପହଞ୍ଚି ବିଭିନ୍ନ ଉପାୟ ଅବଲମ୍ବନ କରିଥିଲେ ସୁଦ୍ଧା ପାଣିର ସ୍ରୋତ ଏତେ ତୀବ୍ରତର ଥିଲା ଯେ ତାଙ୍କର ଶବ ମିଳିପାରିନଥିଲା । ଏ ନେଇ ବୈଶିଙ୍ଗା ଥାନାରେ ପରିବାର ବର୍ଗଙ୍କ ଲିଖିତ ଅଭିଯୋଗକୁ ଅଧାର କରି ବୈଶିଙ୍ଗା ପୁଲିସ ଏକ ମାମଲା ରୁଜ୍ଜୁ କରି ତଦନ୍ତ ଜାରି ରଖିଛି । ରାତି ହୋଇଯିବା ସହ ଖବର ଲେଖା ହେବା ସୁଦ୍ଧା ମୃତ ଆକାଶର କୌଣସି ପତ୍ତା ମିଳିପାରିନଥିଲା । ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ, ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ଘଟଣା ସ୍ଥଳରେ ଉପସ୍ଥିତ ରହିଥିଲେ । ବଡ଼ସାହି ବିଧାୟକ ସନାତନ ବିଜୁଳି ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ।

# ଲୋକ ଭବନରେ ବନ ମହୋତ୍ସବ ପାଳିତ

ଭୁବନେଶ୍ୱର, ୦୭/୭ (ନି.ପ୍ର): ଚଳିତ ବର୍ଷ ବନ ମହୋତ୍ସବ ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଙ୍ଗଳବାର ଦିନ ଲୋକ ଭବନ ପରିସରସ୍ଥିତ ଶ୍ୟାମାନନ୍ଦ ପାର୍କରେ ବୃକ୍ଷରୋପଣ କରିଛନ୍ତି। ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ବନ ମହୋତ୍ସବ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଅଂଶଗ୍ରହଣ ବୃକ୍ଷରୋପଣ ଓ ପରିବେଶ ସଂରକ୍ଷଣର ଗୁରୁତ୍ୱକୁ ପ୍ରତିଫଳିତ କରିଛି। ଲୋକ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସବୁଜିମାକୁ ବୃଦ୍ଧି କରିବା ସହ ପ୍ରକୃତି ସଂରକ୍ଷଣ ଏବଂ ପରିବେଶ ସନ୍ତୁଳନ ରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ନିମନ୍ତେ ଲକ୍ଷ୍ୟ ରଖା ଯାଇଛି।

# ଜନଗଣନା ୨୦୨୭ ପାଇଁ ବାଲେଶ୍ୱର ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ବାଲେଶ୍ୱର, ୦୭/୭ (ନି.ପ୍ର): ଜନଗଣନା ୨୦୨୭ ପାଇଁ ବାଲେଶ୍ୱର ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ୨୦୨୭ ର ଜନଗଣନାକୁ ସଫଳ କରିବା ପାଇଁ ଜିଲ୍ଲା ସ୍ତରୀୟ ଜନଗଣନା ହ୍ୟାଣ୍ଡବୁକ ପ୍ରଶିକ୍ଷଣ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆଜି ତା : ୦୭/୦୭/୨୬ ଠାରୁ ଆରମ୍ଭ ହୋଇ ୧୦/୦୭/୨୬ ରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ଜନଗଣନା ପୁସ୍ତିକା ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ତପନ କୁମାର ଖୁଣ୍ଟିଆ , ସହାୟକ ଜିଲ୍ଲାପାଳ ସୁବ୍ରତ କୁମାର ଘୋଷ ଏବଂ ସହକାରୀ ନିର୍ଦ୍ଦେଶକ (ଜନଗଣନା) ପ୍ରଫୁଲ୍ଲ କୁମାର ଦାସ , ଡାଟା ପ୍ରସେସିଂ ସହକାରୀ ଅଧିକାରୀ (ଜନଗଣନା) ମହେନ୍ଦ୍ର ପ୍ରସାଦ ମହାଳିକ ଉପସ୍ଥିତ ରହି ଜନଗଣନା ୨୦୨୭ କୁ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ ପ୍ରସ୍ତୁତି ଓ ଏହା ସମ୍ବନ୍ଧୀୟ ପ୍ରଶିକ୍ଷଣର ବିଶେଷ ଗୁରୁତ୍ୱ ରହିଛି ବୋଲି ପ୍ରଶିକ୍ଷଣ ରେ ଅଂଶଗ୍ରହଣକାରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଉକ୍ତ ପ୍ରଶିକ୍ଷଣ ରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ତହସିଲରୁ ପ୍ରେରିତ ହୋଇଥିବା ରାଜସ୍ୱ ତତ୍ତ୍ୱାବଧାରକ , ରାଜସ୍ୱ ନିରୀକ୍ଷକ , ସହାୟକ ରାଜସ୍ୱ ନିରୀକ୍ଷକ , ଅମିନ ମାନେ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ । ଜନଗଣନା–୨୦୨୭ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ (ଉସବ୍ବଶ୍ବକ୍ବସମଶ୍ବ ଉରଭଶ୍ବଙ୍କଶ୍ବ ଐବଭୟଭକ୍ଟକ୍ଟଳ) ପ୍ରସ୍ତୁତି ଓ ଏହା ସମ୍ବନ୍ଧୀୟ ପ୍ରଶିକ୍ଷଣର ବିଶେଷ ଗୁରୁତ୍ୱ ରହିଛି। ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ହେଉଛି ଏକ ପ୍ରାମାଣିକ ଦଲିଲ, ଯେଉଁଥିରେ ଜିଲ୍ଲାର ପ୍ରଶାସନିକ ବିବରଣୀ, ଗ୍ରାମ ଓ ସହରର ତାଲିକା, ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ, ସାକ୍ଷରତା, କାର୍ଯ୍ୟନିୟୋଜନ, ମୌଳିକ ସୁବିଧା ଓ ଅନ୍ୟାନ୍ୟ ପରିସଂଖ୍ୟାନ ସଂକଳିତ ରହିଥାଏ। ଏହି ହ୍ୟାଣ୍ଡବୁକ୍ ପ୍ରଶାସନ, ଯୋଜନା ପ୍ରସ୍ତୁତି, ଗବେଷଣା ଏବଂ ନୀତି ନିର୍ଦ୍ଧାରଣରେ ଅତ୍ୟନ୍ତ ଉପଯୋଗୀ। ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନଗଣନା ସହ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କୁ ହ୍ୟାଣ୍ଡବୁକ୍ ପ୍ରସ୍ତୁତିର ପଦ୍ଧତି, ତଥ୍ୟ ସଂଗ୍ରହ, ପ୍ରଶାସନିକ ସୀମାର ସଠିକତା, କୋଡିଂ ପ୍ରଣାଳୀ, ତଥ୍ୟ ଯାଞ୍ଚ ଏବଂ ଡିଜିଟାଲ୍ ତଥ୍ୟ ପରିଚାଳନା ସମ୍ବନ୍ଧରେ ସଠିକ୍ ଜ୍ଞାନ ପ୍ରଦାନ କରିବା। ପ୍ରଶିକ୍ଷଣ ସମୟରେ ଗ୍ରାମ ଓ ସହରର ଅଦ୍ୟତନ ବିବରଣୀ, ମାନଚିତ୍ର ପ୍ରସ୍ତୁତି, ପ୍ରଶାସନିକ ପରିବର୍ତ୍ତନର ସମନ୍ୱୟ ଏବଂ ତଥ୍ୟର ଶୁଦ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ। ଜନଗଣନା–୨୦୨୭ରେ ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ଡିଜିଟାଲ୍ ତଥ୍ୟ ସଂଗ୍ରହ ଏବଂ ଅନଲାଇନ୍ ପରିଚାଳନା ପ୍ରଣାଳୀର ଗୁରୁତ୍ୱ ବଢ଼ିଛି। ତେଣୁ ପ୍ରଶିକ୍ଷଣ ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ନୂତନ ପ୍ରଯୁକ୍ତିର ସଠିକ୍ ବ୍ୟବହାର, ତଥ୍ୟର ଗୋପନୀୟତା, ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତି ଏବଂ ଗୁଣାତ୍ମକ ତଥ୍ୟ ପ୍ରସ୍ତୁତି ସମ୍ପର୍କରେ ଦକ୍ଷତା ହାସଲ କରିଥାନ୍ତି। ଏହି ପ୍ରଶିକ୍ଷଣ ଫଳରେ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତିରେ ଏକରୂପତା, ସଠିକତା ଓ ସମୟାନୁବର୍ତ୍ତିତା ବଜାୟ ରହିଥାଏ। ଏହା ମାଧ୍ୟମରେ ଜନଗଣନାର ଗୁଣାତ୍ମକ ମାନ ବୃଦ୍ଧି ପାଇବା ସହିତ ଭବିଷ୍ୟତର ବିକାଶମୂଳକ ଯୋଜନା ପ୍ରସ୍ତୁତି ପାଇଁ ନିର୍ଭରଯୋଗ୍ୟ ତଥ୍ୟ ଉପଲବ୍ଧ ହୋଇଥାଏ।

# ପଦ୍ମପୁରରେ ଆୟୋଜିତ ଏସଆଇଆର କର୍ମଶାଳାରେ ଯୋଗଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୭/୭ (ନି.ପ୍ର): ଭୋଟର ତାଲିକାର ସଠିକତା ଓ ସଂଶୋଧନ ନିମନ୍ତେ ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା। ଏହି ପରିପ୍ରେକ୍ଷୀରେ ସର୍ବସାଧାରଣଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଜେପି ତରଫରୁ ମାରୱାଡ଼ି ଧର୍ମଶାଳା, ପଦ୍ମପୁର ଠାରେ ପଦ୍ମପୁର ବିଧାନସଭା ସ୍ତରୀୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବରଗଡ଼ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତଙ୍କ ସହ ଯୋଗଦେଇ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପାରାଦୀପ ରିଫାଇନାରୀରେ ଅନସାଇଟ୍ ଓ ଅଫସାଇଟ୍ ଲେଭଲ୍-୩ ଆପାତକାଳୀନ ମକ୍‌ଡ୍ରିଲ୍ ଆୟୋଜିତ




ପାରାଦୀପ, ୦୭/୭ (ନି.ପ୍ର): ପାରାଦୀପସ୍ଥିତ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ୍) ଦ୍ୱାରା ପରିଚାଳିତ ପାରାଦୀପ ରିଫାଇନାରୀ ପକ୍ଷରୁ ଲେଭଲ୍-୩ ଆପାତକାଳୀନ ଅନସାଇଟ୍ ଓ ଅଫସାଇଟ୍ ମକ୍ ଡ୍ରିଲ୍ ମଙ୍ଗଳବାର ଦିନ ରିଫାଇନାରୀ ପରିସରରେ ଆୟୋଜିତ ହୋଇଯାଇଛି । ରିଫାଇନାରୀର ବାହ୍ୟ ଅଂଚଳକୁ ପ୍ରଭାବିତ କରୁଥିବା ଘଟଣା ପାଇଁ ରିଫାଇନାରୀର ଆପାତକାଳୀନ ପ୍ରତିକ୍ରିୟା ଓ ପ୍ରସ୍ତୁତିର ପ୍ରଭାବ ଯାଂଚ କରିବା । ଏହି ସମୟରେ ସ୍ଥାନୀୟ ଶିକ୍ଷସଂସ୍ଥାମାନଙ୍କର ସହଯୋଗରେ କିପରି ଏହି ଆପାତକାଳୀନ ପରିସ୍ଥିତିରେ ସ୍ଥିତି ନିୟନ୍ତ୍ରଣ କରାଯାଇ ପାରିବ ତାହାର ପରୀକ୍ଷଣ କରାଯାଇଥିଲା । ରିଫାଇନାରୀର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁସାରେ ଏହି ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଏଫଆଣ୍ଡବି ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରଶେଖର ବେହାରା ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଶେଷରେ ରିଫାଇନାରୀ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ରିଫାଇନାରୀର ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ଏହି ବୈଠକରେ ଯୋଗ ଦେଇଥିଲେ । ପାରାଦୀପ ରିଫାଇନାରୀରର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଯଦି କେବେ କ୍ଲୋରିନ୍ ଗ୍ୟାସ ଲିକ୍ ହୁଏ ଏବଂ ତାହା ରିଫାଇନାରୀ ପରିସର ବାହାରକୁ ବ୍ୟାପେ ଏହାକୁ କିପରି ସଫଳତାର ସହିତ ନିୟନ୍ତ୍ରଣ କରାଯିବ ସେ ସମ୍ପର୍କରେ ଏହି ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିବା ନେଇ ପାରାଦୀପ ରିଫାଇନାରୀ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# କୁଜିଡିହୀରେ ଶକ୍ତି କ୍ଲବ ଦ୍ୱାରା ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ




ବାରିପଦା, ୦୭/୭ (ନି.ପ୍ର): ଶୁଳିଆପଦା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, କୁଜିଡିହୀରେ ଶକ୍ତି କ୍ଲବ ଦ୍ୱାରା ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଅଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦୀପକ କୁମାର ବେହେରା ସଭାପତିତ୍ୱ କରିଥିଲେ। ତତ୍ ସହିତ ଶକ୍ତି କ୍ଲବର ପରିଚାଳିକା ଶିକ୍ଷୟିତ୍ରୀ ଶୁଭ୍ରା ଭାରତୀ ତଥା ମଞ୍ଜୁଶ୍ରୀ ସାହୁ ଓ ଅନ୍ୟ ଶିକ୍ଷକ ଶିକ୍ଷିକା ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ବିଦ୍ୟୁତକୁ କିଭଳି ସଠିକ୍ ବିନିଯୋଗ କରି ଆଗାମୀ ଭବିଷ୍ୟତକୁ ସୁରକ୍ଷା କରିପାରିବା, ଘରେ ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରାଇବେ ଏବଂ ବିଦ୍ୟୁତ ଦାଉରୁ କିଭଳି ରକ୍ଷା ପାଇପାରିବା ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏଥିସହିତ ଭିଡିଓ ମାଧ୍ୟମରେ ବିଭିନ୍ନ ପ୍ରକାର ଚିତ୍ର ପ୍ରଦର୍ଶିତ କରାଯାଇ ସଚେତନତା କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ଲାକାର୍ଡ ଧରି ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଶିକ୍ଷକ ଦୀପକ କୁମାର ଗୋଛାଏତ୍ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟୁତ ସତର୍କତା ଉପରେ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଟିନା ବେହେରା, ପାନ୍ନା ମୁର୍ମୁ, ସୁମିତ୍ରା ଦାସ, ଜୟନ୍ତୀ ସିଂ, ଦିପ୍ତୀମୟୀ ସେଠୀ ଓ କର୍ମଚାରୀ ପ୍ରବୀର କୁମାର ସି, ମଧୁସୂଦନ ସିଂ, ପ୍ରତିଭା ମଞ୍ଜରୀ ମହାନ୍ତ ସହଯୋଗ କରିଥିଲେ। ପରିଶେଷରେ ସଂସ୍କୃତଶିକ୍ଷକ ଅବିନାଶ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ବାଲେଶ୍ୱର ଜିଲ୍ଲାସ୍ତରୀୟ ବନ ମହୋତ୍ସବ - ୨୦୨୬ ଅନୁଷ୍ଠିତ

ବାଲେଶ୍ୱର, ୦୭/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବନ ବିଭାଗ ଆନୁକୂଲ୍ୟରେ ଆଜି ସଦର ବ୍ଲକ୍ ଅନ୍ତର୍ଗତ ଗୁଡୁ ଗ୍ରାମ ପଞ୍ଚାୟତର ଶେଖପାଟଣାଠାରେ ଜିଲ୍ଲା ସ୍ତରୀୟ ବନ ମହୋତ୍ସବ - ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ଜିଲ୍ଲାର ସବୁଜିମା ବୃଦ୍ଧି ଲାଗି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି ଏବଂ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ସମାରୋହରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ମୁଖ୍ୟ ଅତିଥି ଭାବେ ଏବଂ ମାନ୍ୟବର ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଙ୍କ ସହିତ ଏହି କାର୍ଯ୍ୟ କ୍ରମରେ ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ପ୍ରତୀକ ପ୍ରକାଶ ଇନ୍ଦଲକର, ବାଲେଶ୍ୱର ଉପ-ଜିଲ୍ଲାପାଳ ଶ୍ରୀ ଶିବ ମାଲବ୍ୟ, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଶ୍ରୀଯୁକ୍ତ ଦେବବ୍ରତ ସ୍ୱାଇଁ, ସହକାରୀ ବନ ସଂରକ୍ଷକ ସୁଶ୍ରୀ କଟିନି ସେଠି, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ କମଳିନୀ ପାତ୍ର, ବନାଞ୍ଚଳ ଅଧିକାରୀ ଶ୍ରୀଯୁକ୍ତ ମାନୁଓ୍ୱାର ଖାଁ ପ୍ରମୁଖ ଉପସ୍ଥିତ ରହି ପରିବେଶ ସନ୍ତୁଳନ ରକ୍ଷା କରିବାରେ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆଗାମୀ ପିଢ଼ିକୁ ପ୍ରଦୂଷଣମୁକ୍ତ ପରିବେଶ ଦେବା ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ବିକଳ୍ପ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଗଛ ଲଗାଇବା ସହ ତାର ସୁରକ୍ଷା ଦାୟିତ୍ୱ ନେବା ଉଚିତ। ଏହି ଉତ୍ସବ ଅବସରରେ ଆଜି ଶେଖପାଟଣା ପରିସରରେ ଅତିଥି, ବନ ବିଭାଗ ଅଧିକାରୀ, ଛାତ୍ର ଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ପ୍ରାୟ ୨୦୦ଟି ମୂଲ୍ୟବାନ ବୃକ୍ଷ ଚାରା ରୋପଣ କରାଯାଇଛି। ଏହା ସହିତ ଆଗାମୀ ଏକ ସପ୍ତାହ ମଧ୍ୟରେ ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ସମୁଦାୟ ୫୦୦୦ ବୃକ୍ଷ ଚାରା ରୋପଣ କରିବା ପାଇଁ ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଓ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲ୍ଲା ବନ ବିଭାଗ, ବାଲେଶ୍ୱର ଦ୍ୱାରା ସଫଳତାର ସହ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ ବିଭାଗର ସମସ୍ତ କର୍ମଚାରୀ ଏବଂ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ରହି ସବୁଜ ସୁନ୍ଦର ପରିବେଶ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ।

# ମୁଖ୍ୟମନ୍ତ୍ରୀ ଗବେଷଣା ଫେଲୋଶିପ୍ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର, ୦୭/୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଗବେଷଣା ଫେଲୋଶିପ୍ ୨୦୨୬-୨୭ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ସରକାରଙ୍କ ଅନ୍ୟାନ୍ୟ ବିଭାଗରେ ପିଏଚ୍.ଡି.ରେ ପଞ୍ଜୀକୃତ ଛାତ୍ରଛାତ୍ରୀ ମାନେ ସାମସ୍ ମାଧ୍ୟମରେ ଆବେଦନ କରିପାରିବେ । ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ.ସାମସଓଡ଼ିଶା.ଜିଓଭି.ଇନ୍ ରେ ଅନଲାଇନ୍ କମନ୍ ଆପ୍ଲିକେସନ୍ ଫର୍ମ ଉପଲବ୍ଧ ଅଛି। ୭ଜୁଲାଇ ୨୦୨୬ ସନ୍ଧ୍ୟା ୪:୦୦ ରୁ ୩୦ ଜୁଲାଇ ୨୦୨୬ ରାତି ୧୧:୪୫ ଯାଏ ଆବେଦନ ସୀମା ରଖାଯାଇଛି। ପୂର୍ବରୁ ଦାଖଲ କରାଯାଇଥିବା କାଫ୍ ରେ ସଂଶୋଧନ ଲାଗି ୩୧ ଜୁଲାଇ ୨୦୨୬ ସକାଳ ୧୧:୦୦ଟାରୁ ରାତି ୧୧:୪୫ଟା ପର୍ଯ୍ୟନ୍ତ ରଆବେଦନ କରିହେବ।

# ରୂପ୍‌ସାରୁ ଜୁକନଣ୍ଡୀ ରାସ୍ତା ବେହାଲ: ୩ ବର୍ଷରେ ପାଣିରେ ପଡିଲା ୪ କୋଟି

ବସ୍ତା, ୦୭/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରୂପସାର ବଗଜଟିଆ ପୋଲ ଠାରୁ ଭାୟା ଆଗ୍ରିଆ ଗାଁ ଦେଇ ୧୬ ନଂ ଜାତୀୟ ରାଜପଥର ଜୁକନଣ୍ଡୀ ଛକ ସହ ସଞ୍ଜୁକ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସୂଚନା ଅନୁଯାୟୀ ଏହି ସଡ଼କ ଗ୍ରାମ୍ୟ ଉନୟନ୍ନ ବିଭାଗ ପକ୍ଷରୁ ମାତ୍ର ୩ ବର୍ଷ ତଳେ ସମ୍ପୂର୍ଣ ହୋଇଥିଲା।ଏହି ରାସ୍ତା ପାଇଁ ୩ କୋଟି ୯୦ ଲକ୍ଷ ୩୯ ହଜାର ଟଙ୍କା ବ୍ୟୟ ହୋଇଥିଲା। ସୂଚନା ଫଳକରେ ଏହି ରାସ୍ତାକୁ ୫ କିଲୋମିଟର ୩ ଶହ ମିଟର ଦର୍ଶା ଯାଉଥିବା ବେଳେ ପ୍ରକୃତ ପକ୍ଷେ ୩ କିଲୋମିଟରରୁ ଉର୍ଦ୍ଧ ହେବ। ତେବେ ଅଧିକ ରାସ୍ତା ଦର୍ଶାଇ ବିପୁଳ ଅର୍ଥ ହେରଫେର ହୋଇଥିବା ଲୋକେ ଅଭିଯୋଗ କରୁଛନ୍ତି। ରାସ୍ତାଟି ରୂପସା ଓ ବସ୍ତା ଅଞ୍ଚଳ ଲୋକଙ୍କ ପାଇଁ ବହୁତ ଉପଯୋଗୀ ହୋଇଥିବା ବେଳେ ତାହା ଗୁଣାତ୍ମକ ମାନର ହୋଇ ନ ଥିବାରୁ ଏବେ ଖୁବ୍ ଶୋଚନୀୟ ହୋଇପଡ଼ିଛି। ଯାତାୟତ ବେଳେ ଲୋକେ ବଡ଼ ହନ୍ତସନ୍ତ ହେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଉତ୍ତର ବାଲେଶ୍ୱର ପଟୁ ରୂପସା ରେଳ ଷ୍ଟେସନକୁ ଯିବା ପାଇଁ ୫ କିଲୋମିଟର ରାସ୍ତା କମି ଯାଉଥିବାରୁ ଏହି ବାଟେ ଯିବାକୁ ଲୋକେ ପସନ୍ଦ କରନ୍ତି ।ମାତ୍ର ରାସ୍ତାଟିର ଏକ କଲଭର୍ଟ ପୋଲ ବର୍ଷେ ତଳେ ନଷ୍ଟ ହେବାରୁ ନୂତନ ଭାବେ ତାହା ନିର୍ମିତ ହୋଇଛି। ତାହା ମଧ ନିମ୍ନ ମାନର ହୋଇଥିବାରୁ ରାସ୍ତା ଓ ପୋଲ ଅବୁଡ଼ା ଖାବୁଡ଼ା ହୋଇଛି। ରାସ୍ତା ନିର୍ମାଣରେ ଖଇଚା କାମ ହୋଇଥିବାରୁ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେବା ସହିତ ତୁରନ୍ତ ମରାମତି ପାଇଁ ଦାବି ହୋଇଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida